

ଖାନ୍ ସାର୍‌ଙ୍କ ଗିରଫ ପରଓ୍ୱାନା ରଦ୍ଦ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 79 ଭାଗ ୩୪ | ସଂଖ୍ୟା ୭୯ | Wednesday 10 June 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୧୦ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ମୋଦି ଚିରସ୍ରୋତା ପ୍ରଗତିର ବିକାଶ ପୁରୁଷ



## ସେବା ଓ ସମର୍ପଣକୁ ୧୨ ବର୍ଷ

### ୧୨ ଶାସନରେ ସଫଳତାର ହିସାବ ରଖିଲେ ମୁଖ୍ୟମନ୍ତ୍ରୀ

### ସର୍ବାଧିକ ସମୟ ଶାସନ ମୁଖ୍ୟ ରହିବାର ବିରଳ ରେକର୍ଡ

### ପଶ୍ଚିମ ଏସିଆ ସଙ୍କଟ ସତ୍ତ୍ୱେ କମିନାହିଁ ଅଭିବୃଦ୍ଧି ହାର

### ମଜବୁତ ଭିତ୍ତିଭୂମି ଓ ଡିଜିଟାଲ ଇକୋସିଷ୍ଟମ

### ଉର୍ଜା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆତ୍ମନିର୍ଭର ହୋଇଛି ଦେଶ

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାରର ମିଳିତ ସମନ୍ୱୟ ଯୋଗୁ ଓଡ଼ିଶାର ବିକାଶ ପ୍ରକ୍ରିୟା ପ୍ରଭାବଶାଳୀ ହୋଇଛି। ଯୋଗାଯୋଗ, ଶିଳ୍ପ, ଭିତ୍ତିଭୂମି, କୃଷି, ନାରୀ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ରୀୟ ଯୋଜନାର ଦୃଢ଼ ରୂପାୟନ ମାଧ୍ୟମରେ ପ୍ରତିଟି ନାଗରିକଙ୍କୁ ସଶକ୍ତ କରାଯାଉଛି। କେନ୍ଦ୍ର ସରକାରଙ୍କ ସେବା ଓ ସମର୍ପଣର ୧୨ ବର୍ଷ ଏବଂ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ସେବାର ୧୨ ବର୍ଷ ଓ ତୃତୀୟ ପାଳିର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମେଘୱାଲ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ। ବିଗତ ବର୍ଷଗୁଡ଼ିକରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରକଲ୍ୟାଣକାରୀ ନୀତି ଯୋଗୁଁ ସମଗ୍ର ଦେଶ ସହିତ ଓଡ଼ିଶାରେ ସୃଷ୍ଟି ହୋଇଥିବା ପ୍ରଗତିର ନୂତନ ଦିଗନ୍ତ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି କେନ୍ଦ୍ର ସରକାରଙ୍କ ନିରନ୍ତର, ସ୍ୱଚ୍ଛସେବା, ସୁଦୃଢ଼ ସୁଶାସନ ଓ ବ୍ୟାପକ ଗରିବ କଲ୍ୟାଣର ଅଭିଯାତ୍ରାର ୧୨ ବର୍ଷ ଓ ପୃଷ୍ଠା-୬

## ଡବଲ ଇଞ୍ଜିନରେ ପ୍ରଭାବଶାଳୀ ହୋଇଛି ବିକାଶ



### ସ୍ୱାବଲମ୍ବୀ ଓ ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ

### ରାଜ୍ୟରେ ଯୋଗାଯୋଗ ଓ ଭିତ୍ତିଭୂମିର ମହାମେଳି

### ସାମାଜିକ ସୁରକ୍ଷା, ଆଦିବାସୀ ବିକାଶକୁ ମିଳିଛି ଗତି

### ଦୃଢ଼ ନୀତି ଯୋଗୁଁ ରାଜ୍ୟରୁ ଶେଷ ହୋଇଛି ନକ୍ସଲବାଦ

### ରାଜ୍ୟର ଦକ୍ଷତା ମଡେଲକୁ 'ସର୍ବୋତ୍ତମ ଅଭ୍ୟାସ' ମାନ୍ୟତା

### ପିଏମ ମାତୃବନ୍ଦନା ଓ ଲକ୍ଷପତି ଦିଦି ନାରୀ ଶକ୍ତିର ପ୍ରତୀକ

କେନ୍ଦ୍ରରେ ୧୨ ବର୍ଷର ମୋଦି ସରକାରର ସଫଳତା ସହ ରାଜ୍ୟରେ ମଧ୍ୟ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ସଫଳତାର ଦୁଇ ବର୍ଷ ପୂରଣ କରିଛି। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ଦ୍ରୁତ ଗତିରେ କାର୍ଯ୍ୟ ଚାଲିଛି। ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କେନ୍ଦ୍ରୀୟ ଯୋଜନାଗୁଡ଼ିକ ଠିକ୍ ଭାବେ ଲାଗୁ ହେଉ ନ ଥିଲା, କିନ୍ତୁ ଏବେ ଉପଯୁକ୍ତ ସମନ୍ୱୟ କାରଣରୁ ପ୍ରତ୍ୟେକଟି ଯୋଜନାର ସୁଫଳ ଓଡ଼ିଶାବାସୀଙ୍କ ପାଖରେ ସିଧାସଳଖ ପହଞ୍ଚୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ପ୍ରଗତିର ତାଲିକା ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପାଇଁ ଚଳିତ ଆର୍ଥିକ ବର୍ଷରେ ରେଳ ବଜେଟ୍ ରେକର୍ଡ ୧୦,୯୨୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଚାଲିଛି ଏବଂ ଓଡ଼ିଶା ଶତ ପ୍ରତିଶତ ରେଳ ବିଦ୍ୟୁତିକରଣ ହାସଲ କରିଛି। 'ଅମୃତ ଭାରତ ଷ୍ଟେସନ' ଯୋଜନାରେ ୫୯ଟି ଷ୍ଟେସନର ଆଧୁନିକୀକରଣ ଚାଲିଛି। ସାଗରମାଳା ଓ ପିଏମ୍ ଗତିଶକ୍ତି ଯୋଜନାରେ ଗଞ୍ଜାମର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ସାଟେଲାଇଟ୍ ବନ୍ଦର ପ୍ରତିଷ୍ଠା ହେଉଛି। କେନ୍ଦ୍ରାପଡ଼ାର ମହାନଦୀ ମୁହାଣରେ ୨୨,୭୦୦ କୋଟି ଟଙ୍କା ବ୍ୟୟରେ ଏକ ମେଗା ଜାହାଜ ନିର୍ମାଣ କ୍ଲଷ୍ଟର, ଜଟାଧାର ମୁହାଣରେ କ୍ୟାପ୍ଟିଭ୍ ଜେଟି ଏବଂ ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ହେଉଛି। ୧୨,୨୦୦ କୋଟି ବ୍ୟୟରେ ନ୍ୟାସନାଲ୍ ୱାଟର-ୱେ-୫ ର ବିକାଶ କରାଯାଉଛି, ଯାହା ଅନୁଗୋଳ ଓ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ପାରାଦୀପ ଓ ଧାମରା ବନ୍ଦର ସହ ଯୋଡ଼ିବ। 'ଉଡାନ' ଯୋଜନାରେ ରଙ୍ଗେଇଲୁଣ୍ଡା, ଜୟପୁର, ଉତ୍କେଳା, ଅମର୍ଦାରୋଡ୍ ଏବଂ ଦାଣ୍ଡବୋଷ ବିମାନବନ୍ଦରର ବିକାଶ ପାଇଁ ବ୍ୟୟବରାଦ କରାଯାଇଛି। ପୁରୀରେ ଗୋଟିଏ ଇଣ୍ଟରନାସନାଲ ଏୟାରପୋର୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଓଡ଼ିଶା ପାଇଁ ୮୦ ହଜାର କୋଟି ଟଙ୍କାର ପୃଷ୍ଠା-୬

## ଦୀଘା ଜଗନ୍ନାଥ ଧାମରୁ ହଟିବ 'ଧାମ' ଶବ୍ଦ



### ମୋହନଙ୍କ ହସ୍ତକ୍ଷେପ ପରେ ତୁଟିଲା ବିବାଦ

### ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ନାମରେ ହେବ ନାମିତ

### ଧାମ ଶବ୍ଦ ଯୋଡ଼ି ପୂର୍ବ ସରକାର ଭୁଲ କରିଥିଲେ: ଶୁଭେନ୍ଦୁ

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ପ୍ରାୟ ଦୁଇ ବର୍ଷର ବିବାଦ ପରେ ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦକୁ ହଟାଯାଇଛି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ସରକାରର ପତନ ପରେ ଏହା ସମ୍ଭବ ହୋଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଚିଠି ଲେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଚିଠି ପରେ ଦୀଘା ଜଗନ୍ନାଥ ଧାମ ନାଁରୁ 'ଧାମ' ଶବ୍ଦ ହଟାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି। ନୂଆ ନିଷ୍ପତ୍ତି ଅନୁସାରେ, ଦୀଘା ଜଗନ୍ନାଥ ଧାମ ବଦଳରେ ଏହାର ନାମ ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର କରାଯିବ। ଶୁଭେନ୍ଦୁ କହିଛନ୍ତି, ପୂର୍ବ ସରକାର ଦୀଘା ମନ୍ଦିର ସହ 'ଧାମ' ଶବ୍ଦ ଯୋଡ଼ି ଭୁଲ କରିଥିଲେ। ତାଙ୍କ ମତରେ, ପୁରୀ ଶ୍ରୀଜଗନ୍ନାଥ ଧାମର ସ୍ୱତନ୍ତ୍ର ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି। ସେହି ଭାବନାକୁ ସମ୍ମାନ ଦେଇ ଦୀଘାରୁ 'ଧାମ' ଶବ୍ଦ ହଟାଯିବ। ଏହି ପ୍ରସଙ୍ଗରେ ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ମଧ୍ୟ ପୃଷ୍ଠା-୬

### ନିଟ୍ ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଅଭୟବାଣୀ

## ଚିନ୍ତାମୁକ୍ତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତି କରନ୍ତୁ



### ପ୍ରଶ୍ନପତ୍ର ପ୍ରସ୍ତୁତିରୁ ପରୀକ୍ଷା ପର୍ଯ୍ୟନ୍ତ ବ୍ୟବସ୍ଥାର ସମୀକ୍ଷା

### ଦଣ୍ଡିତ ହେବେ ବିଶ୍ୱାସ ଭାଙ୍ଗିଥିବା ବ୍ୟକ୍ତି

ନୂଆଦିଲ୍ଲୀ,୯।୬(ସଂଚାର ବ୍ୟୁରୋ): ନିଟ ପ୍ରଶ୍ନପତ୍ର ବିଭାଟ ଓ ଆସନ୍ତା ୨୧ରେ ହେବାକୁ ଥିବା ପୁନଃ ପରୀକ୍ଷା ନେଇ ଆଜି ମୁହଁ ଖୋଲିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପୂର୍ବ ପରୀକ୍ଷାରେ ହୋଇଥିବା ତ୍ରୁଟିର ଯେପରି ପୁନରାବୃତ୍ତି ନ ହେବ ଓ ଜୁନ ୨୧ରେ ହେବାକୁ ଥିବା ପରୀକ୍ଷାରେ କିପରି ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇପାରିବ, ସେନେଇ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏନଟିଏରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି।

ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା ସମ୍ପର୍କରେ ସେ ଏନଟିଏ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥର ନିଟ୍ (ୟୁଜି) ପରୀକ୍ଷା ପରିଚାଳନାକୁ ଅଧିକ ସ୍ୱଚ୍ଛ ଓ ସତର୍କତାର ସହ କରିବାକୁ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଯେଉଁ ଯେଉଁ ବିଭାଗଗୁଡ଼ିକ ଏହି ପ୍ରକ୍ରିୟାରେ ସାମିଲ ଅଛନ୍ତି, ସେମାନଙ୍କ ସହ ନିୟମିତ ଆଲୋଚନା କରାଯାଉଛି। ନିଜେ କ୍ୟାବିନେଟ ସଚିବ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ଏ ଭିତରେ କେନ୍ଦ୍ରମନ୍ତ୍ରୀ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖି ପରୀକ୍ଷା ପରିଚାଳନାରେ ସହଯୋଗ ଲୋଡ଼ିଥିଲେ। ଆଉ ରାଜ୍ୟମାନେ ମଧ୍ୟ ଏ ଦିଗରେ ଦୃଢ଼ ଭାବେ ସହଯୋଗ କରୁଛନ୍ତି। କିଛି ରାଜ୍ୟରେ ମୁଖ୍ୟମନ୍ତ୍ରୀମାନେ ଜିଲ୍ଲାପାଳ ଓ ଏସପିଙ୍କ ସହ ପରୀକ୍ଷା ପୃଷ୍ଠା-୬

## ବଢ଼ିଲା ଗୃହରକ୍ଷୀଙ୍କ ଦୈନିକ ଭତ୍ତା

### ପାଉଥିଲେ ୬୩୯, ପାଇବେ ୬୫୦

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରକ୍ଷୀମାନଙ୍କ ଦୈନିକ ଭତ୍ତା (ଡିସିଏ) ୬୩୯ ଟଙ୍କାରୁ ୬୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ଭତ୍ତା ୨୦୨୬ ଜାନୁଆରୀ ୧ ତାରିଖରୁ ଲାଗୁ ହେବ। ସୂଚନାଯୋଗ୍ୟ ଯେ ୨୦୨୫ ଜୁଲାଇ ପହିଲାରେ ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୨୩ରୁ ୬୩୯ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ନିୟମିତ କର୍ମଚାରୀମାନଙ୍କ ପାଇଁ ୨ ପ୍ରତିଶତ ଅତିରିକ୍ତ ମହଙ୍ଗା ଭତ୍ତା ୨୦୨୬ ଜାନୁଆରୀ ପହିଲାରୁ ବୃଦ୍ଧି କରିଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଗୃହରକ୍ଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

### ମୋହନ ନେଲେ ବଡ଼ ଆକ୍ସନ

## ୩ ଦୁର୍ନୀତିଖୋର୍ ଯନ୍ତ୍ରୀ ନିଲମ୍ବିତ

ବରଗଡ଼,୯।୬(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନେଇଛନ୍ତି ବଡ଼ ଆକ୍ସନ୍। ତାଙ୍କ ସରକାର ଦୁନର୍ୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିଆସୁଥିବା ବେଳେ ଆଜି ୩ ଜଣ ଇଞ୍ଜିନିୟର୍‌ଙ୍କୁ ଚାକିରିରେ ନିଲମ୍ବନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ନିଲମ୍ବିତ ହୋଇଥିବା ୩ ଯନ୍ତ୍ରୀ ହେଲେ ବରଗଡ଼ ଜଳସେଚନ ଡିଭିଜନର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ମଦନ ମୋହନ ସେଠୀ, ଭେଡେନ ଜଳସେଚନ ସବଡିଭିଜନ୍‌ର ଆସିଷ୍ଟାଣ୍ଟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜକୁମାର ମିଶ୍ର ଓ ବରଗଡ଼ କେନାଲ ସେକ୍ସନର ଆସିଷ୍ଟାଣ୍ଟ ଇଞ୍ଜିନିୟର ରଞ୍ଜନ ପଟେଲ୍। ଆର୍ଥିକ ଅନିୟମିତତା ଅଭିଯୋଗରେ ସମସ୍ତଙ୍କୁ ନିଲମ୍ବିତ କରାଯାଇଛି। ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ପୃଷ୍ଠା-୬

## 'ମେହେର ମୁଣ୍ଡା'କୁ କରମୁକ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନିକୁଞ୍ଜ ହୋତାଙ୍କ ନିର୍ଦ୍ଦେଶିତ ଓଡିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରମୁକ୍ତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଓଡିଶାର ହସ୍ତତନ୍ତ ବୁଣାକାର ସଂପ୍ରଦାୟଙ୍କ ଜୀବନ, ସଂଘର୍ଷ, ସହନଶୀଳତା ଓ ସଫଳତା ଉପରେ ଆଧାରିତ ଏହି ଚଳଚ୍ଚିତ୍ର ୨୦୨୬ ମେ ୧୫ ତାରିଖରେ ମୁକ୍ତିଲାଭ କରିଛି। ଓଡିଶାର ମହାନ ପାରମ୍ପରିକ ଐତିହ୍ୟ ଓ କାରିଗରୀ କୌଶଳକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ନିଚ୍ଛକ ଭାବେ ପ୍ରଦର୍ଶିତ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ କରମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ବାପି ସର୍ଖେଲ ଟଙ୍କାଖିଆ ସାର୍କ

### ଆଇଓସିଏଲରୁ ଆଦାୟ ହେଉଥିଲା ପ୍ରୋଟେକ୍ସନ ମନି

### ପୋଲ୍ ଖୋଲିଲେ ବ୍ୟବସାୟୀ





ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ବିଜେଡିର କିଛି ତଥାକଥିତ ବଡ଼ପଣ୍ଡାଙ୍କ ବଳରେ ବଳୀୟାନ ଶ୍ରମିକ ନେତା ଅରିନ୍ଦମ ସର୍ଖେଲ ଓରଫ ବାପି ସର୍ଖେଲଙ୍କ ପୋଲ୍ ଖୋଲିଛନ୍ତି ଯୁବ ବ୍ୟବସାୟୀ ଓ ପାରାଦୀପ ବନ୍ଦର ମଜଦୁର ସଂଘର ସଭାପତି ରାକେଶ ପଟ୍ଟନାୟକ। ଗତକାଲି ବାପି ସର୍ଖେଲଙ୍କ ସାମ୍ବାଦିକ ସମ୍ମିଳନୀରେ ରାକେଶଙ୍କୁ ଅପରାଧୀ ଭାବେ ଚିତ୍ରଣ କରିବା ପରେ ଆଜି ସେ ବାପିଙ୍କ କଳା କାର୍‌ନାମାର ତାଲିକା ଦେଇଛନ୍ତି। ୨୦୦୭ରେ ବାପି ସର୍ଖେଲଙ୍କ ପାରିବାରିକ କମ୍ପାନୀ ସାର୍କ ଗ୍ରୁପ ମାର୍କେଟିଂ ଲିମିଟେଡ୍‌ରେ ମ୍ୟାନେଜର ଭାବେ ଚାକିରି କରିଥିବା ରାକେଶ ଅଭିଯୋଗ କରିଛନ୍ତି ଯେ ନିଜକୁ ଶ୍ରମିକ ନେତା ବୋଲାଇ ବାପି ଆଇଓସିଏଲରୁ ପ୍ରୋଟେକ୍ସନ ମନି ନାଁରେ କୋଟି କୋଟି ଟଙ୍କାର ଚାନ୍ଦା ଆଦାୟ କରୁଥିଲେ। ସେ ଅଭିଯୋଗ କରିଛନ୍ତି ଯେ ସେ ସମୟରେ ବାପି ସର୍ଖେଲ ଆଇଓସିଏଲରେ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ନାମରେ ଏକ ସଂଗଠନ କରିଥିଲେ। ସେତେବେଳେ ଏହି କମ୍ପାନୀ ଆକାଉଣ୍ଟକୁ ଆଇଓସିଏଲରେ କାର୍ଯ୍ୟ କରୁଥିବା ବିଭିନ୍ନ କମ୍ପାନୀରୁ ପ୍ରାୟ ପୃଷ୍ଠା-୬

### ସୁଦୃଢ଼ ହେବ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା

## ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୭୫୫ ନୂତନ ପଦବୀ ମଞ୍ଜୁର



ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଓ ଲୋକଙ୍କ ନିକଟରେ ଉନ୍ନତ ମାନର ଚିକିତ୍ସା ସେବା ପହଞ୍ଚାଇବା ଲକ୍ଷ୍ୟରେ ଓଡ଼ିଶା ସରକାର ଆଜି ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ଚିକିତ୍ସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଓ ରୋଗୀସେବାକୁ ସୁଦୃଢ଼ କରିବା ପାଇଁ ମୋଟ ୭୫୫ଟି ନୂତନ ପଦବୀକୁ ମଞ୍ଜୁରୀ ଦିଆଯାଇଛି। ଏହି ନିଷ୍ପତ୍ତି କେବଳ ନୂତନ ପଦବୀ ସୃଷ୍ଟିରେ ସୀମିତ ନୁହେଁ; ବରଂ ରାଜ୍ୟରେ ଚିକିତ୍ସା ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଦକ୍ଷ ଡାକ୍ତର ସୃଷ୍ଟି ଓ ରୋଗୀଙ୍କୁ ଅଧିକ ଉନ୍ନତ ଓ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଏକ ଦୂରଦର୍ଶୀ ପଦକ୍ଷେପ।

ମଞ୍ଜୁର ହୋଇଥିବା ପଦବୀଗୁଡ଼ିକ ମଧ୍ୟରେ ୭ଟି ପ୍ରଫେସର, ୩୫ଟି ଆସୋସିଏଟ୍ ପ୍ରଫେସର, ୫୦ଟି ଆସିଷ୍ଟାଣ୍ଟ ପ୍ରଫେସର, ୨୯ଟି ଟ୍ୟୁଟର, ୨୪୮ଟି ସିନିୟର ରେସିଡେଣ୍ଟ୍, ୧୯୦ଟି ଜୁନିୟର ରେସିଡେଣ୍ଟ (ଏମ୍‌ବିବିଏସ୍), ୧୧୨ଟି କାଜୁଆଲଟି ମେଡିକାଲ ଅଫିସର (ସିଏମ୍‌ଓ) ଏବଂ ୮୪ଟି ବ୍ଲଡ୍ ବ୍ୟାଙ୍କ ଅଫିସର (ବିବିଓ) ପଦବୀ ରହିଛି। ଏହି ପଦବୀଗୁଡ଼ିକ ପୂରଣ ପୃଷ୍ଠା-୬

## ଟ୍ରକ୍ ଚାପାରେ ମା'-ଝିଅ ମୃତ

### ମନରୁ ଲିଭିନି ପିପିଲି ଅଘଟଣ



ବଲାଙ୍ଗୀର,୯।୬(ସଂଚାର ବ୍ୟୁରୋ): ଗତବର୍ଷ ପୁରୀ ଜିଲ୍ଲାର ପିପିଲି ଅଞ୍ଚଳରେ ଜନୈକା ସାମ୍ବାଦିକାଙ୍କ ସମେତ ଦୁଇ ଜଣ ମହିଳା ମୃତ୍ୟୁବରଣ କରିବା ଘଟଣା ମନରୁ ଲିଭିନାହିଁ। ରାସ୍ତାରେ ପଡ଼ିଥିବା ବାଲିରେ ହଠାତ୍ ସ୍କୁଟି ଚକା ସ୍ଲିପ୍ କରିବା ଫଳରେ ଉଭୟ ପଡ଼ିଯାଇଥିଲେ ଓ ପଛରେ ଆସୁଥିବା ଏକ ବସ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ସାମ୍ବାଦିକ ଶିଳା ପଟ୍ଟନାୟକ ଓ ତାଙ୍କ ବାନ୍ଧବୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତେବେ ପାଖାପାଖି ଦେଢ଼ ବର୍ଷ ତଳେ ଘଟିଥିବା ଏହି ଦୁର୍ଘଟଣାକୁ ପୁଣି ତାଜା କରିଛି ଆଜି ବଲାଙ୍ଗୀରରେ ଘଟିଥିବା ଏକ ଦୁର୍ଘଟଣା। ପିପିଲି ଘଟଣାରେ ରାସ୍ତାରେ ଜମିଥିବା ବାଲି କାଳ ସାଜିଥିବା ବେଳେ ବଲାଙ୍ଗୀର ଘଟଣାରେ କାଦୁଆ ସାଜିଛି ଯମଦୂତ। କାଦୁଅରେ ଚକା ସ୍ଲିପ୍ କରିବା ଫଳରେ ମା'-ଝିଅଙ୍କ ଉପରେ ଏକ ଦ୍ରୁତଗାମୀ ଟ୍ରକ୍ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି।

ମିଳିଥିବା ସୂଚନାନୁସାରେ, ଆଜି ସକାଳ ପ୍ରାୟ ୭ଟା ସମୟରେ ସ୍ଥାନୀୟ ତାଳପାଲିପଡ଼ା ନିବାସୀ ସୁନୀତା ନାଗ ଓ ତାଙ୍କ ଝିଅ ଶ୍ରୁତି ନାଗ ସ୍କୁଟି ଯୋଗେ ଯାଉଥିଲେ। ଶ୍ରୁତି ତାଙ୍କ ମା' ସୁନୀତା ସ୍ଥାନୀୟ ଏକ ବେସରକାରୀ ହସ୍ପିଟାଲ୍‌ରେ ଚାକିରି କରିଥିବା ବେଳେ ଆଜି ସକାଳେ ଶ୍ରୁତି ତାଙ୍କୁ ଛାଡ଼ିବା ସକାଶେ ଯାଉଥିଲେ। ତେବେ ସେମାନେ ଏନ୍‌ଏଚ୍ ୨୬ରେ ଯାଉଥିବା ସମୟରେ ଗାନ୍ଧୀନଗରପଡ଼ାଠାରେ ଏକ ଟ୍ରକ୍‌କୁ ସାଇଡ୍ ଦେବା ସକାଶେ ଗାଡ଼ି ଚଳାଉଥିବା ଶ୍ରୁତି ପୃଷ୍ଠା-୬

## ଅପାରଗତା ଲୁଚାଇବାକୁ ଚକ୍ରାନ୍ତକାରୀଙ୍କ ବିରୋଧ



### ବିଜେଡିରେ ସୁଜାତା ପ୍ରସଙ୍ଗ

### ସୁଜାତାଙ୍କ ସପକ୍ଷରେ ଯୁବନେତା

### ପରିବର୍ତ୍ତନ ଉପରେ ବିଜେପିର ନଜର

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ପୂର୍ବତନ ଆଇଏଏସ୍ ଅଧିକାରୀ ସୁଜାତା କାର୍ତ୍ତିକେୟନ ବିଜେଡିରେ ପ୍ରବେଶ କରିବା ପ୍ରସଙ୍ଗ ଆଲୋଚନା ପରିସରକୁ ଆସିବା ପରେ ବିଜେଡିର ଗୋଟିଏ ଗୋଷ୍ଠୀ ଏବେ ତାଙ୍କୁ ବିରୋଧ କରିବା ଆରମ୍ଭ କରିଦେଇଛନ୍ତି। ତେବେ ଏହି ବିରୋଧୀମାନେ ଦଳର ବୟସ୍କ ନେତା ଓ ଏମାନଙ୍କ ମଧ୍ୟରେ କେତେକ ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଥିବା ବେଳେ ଆଉ କିଛି ହାରୁ ହାରୁ ଜିତିଯାଇଛନ୍ତି। ଗୋଟିଏ ପଟେ ବୁଢ଼ା ନେତାମାନେ ବିରୋଧ କରୁଥିବା ବେଳେ ଅନ୍ୟ ପଟେ କିନ୍ତୁ ଦଳର ଯୁବନେତା ସୁଜାତା ବିଜେଡିକୁ ଆସିଲେ ଲାଭ ହେବ ବୋଲି ଖୋଲାଖୋଲି କହୁଛନ୍ତି।

ବିଜେଡି ନିର୍ବାଚନ ହାରିବା ପରଠାରୁ ଦଳ ଭିତରେ ସଭାପତି ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀଙ୍କୁ ନେଇ ଆଲୋଚନା ଜାରି ରହିଛି। ଉତ୍ତରାଧିକାରୀ ନ ହେଲେ ନାହିଁ, ନବୀନ ମାର୍ଗଦର୍ଶକ ହୋଇ ଜଣେ ବିଶ୍ୱସ୍ତ ଲୋକଙ୍କୁ ଦଳର ଦାୟିତ୍ୱ ଦେବା ପାଇଁ ବି ମତ ପ୍ରକାଶ ପାଉଛି। ଏଭଳି ଆଲୋଚନା ଭିତରକୁ ହଠାତ୍ ପଶିଆସିଛନ୍ତି ସୁଜାତା। ଉଚ୍ଚଶିକ୍ଷିତା ସୁଜାତା ଆଇଏଏସ୍ ଚାକିରି ଛାଡ଼ିବା ସହ ସାଧାରଣ ଜୀବନଯାପନ କରୁଛନ୍ତି। ରାଜନୀତିରୁ ଦୂରେଇ ରହିଥିବା ସୁଜାତା କିନ୍ତୁ ବିଜେଡିରେ ଯୋଗଦେବା ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ନବୀନ ପଟ୍ଟନାୟକଙ୍କ ଦିଲ୍ଲୀ ଗସ୍ତ ସମୟରେ ସୁଜାତାଙ୍କ ବିଜେଡି ପ୍ରବେଶ ନେଇ ବଡ଼ଭାଇ ପ୍ରେମ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିବା କେତେକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଜେଡି ଭିତରେ ହଲଚଲ ସୃଷ୍ଟି ହୋଇଛି। ଦଳର ବୟସ୍କ ନେତା, ଯେଉଁମାନେ ପୂର୍ବରୁ ପାଣ୍ଡିଆନଙ୍କୁ ବିରୋଧ କରୁଥିଲେ ସେମାନେ ଏବେ ସୁଜାତାଙ୍କୁ ବିରୋଧ କରିବା ଆରମ୍ଭ କରିଦେଇଛନ୍ତି।

କିନ୍ତୁ ବିଜେଡିର ଭବିଷ୍ୟତ କୁହାଯାଉଥିବା ଯୁବ ଚେହେରାମାନେ ସୁଜାତାଙ୍କ ସପକ୍ଷରେ ଅଛନ୍ତି। ଉଚ୍ଚଶିକ୍ଷିତ ସୁଜାତା ବିଜେଡିକୁ ଆସିଲେ ଦଳ ଆହୁରି ସକ୍ରିୟ ହେବ ବୋଲି ସେମାନେ ଖୋଲାଖୋଲି କହୁଛନ୍ତି। ଉଲ୍ଲେଖନୀୟ ଯେ କେନ୍ଦ୍ରାପଡ଼ାର ଝିଅ ସୁଜାତା ଦିଲ୍ଲୀର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଲେଡି ଶ୍ରୀରାମ କଲେଜ ଓ ପରେ ଜେଏନୟୁରୁ ପୃଷ୍ଠା-୬

# ଲତିକାଙ୍କ ପାଇଁ ଆବାସ ସାତସପନ

**ଭଙ୍ଗା କୁଡ଼ିଆରେ ବିତୁଛି ୫ ପ୍ରାଣୀଙ୍କ ଜୀବନ**

**ଗୁହାରି ସତ୍ତ୍ୱେ ଶୁଣୁନି ପ୍ରଶାସନ ଓ ଜନପ୍ରତିନିଧି**

**ମହାକାଳପଡ଼ା,୯।୬ (ସଂଚାର ବ୍ୟୁରୋ):** ଗରିବ ଓ ଅସହାୟ ପରିବାରଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କା ଘର ଯୋଗାଇ ଦେବା ଲକ୍ଷ୍ୟରେ ସରକାର ବିଭିନ୍ନ ଆବାସ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଆଜି ବି ଅନେକ ପ୍ରକୃତ ହିତାଧିକାରୀ ସେହି ସୁବିଧାରୁ ବଞ୍ଚିତ ରହିଛନ୍ତି। ଏଭଳି ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତର ତେରଗାଁ ଗ୍ରାମରେ।

ଗ୍ରାମର ଧୁଳ ସ୍ୱାଇଁଙ୍କ ପତ୍ନୀ ଲତିକା ସ୍ୱାଇଁ ଦୀର୍ଘ ବର୍ଷ ଧରି ପରିବାରର ଅନ୍ୟ ଚାରିଜଣ ସଦସ୍ୟଙ୍କ ସହ ଏକ ଜରାଜୀର୍ଣ୍ଣ ଚାଳଛପର ଘରେ ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ହେଲେ ସରକାରଙ୍କ ଆବାସ ଯୋଜନା ସେମାନଙ୍କ ପାଇଁ ଏବେ ସାତସପନ ପାଲଟିଛି। ପରିବାରର ପାଞ୍ଚ ଜଣ ସଦସ୍ୟଙ୍କ ପାଇଁ ଏହି ଭଙ୍ଗା ଘର ହିଁ ଏକମାତ୍ର ଆଶ୍ରୟସ୍ଥଳ। ବର୍ଷା ଦିନ ଆସିଲେ ଦୁଃଖ ଯେପରି ଦ୍ୱିଗୁଣିତ ହୋଇଯାଏ। ଘରର



ଚାଳ ଫାଟି ଯାଇଥିବାରୁ ବର୍ଷା ପାଣି ସିଧାସଳଖ ଘର ଭିତରକୁ ପଶିଯାଉଛି। ଘରର ଚାରିକାନ୍ଥ ମଧ୍ୟ ଦୁର୍ବଳ ହୋଇ ପଡ଼ିଥିବାରୁ ଝଡ଼ ଓ ପବନ ସମୟରେ ଘରଟି ଯେ କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏଭଳି ଭୟ ଓ ଆତଙ୍କ ଭିତରେ ଦିନ କାଟୁଛନ୍ତି ଲତିକା ଓ ତାଙ୍କ ପରିବାର।

ଏକ ଖଣ୍ଡ ପକ୍କା ଘର ପାଇଁ ଲତିକା ବାରମ୍ବାର ସ୍ଥାନୀୟ ପ୍ରଶାସନ, ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ଜନପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ତାଙ୍କର ଆକୁଳ ନିବେଦନ କାହାର କାନରେ ପଡୁନଥିବା ସେ ଅଭିଯୋଗ କରିଛନ୍ତି। ଅନେକ ଥର ଆଶ୍ୱାସନ ମିଳିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ଭାଗ୍ୟରେ ପକ୍କା ଘର ଖଣ୍ଡିଏ ଜୁଟିନାହିଁ। ଫଳରେ ଭାଗ୍ୟକୁ ଆଦରି ସେହି ଭଙ୍ଗା କୁଡ଼ିଆ ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ତାଲିକାରେ ଅନେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସ୍ଥାନ ପାଉଥିବା ବେଳେ ପ୍ରକୃତରେ ଅସହାୟ ଓ ଗରିବ ହିତାଧିକାରୀମାନେ କିପରି ବଞ୍ଚିତ ହେଉଛନ୍ତି, ଲତିକାଙ୍କ ଘଟଣା ତାହାର ଜ୍ୱଳନ୍ତ ଉଦାହରଣ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଦିନକୁ ଦିନ ଭଙ୍ଗା ଘରର ଅବସ୍ଥା ଆହୁରି ଶୋଚନୀୟ ହେଉଥିବାରୁ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଲତିକା ସ୍ୱାଇଁଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ଗ୍ରାମବାସୀ ଦାବି କରିଛନ୍ତି।

## କମ୍ପାନୀ ଦ୍ୱାରା ପ୍ରଭାବିତ ହୋଇ ଲୋକଙ୍କୁ ହଇରାଣ କରୁଛନ୍ତି ତହସିଲଦାର



**ସ୍ଥିତିବାନ ସମ୍ପତ୍ତିରୁ ବେଦଖଲ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ**

**କେନ୍ଦ୍ରାପଡ଼ା,୯।୬(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ତହସିଲଦାର ଏକ କମ୍ପାନୀ ଦ୍ୱାରା ପ୍ରଭାବିତ ହୋଇ ଲୋକଙ୍କୁ ହଇରାଣ ହରକତ କରୁଛନ୍ତି । ନିଜ ଜାଗାରେ ଦୋକାନ କରିଥିବା ଜଣେ ବ୍ୟବସାୟୀଙ୍କ ଦୋକାନକୁ ପୋଲିସ ଲଗାଇ ବଳପୂର୍ବକ ଭାଙ୍ଗି ଦେଇଛନ୍ତି । ଏ ନେଇ ଦୁହୁରିଆର କ୍ଷତିଗ୍ରସ୍ତ ବ୍ୟବସାୟୀ ଦୁର୍ଗା ପ୍ରସାଦ ନାଥଶର୍ମା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଦୁହୁରିଆରେ ଥିବା ନିଜ ଜମିରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ । ହେଲେ ଏକ କମ୍ପାନୀ ଠାରୁ ଫାଇଦା ନେଇ ତହସିଲଦାର ତାଙ୍କ ଦୋକାନକୁ ଭାଙ୍ଗି ଦେଇଛନ୍ତି । ଏହାଦ୍ୱାରା ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷରୁ ଅସମ୍ଭବ ହୋଇପଡିବ । ସେ ୩ ଲକ୍ଷ ଟଙ୍କା ଋଣ ନେଇ ଏକ ହୋଟେଲ କରିଥିଲେ । ଏହି ହୋଟେଲରୁ ଯାହା ଆୟ ହୁଏ ସେଥିରେ ପରିବାର ପ୍ରତିପୋଷଣ କରନ୍ତି ଓ ଋଣ ପରିଶୋଧ କରନ୍ତି । ହେଲେ ଏବେ କିପରି ଋଣ ପରିଶୋଧ କରିବେ ଓ ପରିବାର ପ୍ରତିପୋଷଣ କରିବେ ଏନେଇ ସେ ଚିନ୍ତାରେ ପଡିଯାଇଥିବା କହିଛନ୍ତି । ଅପରପକ୍ଷରେ ଦୁହୁରିଆରେ କେତେକ ଦୋକାନୀ ସରକାରୀ ଜାଗାକୁ ମାଡିବସି ଦୋକାନ କରିଛନ୍ତି ଓ ଦୋକାନ ଭଡ଼ା ଦେଇଛନ୍ତି । କିନ୍ତୁ ସେମାନଙ୍କୁ ଉଚ୍ଛେଦ କରାଯାଇ ନାହିଁ । ପ୍ରିୟାପ୍ରୀତି ନୀତି ଆପଣାଇ ଏଭଳି କାର୍ଯ୍ୟ କରାଯାଉଥିବା ଅଭିଯୋଗକାରୀ ଦୁର୍ଗାପ୍ରସାଦ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ କେନ୍ଦ୍ରାପଡା ତହସିଲଦାର କୁଇନ ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନଥିଲା ।

## କାର୍ଯ୍ୟରତ ଦୁଇ ସାମ୍ବାଦିକଙ୍କ ଉପରେ ମରଣାନ୍ତକ ଆକ୍ରମଣ

● ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି



**କେନ୍ଦ୍ରାପଡା,୯।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ମଧୁ ଗଡ଼ିଜଙ୍ଗ ଅଞ୍ଚଳରେ କାର୍ଯ୍ୟରତ ଦୁଇ ଜଣ ସାମ୍ବାଦିକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଆହତ ଦୁଇଜଣ ହେଲେ କଳିଙ୍ଗ ଟିଭିର ପ୍ରତିନିଧି ଲକ୍ଷ୍ମଣ ନାୟକ ଓ ନ୍ୟୁଜ-୭ର କ୍ୟାମେରାମ୍ୟାନ ସଞ୍ଜୟ ବେହେରା। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିବାରୁ ସେମାନଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

ସୂଚନାନୁସାରେ, ଏକ ଖବର ସଂଗ୍ରହ ପାଇଁ ଉଭୟ ସାମ୍ବାଦିକ ଯାଉଥିବା ବେଳେ ମଧୁ ଗଡିଜଙ୍ଗ ନିକଟରେ କିଛି ଦୁର୍ବୃତ୍ତ ପଛପଟରୁ ଆସି ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ । ପରେ ବିଭିନ୍ନ ମାରଣାସ୍ତ୍ର ଧରି ଅତର୍କିତ ଭାବେ ସେମାନଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇ ରାସ୍ତାକଡ଼ରେ ପଡ଼ି ରହିଥିଲେ । ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ । ପରେ ପୁଲିସ ଉଭୟଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା । ଘଟଣା ପରେ ଭଦ୍ରେଶ୍ୱର ଥାନା ଓ ନେମାଳ ଥାନାର ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

## ମହାକାଳପଡ଼ାରୁ ୫ ପିଇଓଙ୍କ ବଦଳି

**ଗୋଟିଏ ସ୍ଥାନରେ ଥିଲେ ୩ ବର୍ଷ**

**କେନ୍ଦ୍ରାପଡ଼ା,୯।୬(ସଂଚାର ବ୍ୟୁରୋ):** ତିନି ବର୍ଷରୁ ଅଧିକ ସମୟ ଧରି ଏକ ସ୍ଥାନରେ କାର୍ଯ୍ୟରତ ଥିବା ମହାକାଳପଡ଼ା ବ୍ଲକ ର ପାଞ୍ଚ ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଙ୍କୁ ଅନ୍ୟ ବ୍ଲକ୍ କୁ ବଦଳି କରାଯାଇଛି। ୮ ସୋମବାର ଦିନ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଏ ସମ୍ପର୍କିତ ଚିଠି, ନମ୍ବର ୯୫୬ ରେ ନିର୍ଦ୍ଦେଶ କରାଯାଇଛି। ସୁକୁମାର ମଣ୍ଡଳ,ବିଭୁରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ମୃତ୍ୟୁଞ୍ଜୟ ରାଉତ ଓ ଚନ୍ଦନ କୁମାର ଦାସଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସ୍ୱାଗତିକା ବେହେରା,ଧରମାନନ୍ଦ ବେହେରା, ନିରୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ମଲ୍ଲିକ ଓ ସ୍ମୃତିରେଖା ମହାନ୍ତିଙ୍କୁ ମହାକାଳପଡ଼ାକୁ ଆସିବାକୁ ନିର୍ଦ୍ଦେଶ ହୋଇଛି। ଆସନ୍ତା ୧୦ ଜୁନ ସୁଦ୍ଧା ସେମାନଙ୍କୁ ରିଲିଭ୍ କରି ରିପୋର୍ଟ ଦାଖଲ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଓଳାଭରରେ 'ମିନି ହାଇମାକ୍ସ ଲାଇଟ୍' ନାଁରେ ଅନିୟମିତତା ଅଭିଯୋଗ

# ୩୦ ହଜାର କାମକୁ ଦେଢ଼ ଲକ୍ଷ ବିଲ୍

**ରାଜକନିକା,୯।୬ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଓଳାଭର ପଞ୍ଚାୟତର ଦେଉଳସାହି ଦୁର୍ଗା ମନ୍ଦିରରେ ଲାଗିଥିବା 'ମିନି ହାଇମାକ୍ସ ଲାଇଟ୍'କୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ପ୍ରକଳ୍ପ ଫଳକରେ ଅଟକଳ ରାଶି ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଯାଇଥିବା ବେଳେ ବାସ୍ତବରେ ଏହି କାମ ୩୦ ହଜାର ଟଙ୍କାରେ ହୋଇପାରିଥାନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଫଳକ ଅନୁଯାୟୀ, ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ା ଓ ପଞ୍ଚାୟତ ସମିତି ରାଜକନିକା ଦ୍ୱାରା ୧୫ତମ ଅର୍ଥ କମିଶନ (ଅନ୍ଟାଇଡ୍) ୨୦୨୫-୨୬ ପାଣ୍ଠିରୁ ଦେଉଳସାହି ଦୁର୍ଗା ମନ୍ଦିରରେ 'ମିନି ହାଇମାକ୍ସ ଲାଇଟ୍' ସ୍ଥାପନ କରାଯାଇଛି। ଏଥିପାଇଁ ଅନୁମାନିତ ଖର୍ଚ୍ଚ ୧,୫୦,୦୦୦ ଟଙ୍କା ଦର୍ଶାଯାଇଛି ଏବଂ କାମଟି ବିଭାଗୀୟ ଭାବେ କରାଯାଇଥିବା ଉଲ୍ଲେଖ ଅଛି।

ଗ୍ରାମବାସୀଙ୍କ କହିବା କଥା, ଲାଗିଥିବା ଲାଇଟ୍ ପୋଲ୍, ଲିଡ୍ ଲାଇଟ୍ ଓ ଅନ୍ୟ ସାମଗ୍ରୀର



ବଜାର ମୂଲ୍ୟ ସର୍ବାଧିକ ୨୫ରୁ ୩୦ ହଜାର ଟଙ୍କା ହେବ। ହେଲେ ପ୍ରକଳ୍ପ ନାଁରେ ୧.୫ ଲକ୍ଷ ଟଙ୍କାର ବିଲ୍ ହୋଇଛି। "ଏହା ସରକାରୀ ଟଙ୍କାର ଅପଚୟ। ଗୋଟିଏ ପୋଲ୍ ଓ ୪ଟି ଲାଇଟ୍ ପାଇଁ ଦେଢ଼ ଲକ୍ଷ କେମିତି ଖର୍ଚ୍ଚ ହେଲା? ସମ୍ପୂର୍ଣ୍ଣ ବିଲ୍-ଭାଉଚର ଓ ମାପବହି ସାର୍ବଜନୀନ କରାଯାଉ", ବୋଲି ଗ୍ରାମର ଯୁବକମାନେ ଦାବି କରିଛନ୍ତି।

କେବଳ ଖର୍ଚ୍ଚ ନୁହେଁ, କାମର ମାନକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଫଳକ ଲଗାଯାଇଥିବା କାନ୍ଥ ଭଙ୍ଗାରୁଜା ଅବସ୍ଥାରେ ଥିବା ବେଳେ ଚାରିପାଖରେ ଅଳିଆ ଆବର୍ଜନା ପଡିଛି। ଏତେ ଟଙ୍କାର କାମ ହେଲେ ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାହିଁକି ହେଲାନି ବୋଲି ସ୍ଥାନୀୟ ବାସିନ୍ଦା ପଚାରିଛନ୍ତି।

ଏହି ଘଟଣାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳ ଓ ବିଡିଓ, ରାଜକନିକାଙ୍କ ନିକଟରେ ଫେରାଦ ହେବେ ବୋଲି ଜଣାଇଛନ୍ତି। କାର୍ଯ୍ୟର ମାପବହି, ମେଟେରିଆଲ୍ ବିଲ୍, ଜିଏସଟି ବିଲ୍ ଓ ଫଟୋ ଯାଞ୍ଚ କରି ସତ୍ୟାସତ୍ୟ ପଦାକୁ ଆଣିବାକୁ ସେମାନେ ଦାବି କରିଛନ୍ତି। ଯଦି ଅନିୟମିତତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଦାବି ହୋଇଛି।

## ମାହାଙ୍ଗା ବିଧାୟକଙ୍କ କଟରପଡ଼ା ପଞ୍ଚାୟତ ଗସ୍ତ

● ବିଭିନ୍ନ ସମସ୍ୟା ବୁଝି ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି



**ନିଶ୍ଚିନ୍ତକୋଇଲି,୯।୬ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ କଟରପଡ଼ା ପଞ୍ଚାୟତ କଟରପଡ଼ା, ପିଠାପଡ଼ା, ମୁରୁଦାବାଦ୍, ଗୌଡ଼ବିଶି, ସାଙ୍କିଲୋ ଆଦି ଗ୍ରାମକୁ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଗସ୍ତ କରି ଗାଁରେ ଲୋକମାନଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିବା ସହିତ କିଛି ସମସ୍ୟାର ତତକ୍ଷଣାତ୍ ସମାଧାନ କରିଥିଲେ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ଦୁଇବର୍ଷ ମଧ୍ୟରେ ସାଧାରଣ ଲୋକଙ୍କ ବହୁ ସମସ୍ୟାର ସମାଧାନ ହୋଇଛି ଆଉ ଯାହା ପ୍ରମୁଖ ସମସ୍ୟା ରହିଯାଇଛି ଯଥାଶୀଘ୍ର ଏହାର ସମାଧାନ ହେବ ବୋଲି ବିଧାୟକ ଶ୍ରୀ ପ୍ରଧାନ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗସ୍ତ ସମୟରେ ସମିତିସଭ୍ୟା ସ୍ୱାଗତିକା ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସରପଞ୍ଚ ରାକେଶ ସାମଲ, ସହକାରୀ ଯନ୍ତ୍ରୀ ପ୍ରଦୀପ ସେନାପତି, ସଞ୍ଜୟ ସାହୁଙ୍କ ସମେତ ବିଧାୟକଙ୍କ ବହୁ ସମର୍ଥକମାନେ ଉପସ୍ଥିତ ଥିଲେ।

ସେହିପରି ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ତହସିଲ ଅଧିନ ଅସୁରେଶ୍ୱର ପଞ୍ଚାୟତ ଦିକ୍ଷିତପଡ଼ା ଗ୍ରାମର ଅଗ୍ନିବିପନ୍ନ ଜଳେନ୍ଦ୍ର ସେଠୀ ଓ ପ୍ରମିଳା ସେଠୀଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ବିପନ୍ନ ପରିବାରକୁ କିପରି ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବ ସେ ନେଇ ପ୍ରତିଶ୍ରୁତି ଦେଇଛନ୍ତି।

## ଚୂନଡିହରେ ଅଗ୍ନିକାଣ୍ଡ, ୫ ଲକ୍ଷ ଟଙ୍କା ସମ୍ପତ୍ତି ନଷ୍ଟ



**ପଟ୍ଟାମୁଣ୍ଡାଇ,୯।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୯ନଂ ୱାର୍ଡ ବେଲତଳ ଚୂନଡିହ ଗ୍ରାମର ଦିଲ୍ଲୀପ ଅଧିକାରୀଙ୍କ ଘରେ ଆଜି ଦିନ ୯ଟା ବେଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଛପର ଘର ସମେତ ନଗଦ ଟଙ୍କା ସୁନା ରୁପା ଅଳଙ୍କାର ଓ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଘର ତିଆରି ପାଇଁ ୨ ଲକ୍ଷ ଋଣ ଟଙ୍କା ଓ ବିବାହ ପାଇଁ ଥିବା ୧. ୫୦ ହଜାର ଟଙ୍କା ମିଶାଇ ୩ ଲକ୍ଷ ୫୦ ହଜାର ଟଙ୍କା ସୁନା ରୁପା ଅଳଙ୍କାର ପୋଡି ପାଉଁଶ ହୋଇଯାଇଛି। ପଟ୍ଟାମୁଣ୍ଡାଇରୁ ଦମକଳ ଗାଡି ଯାଇ ପହଂଚିଲା ବେଳକୁ ସବୁ ପୋଡି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ୫ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି । ଗୃହ କର୍ତ୍ତା ୭୫ବର୍ଷୀୟ ଦିଲ୍ଲୀପ ପକ୍ଷାଘାତ ରେ ପୀଡିତ ଥିବାରୁ ବହୁ କଷ୍ଟରେ ପରିବାର ଲୋକମାନେ ଅଗ୍ନି ମଧ୍ୟରୁ ତାଙ୍କୁ ଉଦ୍ଧାର କରିଥିଲେ । ଗ୍ୟାସ ଟାଙ୍କିରୁ ଗ୍ୟାସ ଲିକ ହୋଇ ଅଗ୍ନି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବୀ ହେଉଛି ।

# ବସୁପୁର କେନାଲ ରାସ୍ତା ପାଲଟିଛି ମରଣଯନ୍ତା

**ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ସ୍ଥାନୀୟ ଲୋକେ**

**କେନ୍ଦ୍ରାପଡ଼ା,୯।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମା ସହ ସଂଯୋଗ ସ୍ଥାପନ କରୁଥିବା ବସୁପୁର କେନାଲ ରାସ୍ତା ବର୍ତ୍ତମାନ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ଢଳାଇ ରାସ୍ତା ଉପରେ ଠିକାଦାର ମାଟି ପକାଇ ରଖିଥିବାରୁ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅମୟ ହୋଇଯାଉଛି। ଫଳରେ ପ୍ରତିଦିନ ଯାତାୟାତ କରୁଥିବା ଶହ ଶହ ପଥଚାରୀ, ସାଇକେଲ ଓ ଦୁଇଚକିଆ ଯାନ ଚାଳକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଢଳାଇ ରାସ୍ତା ଉପରେ ବିପୁଳ ପରିମାଣର ମାଟି ପକାଯାଇଥିବାରୁ ସାମାନ୍ୟ ବର୍ଷା ହେଲେ ମଧ୍ୟ



ରାସ୍ତା ପିଚ୍ଛିଳ ହୋଇପଡୁଛି। ଏହା ଯୋଗୁଁ ଅନେକ ପଥଚାରୀ ଓ ଦୁଇଚକିଆ ଚାଳକ ଖସିପଡୁଥିବା ବେଳେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଇଛି। ବିଶେଷକରି ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ରୋଗୀ ଓ ବୃଦ୍ଧବୃଦ୍ଧାମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଅଧିକ ସମସ୍ୟା ଭୋଗୁଛନ୍ତି।

ଏହି ରାସ୍ତା ଦେଇ ପ୍ରତିଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବିଭିନ୍ନ ସରକାରୀ ଦପ୍ତର, ସ୍କୁଲ, କଲେଜ, ମେଡିକାଲ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ହଜାର ହଜାର ଲୋକ ଯାତାୟାତ କରୁଥିବା ବେଳେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ରାସ୍ତାର ଅବସ୍ଥାକୁ ନେଇ ସ୍ଥାନୀୟ ଲୋକମାନେ ବାରମ୍ବାର ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର କିମ୍ବା ପଦକ୍ଷେପ ମିଳିନଥିବା ଅଭିଯୋଗ କରିଛନ୍ତି।

ରାସ୍ତା ଉପରେ ପକାଯାଇଥିବା ମାଟିକୁ ହଟାଇ ଯାତାୟାତ ଉପଯୋଗୀ କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଯଦି ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

## ବନ ବିଭାଗ ଚଢ଼ାଉ: ପଛିକୋଟ ଜଙ୍ଗଲରୁ ପୋକଲିନ ମେସିନ ଜବତ

**ଯାଜପୁର ରୋଡ଼,୯।୬(ସଂଚାର ବ୍ୟୁରୋ):** ବନ ବିଭାଗ ଯାଜପୁର ରୋଡ଼ ରେଞ୍ଜ ଅଧିକାରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତକାଲି ରାତିରେ ତାଙ୍କ ବନ ବିଭାଗ କର୍ମଚାରୀ ଟିମ୍ ସହିତ କୋରେଇ ନିର୍ବାଚନ ମଣ୍ଡଳୀର ପଛିକୋଟ ଜଙ୍ଗଲରେ ବେଆଇନ ଭାବେ ମୋହରମ ଚୋରି ସମୟରେ ଅର୍ତକିତ ଚଢ଼ାଉ କରି ମୋରମ ମାଫିଆଙ୍କ ଏକ ପୋକଲିନ ମେସିନ୍ ଜବତ କରି ଏବେ ମାଫିଆ ମାନଙ୍କର ଟାର୍ଗେଟକୁ ଆସିଯାଇଥିବା ନେଇ ଚାରିଆଡ଼େ ଏବେ ଚର୍ଚ୍ଚା ଚାଲିଛି। ଖବରର ଆଧାରରୁ ପ୍ରକାଶ'ଯେ ପଛିକୋଟ ପଂଚାୟତ ମଞ୍ଜୁରି ମୌଜାର ଜଙ୍ଗଲ ଜମିରେ ଗତକାଲି ବିଳମ୍ବିତ ରାତିରେ ବେଆଇନ ଭାବେ ମୋରମ ଖନନ ଚାଲିଥିଲା। ବିଶେଷ ସୂତ୍ରରୁ ରେଞ୍ଜର ଶ୍ରୀ ପ୍ରଧାନ ଖବର ପାଇ ବନ ବିଭାଗ ଷ୍ଟାଫ୍ ମାନଙ୍କ ସହ ସେଠାରେ ଚଢ଼ଉ କରିଥିଲେ। ସେଠାରୁ ଏକ ପୋକଲିନ୍ ମେସିନ୍ ଜବତ କରାଯାଇ ଯାଜପୁର ରୋଡ଼ ରେଞ୍ଜ ଅଫିସ ପରିସରକୁ ଉକ୍ତମେସିନ୍ ଅଣାଯିବା ସହ ମୋହରମ



ମାଫିଆ'ଙ୍କ ନାମରେ ମାମଲା ରୁଜୁ କରାଯାଇଛି। ତେବେ ଆଗାମୀ ଦିନରେ ମୋହରମ ମାଫିଆ ମାନେ ଏହି ଜଙ୍ଗଲରୁ ମୋହରମ ଚୋରି ଜାରି ରଖିବେ ନାଁ ବନ ବିଭାଗର ଘନ ଘନ ଚଢ଼ାଉ ଭୟରେ ମାଫିଆମାନେ ହାତ ବାନ୍ଧି ବସିବେ ତାହା ଦେଖିବାଟା ବାକି ରହିଲା।

## ଭରତପୁର ପ୍ରାଥମିକ କୃଷି ସମବାୟ ସମିତିରେ ମୁଗମଣ୍ଡି ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା,୯।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ପ୍ରାଥମିକ କୃଷି ସମବାୟ ସମିତିରେ ମୁଗମଣ୍ଡି ଉଦଘାଟିତ ହୋଇଯାଇଛି । କଟକ କେନ୍ଦ୍ର ସମବାୟ ବ୍ୟାଙ୍କର କେନ୍ଦ୍ରାପଡା ଶାଖା ପରିଚାଳକ ତାପସ ପ୍ରସାଦ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମଣ୍ଡିକୁ ଉଦଘାଟନ କରିଥିଲେ। ଏହି ମଣ୍ଡିରେ ସରକାରଙ୍କ ପକ୍ଷରୁ ମୁଗ, ବିରି, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ସୋରିଷ ପ୍ରଭୃତି ଫସଲ ଚାଷୀମାନଙ୍କ ଠାରୁ ସରକାରୀ ସହାୟକ ମୂଲ୍ୟରେ କିଣାଯିବ । ମୁଗର ସହାୟକ ମୂଲ୍ୟ କ୍ୱିଲ ପିଛା ୮ହଜାର ୭୬୮ଟଙ୍କା ରହିଥିବା ବେଳେ ସୂର୍ଯ୍ୟମୁଖୀ ୭ହଜାର ୭୨୧, ଚିନାବାଦାମ ୭ହଜାର ୨୬୩, ବିରି ୭ହଜାର ୮ଶହ ଓ ସୋରିଷ ୭ହଜାର ୨ଶହ ଟଙ୍କା ରହିଛି । ମଣ୍ଡିକୁ ଆସୁଥିବା ଚାଷୀମାନଙ୍କ ବିଭିନ୍ନ ସମସ୍ୟା ପ୍ରତି ଆବଶ୍ୟକ ଧ୍ୟାନ ଦେବାକୁ ସମିତିକୁ ପରାମର୍ଶ ଦିଆଯାଇଥିଲା। ଏହି



ଉତ୍ସବରେ ସମିତି ସଭାପତି ବସନ୍ତ କୁମାର ରାଉତ, ଉପସଭାପତି ମମତା ଜେନା, ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ରାଉତ, ଶ୍ରୀଧର ସାମଲ, ଅକ୍ଷୟ କୁମାର ମନ୍ତ୍ରୀ, କିଶୋର ଜେନା, ଗୌରାଙ୍ଗ ଲେଙ୍କା, ଜ୍ଞାନ ପ୍ରସନ୍ନ ରାଉତ, ଅଗସ୍ତି ସେଣ, ସନ୍ତୋଷ କୁମାର ଦାସ, ପ୍ରସନ୍ନ କୁମାର ମଲ୍ଲିକ, ବିଶ୍ୱଜିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମିତି ସମ୍ପାଦକ ସୁବୋଧ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁଧେଇ ନାଳର ଦୁର୍ଦ୍ଦଶା

# ଦଳରେ ପୋତି ହୋଇଛି ଐତିହ୍ୟ



- ବର୍ଷେ ପରେ ବି ନିର୍ମାଣ ହେଲାନି ସେତୁ
- ବର୍ଷାକୁ ନେଇ ଲୋକେ ଭୟଭୀତ
- ପ୍ରତିଶ୍ରୁତିରେ ସୀମିତ ପୁନରୁଦ୍ଧାର ଯୋଜନା

**ଯାଜପୁର,୯।୬ (ସଂଚାର ବ୍ୟୁରୋ):** ଏକଦା ଯାଜପୁର, ରସୁଲପୁର ଓ ବରୀ ଅଞ୍ଚଳର ଜୀବନରେଖା ଭାବେ ପରିଚିତ ଦୁଧେଇ ନାଳ ଆଜି ଅବହେଳା ଓ ପ୍ରଶାସନିକ ଉଦାସୀନତାର ଶିକାର ହୋଇ ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି। ପ୍ରଶାସନ ଓ ଜନପ୍ରତିନିଧିଙ୍କ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ବାସ୍ତବ ରୂପ ନେଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଦୁଧେଇ ନାଳ ବର୍ତ୍ତମାନ ଦଳ ଓ ଜଳଜ ଉଦ୍ଭିଦରେ ପୂର୍ଣ୍ଣ ହୋଇଯାଇଛି। ବର୍ଷା ହେଲେ ନାଳର ଜଳ ସ୍ୱାଭାବିକ ଭାବେ ପ୍ରବାହିତ ହୋଇପାରୁ ନଥିବାରୁ ଦଳ ଗାଁ ଭିତରକୁ ପଶିଯାଉଛି। ଏହା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ବିଷଧର ସାପ ଓ ଅନ୍ୟାନ୍ୟ ଜୀବଜନ୍ତୁ ଘରେ ପ୍ରବେଶ କରୁଛନ୍ତି। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ନାଳ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକେ ଭୟଭୀତ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। ଗତ ବର୍ଷ ବନ୍ୟା ସମୟରେ ଦୁର୍ଗାପୁର ନିକଟରେ ଦୁଧେଇ ନାଳ ଉପରେ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାସିଯାଇଥିଲା। ସେହି ସେତୁ ଉପରେ ଅନେକ ଗାଁର ଲୋକଙ୍କ ଦୈନନ୍ଦିନ ଯାତାୟାତ ନିର୍ଭର କରୁଥିଲା। ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ରୋଗୀମାନେ ସେହି ରାସ୍ତା ବ୍ୟବହାର କରୁଥିଲେ। କିନ୍ତୁ ସେତୁ ଭାସିଯିବାର ଏକ ବର୍ଷ ପରେ ମଧ୍ୟ ନୂତନ ସେତୁ ନିର୍ମାଣ ଆରମ୍ଭ ନ ହେବା ଲୋକଙ୍କ ଦୁଃଖକୁ ଆହୁରି ବଢ଼ାଇଛି। ଏବେ ପୁଣି ବର୍ଷା ଆସୁଥିବାରୁ ଲୋକେ ଚିନ୍ତାରେ ପଡ଼ିଛନ୍ତି ଯେ, ବନ୍ୟା ସମୟରେ ସେମାନେ କିପରି ନାଳ ପାର ହେବେ।

ପାଞ୍ଚ ବର୍ଷ ପୂର୍ବେ ଡ୍ରେନେଜ ବିଭାଗ ଦୁଧେଇ ନାଳ ସଫେଇ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଠିକାଦାର ଅଧାଅଧୁରା କାମ କରି ଚାଲିଯାଇଥିଲେ। ଫଳରେ ନାଳର ଅଧିକାଂଶ ଅଂଶ ଆଜି ମଧ୍ୟ ଦଳରେ ପୂର୍ଣ୍ଣ ହୋଇ ରହିଛି। ସେତେବେଳେ ଉଠିଥିବା ପୁନରୁଦ୍ଧାର ଦାବି ଆଜି ମଧ୍ୟ ଅପୂର୍ଣ୍ଣ ରହିଛି। ତତ୍କାଳୀନ ବିଧାୟକଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ଜନପ୍ରତିନିଧି ପର୍ଯ୍ୟନ୍ତ ସମସ୍ତେ ନାଳ ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କାର୍ଯ୍ୟକାରୀ ପଦକ୍ଷେପ ଦେଖାଯାଇନାହିଁ।

ଦୁଧେଇ ନାଳ କେବଳ ଏକ ଜଳପଥ ନୁହେଁ, ଏହା ଅଞ୍ଚଳର ଐତିହ୍ୟ ଓ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଖରସ୍ରୋତା ନଦୀର ଯୋକଡ଼ିଆଠାରୁ ବାହାରି ବରୀର ରମ୍ଭାଠାରେ ନୂଆ ନଈରେ ମିଶୁଥିବା ଏହି ନାଳ ଏକଦା ମାଲ ପରିବହନର ପ୍ରମୁଖ ମାଧ୍ୟମ ଥିଲା। ଇଂରେଜ ଶାସନ ସମୟରେ ବଡ଼ ବଡ଼ ଡଙ୍ଗାରେ ଏହି ନାଳ ଦେଇ ବିଭିନ୍ନ ଅଞ୍ଚଳକୁ ସାମଗ୍ରୀ ପରିବହନ କରାଯାଉଥିଲା। ଚାଷ ପାଇଁ ମଧ୍ୟ ଏହା ଏକ ବରଦାନ ଥିଲା। କିନ୍ତୁ ଆଜି ନାଳର ମୁହାଣ ପୋତି ହୋଇଯାଇଥିବାରୁ ଜଳ ଧାରଣ କ୍ଷମତା ପ୍ରାୟ ଶୂନ୍ୟ ହୋଇଯାଇଛି। ଚାଷ ଜମି ଜଳ ଅଭାବରେ ପ୍ରଭାବିତ ହେଉଛି।

## ବିଜେପି ମଣ୍ଡଳ ସାଙ୍ଗଠନିକ ବୈଠକ



**ପଟ୍ଟାମୁଣ୍ଡାଇ,୯।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ସାଙ୍ଗଠନିକ ମଣ୍ଡଳ ବୈଠକ ସାବିତ୍ରୀ ମଣ୍ଡପ ରେ ଅନୁଷ୍ଠିତ ହୋଇଛି । ନଗର ବିଜେପି ସଭାପତି ଅଶୋକ କୁମାର ସାହୁଙ୍କ ସଭାପତିତ୍ୱ ରେ 33 ନମ୍ବର ମଣ୍ଡଳର କାର୍ଯ୍ୟକର୍ତ୍ତା ମାନଂକୁ ନେଇ ଆୟୋଜିତ ବୈଠକରେ ବିଜେପି ସରକାରଙ୍କ କେନ୍ଦ୍ରରେ ୧୨ ବର୍ଷ ପୂର୍ତ୍ତି ଓ ରାଜ୍ୟରେ ୨ ବର୍ଷ ପୂର୍ତ୍ତି ଅବସରରେ ଜନସମ୍ପର୍କ ଅଭିଯାନ, ଏକ ପେଡ ମା କେ ନାମ, ସୁଭଦ୍ରା ଶକ୍ତି ମେଳା ଓ ଶକ୍ତି କେନ୍ଦ୍ରର ଦୃଢ଼ିକରଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ରେ ନୂତନ ସଦସ୍ୟ ଙ୍କୁ ଯୋଡିବା, ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ପଟ୍ଟାମୁଣ୍ଡାଇର ପ୍ରତ୍ୟେକ ବୁଥରେ କିପରି ମନ କି ବାତର ସଫଳ ରୂପାୟନ ହେବ ସେ ବିଷୟରେ ଆଲୋଚନା ହୋଇଥିଲା ।

ଏହି ବୈଠକରେ ପଟ୍ଟାମୁଣ୍ଡାଇ ନଗର ପ୍ରଭାରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲ୍ଲା ଉପସଭାପତି ଭାରତ ଭୂଷଣ ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ବିଶ୍ୱାଳ, ମିଟୁ ମନୋଜ ନାୟକଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଶିକ୍ଷଣରେ ଭାଗ ନେଇଥିଲେ ।

### ସମ୍ବଲପୁରରେ ଅନ୍ତଃନଦୀ ଜଳାଶୟ ପାଇଁ ୪୪୦ କୋଟି ମଞ୍ଜୁର

# ସୁଦୃଢ଼ ହେବ ଯୋଗାଯୋଗ ଓ ପର୍ଯ୍ୟଟନ: ଧର୍ମେନ୍ଦ୍ର

- ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ
- ସମଲେଶ୍ୱରୀ ମନ୍ଦିର ନିକଟରେ ବିକଶିତ ହେବ ଆଳତି ଘାଟ



ଭୁବନେଶ୍ୱର/ସମ୍ବଲପୁର, ୯।୬(ସଂଚାର ବ୍ୟୁରୋ): ସମ୍ବଲପୁର ଅଯୋଧ୍ୟା ସାଗର ୱେୟାର ନିକଟରେ ମହାନଦୀ ଶଯ୍ୟାରେ ଏକ ନୂତନ ଅନ୍ତ ନଦୀ ଜଳାଶୟ (ଆଇଏସ୍ଏସ୍) ବ୍ରିଜ୍-କମ୍-ବ୍ୟାରେଜ୍ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ପ୍ରାୟ ୪୪୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ମେଗା ପ୍ରକଳ୍ପ ସମ୍ବଲପୁରର ବିକାଶ ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ସେ 'ଏକ୍ସ'ରେ ପ୍ରକାଶ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଯୁଗାନ୍ତକାରୀ ପଦକ୍ଷେପ ସମ୍ବଲପୁର ସମେତ ଏହାର ପାର୍ଶ୍ୱବର୍ତ୍ତୀ ସମଗ୍ର ଅଞ୍ଚଳରେ ଯୋଗାଯୋଗ ଓ ଗମନାଗମନ ବ୍ୟବସ୍ଥାକୁ ବେଶ୍ ସୁଦୃଢ଼ କରିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବା ସହ ଭୂତଳ ଜଳସ୍ତର ବୃଦ୍ଧି ଦିଗରେ ଏହି ପ୍ରକଳ୍ପ ବେଶ୍ ସହାୟକ ହେବ। କେବଳ ସେତିକି ନୁହେଁ, ଜଳସେଚନର ସୁବିଧା ହେବା ଦ୍ୱାରା ସ୍ଥାନୀୟ କୃଷି, ପଶୁପାଳନ ଓ ମତ୍ସ୍ୟ ଚାଷ ସମେତ ଆନୁଷଙ୍ଗିକ ଜୀବିକା ଅଧିକ ସୁଦୃଢ଼ ହେବ ଓ ଅଞ୍ଚଳର ଅର୍ଥନୈତିକ ସମୃଦ୍ଧି ଆଣିବ। ଏହି ପ୍ରକଳ୍ପ କେବଳ ଭିତ୍ତିଭୂମିର ବିକାଶ କରିବ ନାହିଁ, ବରଂ ସମ୍ବଲପୁରର ଐତିହ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ଏକ ନୂଆ ପରିଚୟ ଦେବ। ସେ ଆହୁରି କହିଛନ୍ତି ଯେ ଏହି ପ୍ରକଳ୍ପଟି ନୌଚାଳନା ଭଳି ପର୍ଯ୍ୟଟନ କାର୍ଯ୍ୟକଳାପକୁ ବ୍ୟାପକ ପ୍ରୋତ୍ସାହନ ଦେବ। ଏଥିସହ ଅଞ୍ଚଳର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀ ମନ୍ଦିର ନିକଟରେ ଏକ ସୁନ୍ଦର 'ଆଳତି ଘାଟ' ଭାବେ ଏହାକୁ ବିକଶିତ କରାଯିବ। ଯାହା ଆଗାମୀ ଦିନରେ ସମ୍ବଲପୁରର ଧାର୍ମିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ସମ୍ବଲପୁରବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବାରୁ ସେ ଦ୍ୱିଗୁଣିତ ଇଞ୍ଜିନ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

## ଶ୍ରାଦ୍ଧ ଦିବସରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୯।୬(ସଂଚାର ବ୍ୟୁରୋ): ଭାରତର ସ୍ୱାଧୀନତା ସଂଗ୍ରାମ ତଥା ଜନଜାତି ସମାଜର ଅଧିକାର ସୁରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ମହାନ ବିପ୍ଳବୀ ବିର୍ସା ମୁଣ୍ଡାଙ୍କୁ ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ଜନଜାତି ସମାଜର ସ୍ୱାଭିମାନ, ଆତ୍ମସମ୍ମାନ ଓ ଅଧିକାର ପାଇଁ ତାଙ୍କର ସଂଗ୍ରାମ ଓ ତ୍ୟାଗମୟ ଜୀବନ ଆଜି ମଧ୍ୟ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ମାତ୍ର ୨୫ ବର୍ଷ ବୟସରେ ସେ ଦେଶ ପାଇଁ ସହିଦ ହୋଇଥିଲେ। ତାଙ୍କର ତ୍ୟାଗ, ସଂଗ୍ରାମ ଓ ଜନଜାତି ସମାଜର ଅଧିକାର ପାଇଁ ଲଢ଼େଇ ତାଙ୍କୁ ଭାରତୀୟ ଇତିହାସର ଜଣେ ଅମର ବିପ୍ଳବୀ ଭାବେ ପ୍ରତିଷ୍ଠିତ କରିଛି। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ବାବୁ ସିଂ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ମହାନ ବିପ୍ଳବୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ ଯୋଗଦେଇ ସହିଦ ବିର୍ସା ମୁଣ୍ଡାଙ୍କ ଅମର ସ୍ମୃତିଚାରଣ କରିଥିଲେ।



ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୫ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ଏଲ୍ଆଇସି ଅଫିସ୍ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି

## ଦେବାଶିଷଙ୍କ ପ୍ରାର୍ଥିପତ୍ର କାଏମ୍



ଭୁବନେଶ୍ୱର, ୯।୬(ସଂଚାର ବ୍ୟୁରୋ): ରାଜ୍ୟସଭା ଉପନିର୍ବାଚନ ପାଇଁ ଦାଖଲ ହୋଇଥିବା ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପ୍ରାର୍ଥିପତ୍ର କାଏମ୍ ରହିଛି। ଯାଞ୍ଚ ସମୟରେ ସେ ଦାଖଲ କରିଥିବା ସମସ୍ତ ଦସ୍ତାବିଜ ଓ ପ୍ରସ୍ତାବକଙ୍କ ବିବରଣୀ ସଠିକ୍ ଥିବାରୁ ତାଙ୍କର ୪ ସେଟ୍ ପ୍ରାର୍ଥିପତ୍ରକୁ ବୈଧ ବୋଲି ଘୋଷଣା କରାଯାଇଛି। ରାଜ୍ୟସଭା ଉପନିର୍ବାଚନ ପାଇଁ ଦେବାଶିଷ ନିକଟରେ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଗତକାଲି ହୋଇଥିବା ଯାଞ୍ଚ ପ୍ରକ୍ରିୟାରେ ତାଙ୍କର ୪ଟି ସେଟ୍ ପ୍ରାର୍ଥିପତ୍ରର ସମୀକ୍ଷା କରାଯାଇଥିଲା। ଯାଞ୍ଚ ପରେ ସମସ୍ତ ପ୍ରାର୍ଥିପତ୍ର ନିର୍ବାଚନୀ ନିୟମାବଳୀ ଅନୁଯାୟୀ ଥିବାରୁ ସେଗୁଡ଼ିକୁ କାଏମ୍ ରଖାଯାଇଛି। ଏଥିସହ ରାଜ୍ୟସଭା ଉପନିର୍ବାଚନରେ ଦେବାଶିଷ ସାମନ୍ତରାୟଙ୍କ ପ୍ରାର୍ଥିତ୍ୱ ଆନୁଷ୍ଠାନିକ ଭାବେ ବୈଧ ହୋଇଛି। ନାମାଙ୍କନ ପ୍ରତ୍ୟାହାର ଅବଧି ଶେଷ ହେବା ପରେ ନିର୍ବାଚନୀ ଚିତ୍ର ଆହୁରି ସ୍ପଷ୍ଟ ହେବ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାରୁ ଖାଲି ପଡ଼ିଥିବା ରାଜ୍ୟସଭା ଆସନ ପାଇଁ ଏହି ଉପନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଏହାକୁ ନେଇ ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ଆଠଗଡ଼ ବନଖଣ୍ଡରେ ଯୋଗଦେଲେ ନୂତନ ଅଧିକାରୀ

କଟକ, ୯।୬ (ସଂଚାର ବୁରୋ): କଟକ ଜିଲ୍ଲା ଆଠଗଡ ବନଖଣ୍ଡର ନୂତନ ସ୍ଥାୟୀ ବନଖଣ୍ଡ ଅଧିକାରୀ ଭାବେ ଅନୁରାଗ ମିଶ୍ର ଯୋଗ ଦେଇଛନ୍ତି। ଆଠଗଡ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି ପଦୋନ୍ନତି ପାଇ ଚାଲିଯିବା ପରେ ଦୀର୍ଘଦିନ ୧୦ ମାସ ଧରି ଏହି ପଦବୀଟି ଖାଲି ପଡିଥିଲା। ସହକାରୀ ବନ ସଂରକ୍ଷିକା ଲିପିଲିପ୍ସି ବିଶ୍ୱାଳ କାର୍ଯ୍ୟଭାର ଗ୍ରହଣ କରିବା ପରେ ବାରମ୍ବାର ହାତୀ ମୃତ୍ୟୁ ଘଟିବା, ଜଙ୍ଗଲ ସମ୍ପଦ ଲୁଟ ସହିତ ସଂରକ୍ଷିତ ଜଙ୍ଗଲରୁ ଅବାଧରେ ମୂଲ୍ୟବାନ ଗଛ କଟା ଯାଇ ଚାଲାଣ ହେବା ଆଦି ଘଟଣା ଘଟି ଚାଲିଥିଲା। ଶ୍ରୀ ମିଶ୍ରଙ୍କ ଯୋଗଦାନ ପରେ ଏସବୁ ସମସ୍ୟାର ଅନ୍ତ ଘଟିବ ବୋଲି ଆଶା କରାଯାଉଛି।

### ମାଟିରେ ମିଶିଲା ଲାଲବାଗ୍ ଥାନା

## ନିଶ୍ଚିହ୍ନ ହେଲା କଟକର ଲାଲବାଗ ଐତିହ୍ୟ

କଟକ, ୯।୬(ସଂଚାର ବ୍ୟୁରୋ): କଟକ ଶିଶୁଭବନ ସଂପ୍ରସାରଣ ପାଇଁ ପୁରୁଣା ରାଜଭବନ ତଥା ମରହଟ୍ଟା ସମୟର ଲାଲବାଗ୍ କୋଠି ଐତିହ୍ୟ କୀର୍ତ୍ତିରାଜି ଭଙ୍ଗାଯାଇଛି। ଲାଲବାଗ କୋଠିର ଶେଷ ଅଂଶ ଭାବେ ୧୦୨ ବର୍ଷ ଧରି ଚାଲିଥିବା ଲାଲ୍ବାଗ୍ ଥାନା କୋଠାକୁ ଭାଙ୍ଗି ଦିଆଯାଇଛି। ସହରବାସୀଙ୍କ ପ୍ରତିବାଦ ଓ ଅସନ୍ତୋଷ ସତ୍ତ୍ୱେ ଇତିହାସର ଏହି ଶେଷସ୍ମୃତିକୁ ରାତାରାତି ନିଶ୍ଚିହ୍ନ କରି ଦିଆଯାଇଛି। କିଛିଦିନ ପରେ ସେହି ସ୍ମାରକୀ ସ୍ଥାନକୁ ପାର୍କିଂଷ୍ଟାଣ୍ଡରେ ବଦଳାଇ ଦିଆଯିବ। ଏହା ସହ କବର ନେବ ଲାଲବାଗର ଐତିହ୍ୟ।

ସୂଚନା ଅନୁସାରେ, ୧୬୩୩ ଖ୍ରୀଷ୍ଟାବ୍ଦରେ ଲାଲବାଗ କୋଠି ତିଆରି ହୋଇଥିଲା। ୧୯୪୮ ମସିହା ପରଠାରୁ ଏହି କୋଠାର ଏକ ଅଂଶକୁ ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନ ଶିଶୁଭବନରେ ପରିଣତ କରିଦିଆଗଲା। ଲାଲବାଗ୍ କୋଠିର ଶେଷ ସ୍ମୃତି ଲାଲବାଗ୍ ଥାନା ଥିଲା। ଏହାକୁ ଭାଙ୍ଗିବାକୁ ନେଇ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଥିଲା। ଏମିତିକି ମେୟର ସୁବାସ ସିଂହଙ୍କ ସମେତ କଟକ ସହରର ବୁଦ୍ଧିଜୀବୀମାନେ ଏହି ସ୍ମୃତିକୁ ସଂରକ୍ଷିତ କରି ରଖାଯାଉ ବୋଲି ଦାବି କରିଥିଲେ। ଅନେକ ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ମଧ୍ୟ ଦାଖଲ କରାଯାଇଥିଲା। ଏତେ ସବୁ ପ୍ରତିକ୍ରିୟା ଓ ପ୍ରତିବାଦ ସତ୍ତ୍ୱେ ଲାଲବାଗ୍ ଥାନା କୋଠାକୁ ରାତାରାତି ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଏଭଳି ଢଙ୍ଗରେ ଐତିହ୍ୟ ଭଙ୍ଗାଯିବା ଖବର ପ୍ରଚାରିତ ହେବା ପରେ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ପାନୀୟ ଜଳ ଯୋଗାଣ ଭିତ୍ତିଭୂମିର ସମୀକ୍ଷା କଲେ ମନ୍ତ୍ରୀ



ଭୁବନେଶ୍ୱର, ୯।୬(ସଂଚାର ବ୍ୟୁରୋ): ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଆଜି ସ୍ଥାନୀୟ ରାଜ୍ୟ ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନ (ଏସ୍ଆଇଆର୍ଡି) ସମ୍ମିଳନୀ କକ୍ଷରେ ରାଜ୍ୟର ବିଭିନ୍ନ ମେଗା ପାଇପ୍ଡ ୱାଟର ସପ୍ଲାଏ (ପିଡବ୍ଲ୍ୟୁଏସ୍) ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ନିରବଚ୍ଛିନ୍ନ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି, ଭୌତିକ ପ୍ରଗତି ଓ ସମୟ ସୀମା ପାଳନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷାରେ ସୂଚନା ଦିଆଯାଇଥିଲା ଯେ ରାଜ୍ୟରେ ୩୬ଟି ମେଗା ପାଇପ୍ଡ ୱାଟର ସପ୍ଲାଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ସେହିପରି ଅନ୍ୟ ୫୦ଟି ପ୍ରକଳ୍ପରେ ଇଣ୍ଟେକ୍ ଓ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ (ଡବ୍ଲ୍ୟୁଟିପି) ସମ୍ବନ୍ଧୀୟ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ଦ୍ରୁତ ଗତିରେ ସମାପ୍ତ କରି ଲୋକଙ୍କୁ ଶୀଘ୍ର ପାନୀୟ ଜଳ ସେବା ଉପଲବ୍ଧ କରିବା ପାଇଁ ସମସ୍ତ ଆର୍ଡବ୍ଲ୍ୟୁଏସ୍ଏସ୍ ଡିଭିଜନ ଓ କାର୍ଯ୍ୟନିର୍ବାହୀ ଏଜେନ୍ସିମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରକଳ୍ପ ମାର୍ଚ୍ଚ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ହେବ। ନିର୍ଦ୍ଧାରିତ ସମୟ ସୀମା ପାଳନରେ ବିଫଳ ହେଉଥିବା ଏଜେନ୍ସିଙ୍କ ବିରୋଧରେ ଜରିମାନା ଆଦାୟ ସହ ବ୍ଲାକ୍‌ଲିଷ୍ଟ କରିବା ଭଳି କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟାପ୍ତ ଜନଶକ୍ତି ନିୟୋଜନ, ନିୟମିତ ତଦାରଖ ଓ ଗୁଣାତ୍ମକ କାର୍ଯ୍ୟ ସୁନିଶ୍ଚିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ସଚିବ ଗିରୀଶ ଏସ୍ଏନ୍, ପାନୀୟ ଜଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ, ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ସିଆଲ, ବିଭିନ୍ନ ଆର୍ଡବ୍ଲ୍ୟୁଏସ୍ଏସ୍ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଓ ମେଗା ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଏଜେନ୍ସିମାନଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ନବରଙ୍ଗପୁର, ୯।୬(ସଂଚାର ବ୍ୟୁରୋ): ନଦୀରେ ବୁଡ଼ି ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଉପକଣ୍ଠ ଇନ୍ଦ୍ରାବତୀ ନଦୀରେ ଗାଧୋଇବାକୁ ଯାଇ ପାଣିରେ ବୁଡିଯାଇଛନ୍ତି ଯୁବକ ଜଣଙ୍କ। ମୃତ ଯୁବକ ଜଣଙ୍କ ସହରସ୍ଥିତ ଦଣ୍ଡାସି ସାହିର ଜିତୁ ସଗରିଆ ବୋଲି ଜଣାପଡ଼ିଛି। ଜିତୁ ନିଜର କେତେକ ସାଙ୍ଗଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତାବଶତଃ ନଦୀରେ ବୁଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ସାଙ୍ଗମାନେ ଜିତୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ ଏଥିରେ ବିଫଳ ହୋଇଥିଲେ। ଅଗ୍ନିଶମ ବାହିନୀ ଖବର ପାଇ ତାଙ୍କ ମୃତଦେହକୁ ଉଦ୍ଧାର କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଜିତୁଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ଗୃହରେ ରଖାଯାଇଥିବା ବେଳେ ବ୍ୟବଚ୍ଛେଦ ପରେ ଏହା ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଇନ୍ଧନ ସଂରକ୍ଷଣ ଦିଗରେ ବିଡିଏର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

## ୨୫% ଖର୍ଚ୍ଚ କମ୍; ମାସିକ ଗାଡ଼ି ସୀମା ୧୫୦୦ କିମି



ଭୁବନେଶ୍ୱର, ୯।୬(ସଂଚାର ବ୍ୟୁରୋ): ଇନ୍ଧନ ସଂରକ୍ଷଣ ଓ ପେଟ୍ରୋଲ-ଡିଜେଲ ଉପରେ ସରକାରୀ ଖର୍ଚ୍ଚ କମ୍ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ସରକାରୀ ବିଭାଗ ଓ ପ୍ରତିଷ୍ଠାନଗୁଡ଼ିକୁ ଇନ୍ଧନ ସଠିକ୍ ଭାବେ ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ସେହି ଅନୁସାରେ ବିଡିଏ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବିଡିଏ ଜାରି କରିଥିବା ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଅଧିକାରପ୍ରାପ୍ତ ଅଧିକାରୀଙ୍କ ପାଇଁ ମାସିକ ଯାନବାହନ ବ୍ୟବହାର ସୀମା ପୂର୍ବରୁ ପ୍ରତି ମାସରେ ୨ ହଜାର କିମି ସୀମାରୁ ଦେଢ଼ ହଜାର କିମିକୁ ହ୍ରାସ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ବିଡିଏର ମାସିକ ଇନ୍ଧନ ଖର୍ଚ୍ଚ ପ୍ରାୟ ୨୫ ପ୍ରତିଶତ ହ୍ରାସ ପାଇବ। ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚକୁ ଯୁକ୍ତିଯୁକ୍ତ କରିବା ଓ ସରକାରୀ ଗାଡ଼ିଗୁଡ଼ିକର ସବୁଠାରୁ ଭଲ ବ୍ୟବହାର ପାଇଁ ସଂଶୋଧିତ ସୀମା ତୁରନ୍ତ ଲାଗୁ ହେବ। ବର୍ତ୍ତମାନ ଇନ୍ଧନ ଅଭାବ ପରିସ୍ଥିତିରେ ଉନ୍ନତି ନ ହେବା ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନ ହେବା ପର୍ଯ୍ୟନ୍ତ ଏହି ପଦକ୍ଷେପ ଅସ୍ଥାୟୀ ଭାବେ ବଳବତ୍ତର ରହିବ।

ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ ଇନ୍ଧନ ଖର୍ଚ୍ଚ କମାଇବା ପାଇଁ କର୍ତ୍ତୃପକ୍ଷ ଭର୍ଚୁଆଲ୍ ବୈଠକ, ସମୀକ୍ଷା ବୈଠକ, ତାଲିମ ଓ କର୍ମଶାଳାକୁ ଉତ୍ସାହିତ କରୁଛି। ଅଧିକାରୀମାନଙ୍କୁ ସମ୍ଭବ ହେଲେ ସାଧାରଣ ପରିବହନ (ପବ୍ଲିକ୍ ଟ୍ରାନ୍ସପୋର୍ଟ) ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହି ପଦକ୍ଷେପ ଗତ ମାସରେ ମୁଖ୍ୟମନ୍ତ୍ରୀଙ୍କ ଆଠ-ସୂତ୍ରୀ ନିର୍ଦ୍ଦେଶକୁ ଅନୁସରଣ କରୁଛି, ଯାହାର ଲକ୍ଷ୍ୟ ହେଉଛି ପେଟ୍ରୋଲ ଓ ଡିଜେଲ ବ୍ୟବହାର କମାଇବା ଓ ସାରା ଓଡ଼ିଶାରେ ଶକ୍ତି-ଦକ୍ଷ ଶାସନକୁ ପ୍ରୋତ୍ସାହିତ କରିବା।

## ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ପାଳିତ

ଭୁବନେଶ୍ୱର, ୯।୬(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ଅନୁଷ୍ଠିତ ହୋଇଛି। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ, ବିଶିଷ୍ଟ ଗବେଷକ, ଐତିହାସିକ ତଥା ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଦାଶ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ। ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଯୁଗ୍ମ ନିର୍ଦ୍ଦେଶକ ତଥା ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଓ ଧନ୍ୟବାଦ ଦେଇଥିଲେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ତଥା ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ବନାନୀ ମହାପାତ୍ର। ସମ୍ମାନରେ ଉପସ୍ଥିତ ଥିଲେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଡ. ରାଜୀବ ଲୋଚନ ସାହୁ, ଗୌତମ ମହାନ୍ତି ଓ ମଞ୍ଜୁଳା ତ୍ରିପାଠୀ। ସମ୍ମାନର ମୁଖ୍ୟ ବକ୍ତା ଡ. ଦାଶ କହିଥିଲେ ଯେ ନ୍ୟାୟ ପାଇଁ ଅଭିଲେଖାଗାର: ଅଧିକାର, ସ୍ମୃତି ଓ ଭବିଷ୍ୟତ ଅଭିଲେଖାଗାର ନ୍ୟାୟ ହାସଲ ନିମନ୍ତେ ଉଦ୍ଦିଷ୍ଟ; ଅର୍ଥାତ୍ ନ୍ୟାୟ ପାଇବାକୁ ହେଲେ ଅଭିଲେଖାଗାରର ଦଲିଲ/





ପାଣ୍ଡୁଲିପି ବ୍ୟବହାର କରିବାକୁ ହେବ। ଏହି ଅଭିଲେଖାଗାରରେ ସଂରକ୍ଷିତ ହାତଲେଖା, ମୁଦ୍ରିତ ଲେଖା, ବିବରଣୀ ଅଥବା ଦଲିଲ ମାଧ୍ୟମରେ ବ୍ୟକ୍ତି, ଅନୁଷ୍ଠାନ, ସମାଜ ଓ ଦେଶର ନ୍ୟାୟୋଚିତ ଅଧିକାର ହାସଲରେ ସଫଳ ହୋଇପାରନ୍ତି। ସନ୍ଧିକ୍ଷଣରେ ଏହି ସମସ୍ତ ଦଲିଲ/ବିବରଣୀ ଏତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଯେ ବ୍ୟକ୍ତି/ଜାତି/ଅନୁଷ୍ଠାନ ନିଜ ନିଜର ଅଧିକାରକୁ ନ୍ୟାୟୋଚିତ ଭାବେ ହାସଲ କରିପାରନ୍ତି। ଶ୍ରୀ ଦାଶ କହିଥିଲେ ଯେ ଅଭିଲେଖାଗାରକୁ ବାଦ୍‌ଦେଇ ମାନବ ସଭ୍ୟତାର ଇତିହାସ ପରିକଳ୍ପନା ଅସମ୍ଭବ।

## ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ବେଦାନ୍ତ 'ମିଶନ ଅଭୀପ୍ସା'ର ସମ୍ବର୍ଦ୍ଧନା



ଝାରସୁଗୁଡା, ୯।୬(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସାମସିଙ୍ଘ କେଜି ବାଳିକା ଉଚ୍ଚ ବିଦ୍ୟାଳୟରେ ମିଶନ ଅଭୀପ୍ସା ଅଧୀନରେ ଏକ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏଥିରେ ଜିଲ୍ଲା ସାରା ସରକାରୀ ବିଦ୍ୟାଳୟର ୧୫୭ ଜଣ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ବୋର୍ଡ ପରୀକ୍ଷାରେ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଝାରସୁଗୁଡ଼ାର ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ରାଧାକାନ୍ତ ଗର୍ତ୍ତିଆ; କୋଲାବିରାର ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଅନିଲ ପଟେଲ ଓ କମ୍ପାନୀ ପରିଚାଳନା ସହ ୨୦୦ରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଏବଂ ସମ୍ପ୍ରଦାୟର ସଦସ୍ୟ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ସହଭାଗୀତାରେ କାର୍ଯ୍ୟକାରୀ ହୋଇଥିବା ମିଶନ ଅଭୀପ୍ସା ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧ୍ୟାନକେନ୍ଦ୍ରିତ ପରାମର୍ଶ, ଶୈକ୍ଷିକ ସହାୟତା ଓ ନିୟମିତ ମୂଲ୍ୟାଙ୍କନ ମାଧ୍ୟମରେ ଶୈକ୍ଷିକ ଫଳାଫଳକୁ ଉନ୍ନତ କରିବାକୁ ଚେଷ୍ଟା କରେ। ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାରେ ସାହାଯ୍ୟ କରିବା, ଶିକ୍ଷାଗତ ବ୍ୟବଧାନକୁ ପୂରଣ କରିବା ଓ ଉଚ୍ଚଶିକ୍ଷା ଏବଂ ଭବିଷ୍ୟତର କ୍ୟାରିଅର ସୁଯୋଗ ହାସଲ କରିବା ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଅବସରରେ ଝାରସୁଗୁଡାର ବେଦାନ୍ତ ଆଲୁମିନିୟମର ସିଇଓ ସି ଚନ୍ଦୁ କହିଛନ୍ତି ଯେ ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନର ସବୁଠାରୁ ଶକ୍ତିଶାଳୀ ସମର୍ଥକମାନଙ୍କ ମଧ୍ୟରୁ ଗୋଟିଏ। ମିଶନ ଅଭିପ୍ସା ମାଧ୍ୟମରେ, ଆମେ ଶିକ୍ଷଣ ବ୍ୟବଧାନକୁ ପୂରଣ କରିବା ଓ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସମ୍ଭାବନା ହାସଲ କରିବାରେ ସକ୍ଷମ କରିବା ପାଇଁ କାର୍ଯ୍ୟ କରୁଛୁ। ଏହି ସଫଳତା ନିରନ୍ତର ସମର୍ଥନ ଓ ଶିକ୍ଷକ, ଅଭିଭାବକ ଏବଂ ସମ୍ପ୍ରଦାୟର ସାମୂହିକ ପ୍ରୟାସର ପ୍ରଭାବକୁ ପ୍ରତିଫଳିତ କରେ। ଆମେ ଓଡ଼ିଶା ଓ ବାହାର ରାଜ୍ୟ ପାଇଁ ପରବର୍ତ୍ତୀ ପିଢ଼ିକୁ ବିକଶିତ କରିବା ପାଇଁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ସେହିପରି ସମାସିଙ୍ଗା ବ୍ଲକର ଏ-୧ ଗ୍ରେଡ୍ ହାସଲକାରୀ ଅନନ୍ୟା ପ୍ରଧାନ କୃତଜ୍ଞତା ପ୍ରକାଶ କରି କହିଛନ୍ତି ଯେ ମିଶନ ଅଭୀପ୍ସା ମାଧ୍ୟମରେ ପ୍ରଦାନ କରାଯାଇଥିବା ମାର୍ଗଦର୍ଶନ ଓ ପ୍ରେରଣା ତାଙ୍କୁ ପ୍ରସ୍ତୁତି ସମୟରେ ଧ୍ୟାନକେନ୍ଦ୍ରିତ ଓ ଆତ୍ମବିଶ୍ୱାସୀ ରହିବାରେ ସାହାଯ୍ୟ କରିଥିଲା। ଏହା ତାଙ୍କୁ ବଡ଼ ସ୍ୱପ୍ନ ଦେଖିବା ଓ ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରିବାକୁ ଉତ୍ସାହିତ କରିଛି।

# ଫ୍ଲେକ୍ସ, ହୋର୍ଡିଂମୁକ୍ତ ହେଉ ଭୁବନେଶ୍ୱର

ଭୁବନେଶ୍ୱର, ୯।୬: ହୋର୍ଡିଂ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନ କ୍ଷତିଗ୍ରସ୍ତ ହେଉଥିବା ପରିପ୍ରେକ୍ଷୀରେ ରାସ୍ତାକଡ଼ ଓ ମଝିରେ ହୋର୍ଡିଂ ଲଗାଇବା ଉପରେ କଡ଼ା କଟକଣା ଜାରି କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏଠାରେ ଉଲ୍ଲେଖନୀୟ ଯେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ହୋର୍ଡିଂ ନିୟନ୍ତ୍ରଣ ଦାୟିତ୍ୱ ବିଏମ୍‌ସି ହାତରେ ରହିଛି। ବିଭିନ୍ନ ସଂସ୍ଥା ଲଗାଉଥିବା ହୋର୍ଡିଂ ବିଜ୍ଞାପନରୁ ବିଏମ୍‌ସି କୋଟି କୋଟି ଟଙ୍କା ଆୟ କରୁଥିବାବେଳେ ଆଉ କେତେକ ସଂସ୍ଥା ପଇସା ନଦେଇ ଖସି ଯାଉଛନ୍ତି। ତେବେ ହୋର୍ଡିଂ ଲଗାଇବା ପାଇଁ ଯେଉଁସବୁ ଖୁଣ୍ଟ ସଂପୃକ୍ତ ବିଜ୍ଞାପନ ସଂସ୍ଥାମାନେ ମହାନଗରର ବିଭିନ୍ନ ଅଞ୍ଚଳରେ ବସାଇଛନ୍ତି ସେଗୁଡ଼ିକର ନିରାପତ୍ତା ଉପରେ ବିଶେଷ ଧ୍ୟାନ ଦିଆଯାଉ ନାହିଁ। ଫଳରେ ଖୁଣ୍ଟ ସହିତ ହୋର୍ଡିଂମାନ ଅନେକ ସମୟରେ ଭୁଶୁଡ଼ି ପଡି ଧନଜୀବନ ହାନିର କାରଣ ହେଉଛି।

ଏଭଳି ଦୁର୍ଘଟଣା ଘଟିବା ପରେ ମଝିରେ ମଝିରେ କର୍ତ୍ତୃପକ୍ଷ ଚେଇଁ ଉଠନ୍ତି। ଗୋଟିଏ ସମୟରେ ଏଭଳି ଅନେକ ଦଦରା ହୋର୍ଡିଂ ଖୁଣ୍ଟ ଓ ଏହା ବସାଉଥିବା ବିଜ୍ଞାପନ ସଂସ୍ଥାଗୁଡ଼ିକୁ ଚିହ୍ନଟ କରାଯାଇଥିଲା। କିନ୍ତୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ କେତେକ ବିଜ୍ଞାପନ ସଂସ୍ଥା ବିଏମ୍‌ସିକୁ ଟିକସ ବାବଦ ଅର୍ଥ ପୈଠରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି।

କିଛିଦିନ ଧରି ରାଜଧାନୀରେ କାଳବୈଶାଖୀ ଲାଗି ରହୁଛି। ଏଥିଯୋଗୁ ବିଭିନ୍ନ ଅଞ୍ଚଳରେ ବହୁ ହୋର୍ଡିଂ ଉଡ଼ିଯାଉଛି। ରାସ୍ତା ମଝିର ବିଦ୍ୟୁତ ଖୁଣ୍ଟରେ ମରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ନେତାଙ୍କ ଫ୍ଲେକ୍ସ ସାମାନ୍ୟ ପବନରେ ଉଡ଼ିଯାଉଛି। କେତେବେଳେ ଏହା ଗାଡ଼ି ଚାଳକମାନଙ୍କ ଗତିରୋଧ କରୁଛି ତ ଆଉ କେତେବେଳେ ରାସ୍ତା କଡ଼କୁ ନଇଁ ଯାନବାହନ ଚଳାଚଳରେ ବାଧା ଉପୁଯାଉଛି। ଏଭଳି ଫ୍ଲେକ୍ସ ବିଜ୍ଞାପନ ଲଗାଇବା ପାଇଁ ପ୍ରାୟତଃ କେହି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଉନାହାନ୍ତି କି ଏ ବାବଦରେ ରାଜସ୍ୱ ମଧ୍ୟ ଦେଉ ନାହାନ୍ତି। ଓଲଟା ଚିରାଫଟା ଫ୍ଲେକ୍ସ ବିଜ୍ଞାପନଗୁଡ଼ିକୁ ବହୁ ସମୟରେ ବିଏମ୍‌ସି ନିଜ ଖର୍ଚ୍ଚରେ ଅପସାରଣ କରୁଛି।

ଫ୍ଲେକ୍ସ, ହୋର୍ଡିଂ ଆଦି ଯୋଗୁ ସ୍ୱଚ୍ଛତା ଓ ମହାନଗରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ତେଣୁ ପରୀକ୍ଷାମୂଳକ ଭାବେ ପ୍ରଥମେ ରାଜଧାନୀ ଭୁବନେଶ୍ୱରକୁ ଫ୍ଲେକ୍ସ ଓ ହୋର୍ଡିଂ ମୁକ୍ତ ନଗର ଭାବେ ଘୋଷଣା କରିବା ପାଇଁ ବିଭିନ୍ନ ମହଲରୁ ଦାବି ଉଠୁଛି। ପରିବେଶବିତ୍‌ମାନେ କହୁଛନ୍ତି ଯେ ଫ୍ଲେକ୍ସ ଓ ହୋର୍ଡିଂ ଆଦିରେ ଯେଉଁ ପ୍ଲାଷ୍ଟିକ ଉପାଦାନ ବ୍ୟବହୃତ ହେଉଛି ତାହା ପରିବେଶ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ। କନା ଓ କାଗଜରେ ପୂର୍ବରୁ ଲଗାଯାଉଥିବା ବ୍ୟାନର, ପୋଷ୍ଟରଗୁଡ଼ିକ ମାଟିରେ ମିଶିଯାଉଥିଲା ଏବଂ ତାହାର କିଛି ପାଶ୍ୱର୍ ପ୍ରତିକ୍ରିୟା ରହୁନଥିଲା। କିନ୍ତୁ ଫ୍ଲେକ୍ସ, ହୋର୍ଡିଂ ଆଦିର ସାମଗ୍ରୀଗୁଡ଼ିକ ଜାଳିଲେ ବାୟୁ ପ୍ରଦୂଷଣ କରି କ୍ୟାନ୍ସର ଉପୁଯାଇବା ଆଶଙ୍କା ରହିଛି।



ଦୀର୍ଘଦିନ ଧରି ଏହା ଖରାବର୍ଷାରେ ପଡ଼ିରହିଲେ ଗୁଣ୍ଡ ହୋଇଯାଏ ଏବଂ ଏଥିରୁ ବାହାରୁଥିବା ପ୍ଲାଷ୍ଟିକ୍ କଣିକାଗୁଡ଼ିକ ବାୟୁ ମଣ୍ଡଳର ଉତ୍ତାପ ବୃଦ୍ଧି କରିବା ସହିତ ମଣିଷ ଓ ଅନ୍ୟ ଜୀବଜନ୍ତୁମାନଙ୍କ ଶ୍ୱାସରେ ଶରୀର ଭିତରକୁ ଯାଇ ଫୁସ୍‌ଫୁସ୍ ଓ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗରେ ପ୍ଲାଷ୍ଟିକ୍ କଣିକା ଜମାଟ ହୁଏ। ଏଥିଯୋଗୁ ବହୁ ଭୟଙ୍କର ରୋଗବ୍ୟାଧି ସୃଷ୍ଟି ହେବାର ସମ୍ଭାବନା ରହିଛି। ଫ୍ଲେକ୍ସ, ହୋର୍ଡିଂ ଆଦିର ବର୍ଜ୍ୟବସ୍ତୁ ଉପରେ ଶୋଇଲେ ଚର୍ମ ଉପରେ ଖରାପ ପ୍ରଭାବ ପଡ଼େ ଏବଂ ଏହା ଉପରେ ପନିପରିବା, ଫଳମୂଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ରଖିଲେ ତାହା ମଧ୍ୟ ପ୍ରଦୂଷିତ ହୋଇ ରୋଗର କାରଣ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।(ତଥ୍ୟ)

## ଦେଶୀ ଓ ବିଦେଶୀ ମଦ ସହ ବିଅର ଜବତ, ୪ ଗିରଫ

ସୋରୋ, ୯।୬(ସଂଚାର ବ୍ୟୁରୋ): ଦେଶୀ ଓ ବିଦେଶୀ ମଦ ସହ ଜବତ ହୋଇଛି ବିଅର। ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଆସଫ ଅଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଭାବେ ମଦ ବିକ୍ରି କରୁଥିବା ବିଭିନ୍ନ ବ୍ୟକ୍ତିଙ୍କ ଉପରେ ଚଢ଼ାଉ ହେବା ପରେ ସେମାନଙ୍କ ନିକଟରୁ ବ୍ୟାପକ ମଦ ଜବତ କରାଯିବା ସହ ୪ ଜଣକୁ ଗିରଫ କରାଯାଇଛି। ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଓ ଷ୍ଟାଫମାନଙ୍କୁ ନେଇ ଏକ ଟିମ୍ ଗଠିତ ହୋଇଥିଲା। ଏହି ସ୍ୱତନ୍ତ୍ର ଟିମ ଖଇରା ବ୍ଲକ୍ ଅନ୍ତର୍ଗତ ଅନ୍ତରା ବଜାର ଓ ଖଇରା ଥାନା ଅନ୍ତର୍ଗତ ଧୋବାଗଡ଼ିଆ ଛକ, ଗାନ୍ଧି ଛକ ଓ ଶରତ ଗାଁରେ ଚଢ଼ାଉ କରାଯାଇଥିଲା। ସେଠାରୁ ୩୦ ଲିଟର ଦେଶୀ ମଦ, ୧୫.୮୪୦ ଲିଟର ବିଦେଶୀ ମଦ ଓ ୧୫.୬୦୦ ଲିଟର ବିଅର ଜବତ କରାଯାଇଛି।

ସେହିପରି ଗିରଫ ହୋଇଥିବା ୪ ଅଭିଯୁକ୍ତ ହେଲେ ଅନ୍ତରା ଗ୍ରାମର କମଳାକାନ୍ତ ବେହେରା, ଗଗନଧୂଳି ଗ୍ରାମର ମହେନ୍ଦ୍ର ପୁଷ୍ଟି, ଶରତ ଗ୍ରାମର ଭାଗୀରଥି ପାତ୍ର ଓ ଧୋବାଗଡ଼ିଆ ଗ୍ରାମର ସୁଶାନ୍ତ କୁମାର ଦାସ। ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପନିରୀକ୍ଷକ ଦୀପିକା ପରିଡ଼ା ଓ କନଷ୍ଟେବଲ ଦେବାଶିଷ ମଲ୍ଲିକ ସାମିଲ ଥିଲେ। ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଛି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ବୁଧବାର ୧୦ ଜୁନ୍ ୨୦୨୬, ଭୁବନେଶ୍ୱର
Wednesday 10 June 2026, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଭାରତୀୟ ରାଜନୀତିରେ ଇତିହାସ

ଭାରତୀୟ ରାଜନୀତିର ଇତିହାସରେ ଏକ ବିରଳ ଘଟଣା ଘଟିଛି। ନରେନ୍ଦ୍ର ମୋଦୀ ଲଗାତାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ପଦରେ ନିର୍ବାଚିତ ହୋଇ ଜବାହରଲାଲ ନେହରୁଙ୍କ ପରେ ଏହି ବିରଳ କୃତିତ୍ୱ ହାସଲ କରିଛନ୍ତି। ନେହରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଲଗାତାର ତିନିଥର ନିର୍ବାଚନ ଜିତି ଦେଶର ଆଧୁନିକ ଆଧାର ସ୍ଥାପନ କରିଥିଲେ। ଏବେ ମୋଦୀ ସେହି ଇତିହାସର ପୁନରାବୃତ୍ତି କରି ଭାରତୀୟ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ କରୁଛନ୍ତି। ଏହା କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ରାଜନୈତିକ ସ୍ଥିରତା ଏବଂ ଜନତାଙ୍କ ବିଶ୍ୱାସର ପ୍ରତୀକ।



ନେହରୁଙ୍କ ଯୁଗ ସ୍ୱାଧୀନତା ପରବର୍ତ୍ତୀ ନିର୍ମାଣର ଯୁଗ ଥିଲା। ସେ ଗଣତନ୍ତ୍ରୀୟ ମୂଲ୍ୟବୋଧ, ଶିଳ୍ପାୟନ, ବୈଜ୍ଞାନିକ ମନୋବୃତ୍ତି ଏବଂ ଅଣ-ସଂଯୁକ୍ତ ନୀତି ମାଧ୍ୟମରେ ଭାରତକୁ ଏକ ଆଧୁନିକ ରାଷ୍ଟ୍ର ଭାବରେ ଗଢ଼ି ତୋଲିଥିଲେ। କଂଗ୍ରେସର ପ୍ରବଳ ଆଧିପତ୍ୟ ଥିଲା ଏବଂ ନେହରୁଙ୍କ ବ୍ୟକ୍ତିତ୍ୱ ଦେଶର ରାଜନୈତିକ କେନ୍ଦ୍ର ଥିଲା। କିନ୍ତୁ ସେହି ଯୁଗରେ ଅର୍ଥନୈତିକ ସଙ୍କଟ, ଲାଇସେନ୍ସ ରାଜ ଏବଂ ସମାଜବାଦୀ ନୀତି ଦେଶର ବିକାଶକୁ ମଧ୍ୟ ସୀମିତ କରିଥିଲା। ନେହରୁଙ୍କ ପରେ କେହି ପ୍ରଧାନମନ୍ତ୍ରୀ ଲଗାତାର ତିନିଥର ନିର୍ବାଚନ ଜିତି ନଥିଲେ। ଇନ୍ଦିରା ଗାନ୍ଧୀ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ପରି ନେତାମାନେ ମଧ୍ୟ ଏହି କୃତିତ୍ୱ ହାସଲ କରିନଥିଲେ।

ମୋଦୀଙ୍କ ରାଜନୈତିକ ଯାତ୍ରା ନେହରୁଙ୍କ ଠାରୁ ଭିନ୍ନ ପଥରେ ଆଗକୁ ବଢ଼ିଛି। ଗୁଜରାଟର ଚା' ବିକ୍ରେତାଙ୍କ ପୁଅ ହୋଇ ଆରଏସ୍ଏସ୍ ଏବଂ ବିଜେପିର ସଙ୍ଗଠନ ମାଧ୍ୟମରେ ଉଠି ସେ ରାଜନୀତିରେ ଏକ ବିପ୍ଳବ ଆଣିଛନ୍ତି। ୨୦୧୪ ନିର୍ବାଚନରେ ବିଜେପିକୁ ପୂର୍ଣ୍ଣ ବହୁମତ ଦେଇ ଜନତା କଂଗ୍ରେସର ଦୀର୍ଘ ରାଜନୈତିକ ଆଧିପତ୍ୟକୁ ଶେଷ କରିଥିଲା। ନେହରୁଙ୍କ ପରି ମୋଦୀ ମଧ୍ୟ ଏକ ସ୍ୱପ୍ନ ଦେଖାଇଛନ୍ତି - 'ସବକା ସାଥ, ସବକା ବିକାସ, ସବକା ବିଶ୍ୱାସ' ଏବଂ ବିକଶିତ ଭାରତ ୨୦୪୭। କିନ୍ତୁ ନେହରୁଙ୍କ ସମାଜବାଦୀ ମଡେଲ୍ ବଦଳରେ ମୋଦୀ ବଜାର ଅର୍ଥନୀତି, ଡିଜିଟାଲ୍ ପରିବର୍ତ୍ତନ ଏବଂ ଆତ୍ମନିର୍ଭରତାର ମନ୍ତ୍ର ଦେଇଛନ୍ତି। ଜନଧନ ଯୋଜନା, ଉଜ୍ଜ୍ୱଳା ଯୋଜନା, ଆଧାର ଏବଂ ଡିବିଟି ମାଧ୍ୟମରେ ଗରିବୀ ଦୂରୀକରଣରେ ବଡ ସଫଳତା ମିଳିଛି, ଯାହା ନେହରୁ ଯୁଗର ପଞ୍ଚବାର୍ଷିକ ଯୋଜନାଠାରୁ ଅଧିକ ସିଧା ଲାଭ ପହଞ୍ଚାଇଛି।

ରାଜନୈତିକ ଦୃଷ୍ଟିରୁ ମୋଦୀଙ୍କ ନେତୃତ୍ୱ ବିଜେପିକୁ ଏକ ଜାତୀୟ ପାର୍ଟି ଭାବରେ ପ୍ରତିଷ୍ଠିତ କରିଛି। ନେହରୁଙ୍କ କଂଗ୍ରେସ ଯେପରି ସ୍ୱାଧୀନତା ଆନ୍ଦୋଳନର ଉତ୍ତରାଧିକାରୀ ଥିଲା, ସେହିପରି ମୋଦୀ ହିନ୍ଦୁତ୍ୱ ଏବଂ ସାଂସ୍କୃତିକ ଜାତୀୟତାବାଦର ଆଧାରରେ ଏକ ନୂତନ ରାଜନୈତିକ ଧାରା ସୃଷ୍ଟି କରିଛନ୍ତି। ଧାରା ୩୭୦ ଉଠାଇବା, ସିଟିଜେନ୍ ଆମେଣ୍ଡମେଣ୍ଟ ଆକ୍ଟ ଏବଂ ରାମ ମନ୍ଦିର ନିର୍ମାଣ ପରି ପଦକ୍ଷେପ ନେହରୁବାଦୀ ଧର୍ମନିରପେକ୍ଷତାର ପରିବର୍ତ୍ତେ ଏକ ନୂତନ ଜାତୀୟ ଆଖ୍ୟାନ ପ୍ରତିଷ୍ଠା କରିଛି। କୋଭିଡ୍ ମହାମାରୀ ସମୟରେ ବିଶ୍ୱର ସର୍ବବୃହତ୍ତମ ଟିକାକରଣ ଏବଂ ଆତ୍ମନିର୍ଭର ଭାରତ ଅଭିଯାନ ନେହ୍ରୁ ଯୁଗର ସଙ୍କଟ ପରିଚାଳନାଠାରୁ ଅଧିକ କାର୍ଯ୍ୟକ୍ଷମ ପ୍ରମାଣିତ ହୋଇଛି।

ବିଦେଶ ନୀତିରେ ମୋଦୀ ନେହରୁଙ୍କ ଅଣ-ସଂଯୁକ୍ତ ନୀତିକୁ ଆଧୁନିକୀକରଣ କରି ବିଶ୍ୱଗୁରୁ ଭାରତର ସ୍ୱର ଉଠାଇଛନ୍ତି। ଜି-୨୦ ନେତୃତ୍ୱ, କ୍ୱାଡ୍ ଏବଂ ଆମେରିକା-ଭାରତ ସମ୍ପର୍କର ମଜବୁତି ଦେଶକୁ ବିଶ୍ୱ ମଞ୍ଚରେ ଏକ ଶକ୍ତିଶାଳୀ ଖେଳୁଆଡ କରିଛି। ଇନଫ୍ରାଷ୍ଟ୍ରକ୍ଚର, ରକ୍ଷା ଏବଂ ଡିଜିଟାଲ୍ ଅର୍ଥନୀତିରେ ହୋଇଥିବା ବିପ୍ଳବ ନେହରୁଙ୍କ ଭିଲେଜ ଇଣ୍ଡିଆ ସ୍ୱପ୍ନକୁ ସ୍ମାର୍ଟ ଇଣ୍ଡିଆରେ ରୂପାନ୍ତରିତ କରିଛି।

ତଥାପି ସମାଲୋଚନା ଅଛି। ବିରୋଧୀମାନେ କେନ୍ଦ୍ରୀକରଣ ଏବଂ ବିରୋଧୀ ସ୍ୱରକୁ ଦମନ କରିବାର ଅଭିଯୋଗ ଆଣନ୍ତି, ଯାହା ନେହରୁ ଯୁଗର ଗଣତାନ୍ତ୍ରିକ ବିସ୍ତାରଠାରୁ ଭିନ୍ନ ଦେଖାଯାଏ। କିନ୍ତୁ ଫଳାଫଳ ହିଁ ସତ୍ୟ କୁହେ। ମୋଦୀଙ୍କ ତୃତୀୟ କାର୍ଯ୍ୟକାଳ ଭାରତକୁ ବିକଶିତ ରାଷ୍ଟ୍ର କରିବାର ମହାଯଜ୍ଞ। ନେହରୁଙ୍କ ଆଦର୍ଶରୁ ପ୍ରେରିତ ହୋଇ ମୋଦୀ ଏକ ନୂତନ ଭାରତ ଗଢ଼ୁଛନ୍ତି। ଏହି ଇତିହାସ ସୃଷ୍ଟି ଭାରତୀୟ ଗଣତନ୍ତ୍ରର ଶକ୍ତି ପ୍ରମାଣ କରୁଛି। ଜନତାଙ୍କ ଇଚ୍ଛା ସର୍ବୋପରି। ମୋଦୀଙ୍କ ନେତୃତ୍ୱରେ ଭାରତ ଆହୁରି ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରସ୍ତୁତ।

# ମା'ର ସ୍ନେହ: ନାରୀର ସଂସାର ଅସାର

ଡ଼ଃ.ଅରୁନ୍ଧତୀ ଦେବୀ



ଯାହାର ବ୍ୟକ୍ତିତ୍ୱ ନିଷ୍ପେସିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ। ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି; ସେ ନାରୀ। ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ। ଆଜି ପରିବର୍ତ୍ତିତ ସମାଜ ଯାହାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ, ପଦାକୁ ପାଦ କାଢ଼ିଲେ, ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ। ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୂଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା। ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତାର ମହାନତା। ସମାଜରେ ନିଜ ସ୍ଥିତିକୁ ସୂଚେଇ ଦେବାକୁ, ନିଜର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି, ରହିବ ବୋଲି ଜଣାଇବାକୁ ଆଜି ପାଳିତ ହୁଏ ଆନ୍ତର୍ଜାତିକ ମହିଳା ଦିବସ। ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି। ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ। ନାରୀ ବିନା ସୃଷ୍ଟି ଯେ ଅସମ୍ଭବ। ସ୍ୱାମୀ-ସ୍ତ୍ରୀ, ନାରୀ-ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏକ ବିନା ଆରେକ ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ସାମ୍, ସ୍ତ୍ରୀ ଋକ୍। ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ ଏକଥା ଭୁଲିଯାଉଛି ହୁଏତ ସମାଜ। ନାରୀକୁ କେବଳ ଶଯ୍ୟା ସଙ୍ଗୀନ, କ୍ରୀଡ଼ାନକ କରି ରଖିବାର ଲାଳସା ତାର ପ୍ରଗତି ପଥରେ ବାଧକ ହେଉଛି। ଏହି ନାରୀ ଦୁର୍ବଳା ନୁହେଁ। କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ଯେତିକି ମହନୀୟା ମାହେଶ୍ୱରୀ ସାଜିପାରେ; ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେତିକି ଦୁର୍ଦ୍ଦମନୀୟା ମହାକାଳି, ମହିଷାମର୍ଦ୍ଦିନୀଙ୍କର ବିଷମୟ ରୂପ ଧାରଣ କରିପାରେ।

ଆଜିର ମହିଳା ଦିବସ ପ୍ରସଙ୍ଗରେ ମନେପଡ଼ିଯାଉଛି ପୁରାଣର ଏକ ସ୍ମରଣୀୟ ଘଟଣାଟି। ମାଆ ତା ସନ୍ତାନଟି ପାଇଁ କେତେ ତ୍ୟାଗ ଓ ତୀତିକ୍ଷା କରିପାରେ ଏହା ହିଁ ଏହି ଆଲୋଚନାର ଉପଲକ୍ଷ। ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ। ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା। ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି। ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢ଼ୁଥାଏ। ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା। ଆର୍ଥିକ ଅବସ୍ଥା ଭଲ ନଥାଏ। ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ। ପୁଅଟି ଭଲ ପାଠ ପଢ଼ୁଥାଏ। ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଃ, ତୋ ମା କାଣୀ। ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ। ପୁଅକୁ ଖରାପ ଲାଗିଲା। ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି। ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ। ମା'ର ପରିଚୟ ଠାରୁ ଦୂରେଇ ଯିବ। ଭଲ ପାଠ ପଢ଼ୁଥିଲା, ବଡ଼ ସହରକୁ ଚାଲିଗଲା। ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ। ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା। ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି। ଦିନେ ମା'ର ଇଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା। ପଚାରି ପଚାରି ଗଲା। ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା। କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା। କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି। ଏ ଭିତରେ କିଛି ମାସ ଚାଲିଗଲା। କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ। କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି। ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି। ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ। ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ। ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ।' ବିଶ୍ୱ ମହିଳା ଦିବସ ଅବସରରେ ନାରୀ ସଶକ୍ତିକରଣକୁ ସମ୍ମାନ ଓ ନିଜ ମାଆ ମାନଙ୍କ ପ୍ରତି କର୍ତ୍ତବ୍ୟର ଦିଗଟିକୁ ଅନୁଚିନ୍ତନକଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟର ଗୁରୁତ୍ୱ ରହିବ।

**ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍:୯୯୩୭୧୭୨୮୧୦**

# ଟିକସ, ଲାଭ ଏବଂ କ୍ଷତିର ଭିତିରି କଥା

ଗୋପାଳ ମହାପାତ୍ର



ଦେଶରେ ପେଟ୍ରୋଲ, ଡିଜେଲ ଏବଂ ରୋଷେଇ ଗ୍ୟାସର ମୂଲ୍ୟ ବୃଦ୍ଧି ଏବେ କେବଳ ଆର୍ଥୀକ ଆଲୋଚନାର ବିଷୟ ହୋଇ ରହିନାହିଁ ବରଂ ଏହା ସାଧାରଣ ଲୋକଙ୍କ ଦୈନନ୍ଦିନର ପୀଡ଼ାର ସବୁଠାରୁ ବଡ଼ କାରଣ ପାଲଟିଛି। ନିଜ କାର୍ଯ୍ୟାଳୟକୁ ଯାଉଥିବା କର୍ମଚାରୀ, ଚାଷକାର୍ଯ୍ୟ ପାଇଁ ପମ୍ପ ଚଲାଉଥିବା ଚାଷୀ, ମାଲ ପରିବହନ କରୁଥିବା ଗାଡ଼ି ଚାଳକ ହୁଅନ୍ତୁ ବା ଗ୍ୟାସରେ ରୋଷେଇ କରୁଥିବା ଗୃହିଣୀ ସମସ୍ତେ ଏଇ ବଢ଼ୁଥିବା ଦର କାରଣରୁ ତ୍ରସ୍ତ କିନ୍ତୁ ପ୍ରଶ୍ନ ଉଠୁଛି ଯେ ପ୍ରକୃତରେ ଏସବୁର ମୂଲ୍ୟ ବୃଦ୍ଧି ଓ ପେଟ୍ରୋଲ, ଡିଜେଲ ଉପରେ ଲଗାଯାଇଥିବା ଟିକସ ଦାୟୀ? ମୂଲ୍ୟ ବୃଦ୍ଧି କାରଣରୁ ଅତ୍ୟାବଶ୍ୟକୀୟ ଜିନିଷର ମୂଲ୍ୟ ବୃଦ୍ଧିପାଇଁ ବଜାର ଦାୟୀ ନା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପେଟ୍ରୋଲ- ଡିଜେଲ ଦେଶର ଆବଶ୍ୟକତା ପୂରଣ ପାଇଁ ପାଖାପାଖି ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରାଯାଇଥାଏ। ଏଥିପାଇଁ ଆନ୍ତର୍ଯାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ହେଲେ ତାର ପ୍ରଭାବ ଭାରତ ଉପରେ ପଡ଼ିବା ସ୍ୱାଭାବିକ୍। ଋଷ-ୟୁକ୍ରେନଯୁଦ୍ଧ, ଇରାନ-ଆମେରିକା ଯୁଦ୍ଧ, ଡ଼ଲାର ତୁଳନାରେ ଟଙ୍କାର ବିନିମୟ ଦରହ୍ରାସ ଏବଂ ବିଶ୍ୱସ୍ତରରେ ଯୋଗାଣ ବ୍ୟବସ୍ଥାକୁ ନେଇ ଦେଖାଦେଇଥିବା ସଙ୍କଟ ଭଳି କାରଣ ବାବଦରେ ତୈଳ କମ୍ପାନୀ ମାନେ ଓ ସରକାର ସବୁବେଳେ କହିଥାନ୍ତି। କିନ୍ତୁ ଏହିସବୁ କାରଣ ଯୋଗୁଁ କ'ଣ ପେଟ୍ରୋଲ, ଡିଜେଲ ରୋଷେଇ ଗ୍ୟାସର ମୂଲ୍ୟ ବୃଦ୍ଧି ହେଉଛି?ତୈଳ କମ୍ପାନୀ ଓ ସରକାର ଦର୍ଶାଉଥିବା କାରଣ ପୁରାପୁରି ସତ୍ୟ ନୁହେଁ।

ଯଦି କେବଳ ଆନ୍ତର୍ଯାତୀୟ ବଜାର କାରଣ ହୋଇଥାଏ ତେବେ ଯେତେବେଳେ ଆନ୍ତର୍ଯାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ କମିଯାଏ ସେତେବେଳେ ସେଇ ଅନୁପାତରେ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ କମେ ନାହିଁ କାହିଁକି? ପେଟ୍ରୋଲ-ଡିଜେଲ ଉପରେ ଟିକସ ବୃଦ୍ଧି କରି ସରକାର କାହିଁକି ରାଜସ୍ୱ ବୃଦ୍ଧି କରୁଛନ୍ତି? ଏହା ହେଉଛି ପେଟ୍ରୋଲ- ଡିଜେଲର ଟିକସ ରାଜନୀତି। ଭାରତ ବଜାରରେ ବିକ୍ରୀ ହେଉଥିବା ପେଟ୍ରୋଲର ଅଧିକ ଭାଗ ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ। ବିଭିନ୍ନ ରାଜ୍ୟର ସରକାରମାନେ ପେଟ୍ରୋଲ ଉପରେ ସେମାନଙ୍କ ନିଷ୍ପତ୍ତି ଅନୁସାରେ ଭାଟ (ଟିକସ) ବସାଇଥାନ୍ତି। ଡିଜେଲ ଉପରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ଲଗାଇଥାନ୍ତି। ଏହାର ଅର୍ଥ ହେଉଛି ଯଦି କେହି ବ୍ୟକ୍ତି ୧୦୦ଟଙ୍କାର ପେଟ୍ରୋଲ କିଣେ ତେବେ ସେହି ୧୦୦ଟଙ୍କାର ପାଖାପାଖି ଏକ ତୃତୀୟାଂଶ ବା ତାଠାରୁ ଅଧିକ ଅର୍ଥ କେବଳ ଟିକସ ବାବଦରେ ସରକାରଙ୍କ ପାଖକୁ ଯାଇଥାଏ। ଏହି କାରଣରୁ ଅନେକ ସମୟରେ ଦାବି ଉଠୁଛି ଯେ ପେଟ୍ରୋଲ ଏବଂ ଡିଜେଲକୁ ବସ୍ତୁ ଏବଂ ସେବାକର (ଜିଏସ୍ଟି) ପରସରକୁ ଅଣାଯାଉନି କାହିଁକି? ଏହାର ଉତ୍ତର ମଧ୍ୟ ସ୍ପଷ୍ଟ। ପେଟ୍ରୋଲିୟମ ପଦାର୍ଥ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟଙ୍କ ପାଇଁ ଲାଭଜନକ ଅଟେ। ଯଦି ପେଟ୍ରୋଲ-ଡିଜେଲ କୁ ଜିଏସ୍ଟି ଭୁକ୍ତ କରାଯାଏ ତେବେ ସରକାର ଯେଉଁ ମନଇଛା ଟିକସ ଅସୁଲ କରୁଛନ୍ତି ତାହା ସିମୀତ ହୋଇଯିବ। ବିଡ଼ମ୍ବନା ହେଉଛି ଯେତେବେଳେ ଆନ୍ତର୍ଯାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ହୁଏ ସେତେବେଳେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ବର୍ଦ୍ଧିତ ଟିକସ କାରଣରୁ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ ବଢ଼ୁଛି ବୋଲି କହିଥାନ୍ତି। ଅନ୍ୟ ପକ୍ଷରେ ଏସବୁର ମୂଲ୍ୟ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଉତ୍ପାଦ ଶୁଳ୍କ ବୃଦ୍ଧି ବୋଲି କହି ରାଜ୍ୟସରକାର କେନ୍ଦ୍ର ମୁଣ୍ଡରେ ଦୋଷ ଲଦି ଦିଅନ୍ତି। କିନ୍ତୁ ନା କେନ୍ଦ୍ର ଅଥବା ରାଜ୍ୟ ସରକାର କେହି ବି ଲଗାଉଥିବା ଟିକସ କେବେ ହ୍ରାସ କରନ୍ତି ନାହିଁ। କେବଳ ନିର୍ବାଚନ ସମୟରେ ପେଟ୍ରୋଲ- ଡିଜେଲର ମୂଲ୍ୟ କିଛି ଟଙ୍କା କମାଇଦେଇଥାନ୍ତି। କିନ୍ତୁ ନିର୍ବାଚନ ସରିଲେ ଯଥା ପୂର୍ବଂ ତଥା ପରଂ।




ଏବେ ତୈଳ କମ୍ପାନୀ ମାନଙ୍କ କଥା ବିଚାର କରାଯାଉ। ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି ସରକାରୀ ତୈଳ କମ୍ପାନୀ ମାନେ ସ୍ପଷ୍ଟିକରଣ ଦେଇଥାନ୍ତି ଯେ ଆନ୍ତର୍ଯାତୀୟ ବଜାରରେ ଅଶୋଧିତ ତୈଳର ମୂଲ ବୃଦ୍ଧି କାରଣରୁ ସେମାନଙ୍କୁ କ୍ଷତି ସହିବାକୁ ପଡୁଛି। କିନ୍ତୁ ଏସବୁ କମ୍ପାନୀ ମାନଙ୍କ ଆର୍ଥୀକ ହିସାବ କିତାବ କିଛି ଭିନ୍ନ କଥା ସୂଚାଇଥାଏ। ୨୦୨୪-୨୫ ଆର୍ଥୀକ ବର୍ଷରେ ଏଇ ୩ଟିଯାକ ପ୍ରମୁଖ ତୈଳ କମ୍ପାନୀଙ୍କର ଲାଭ ପାଖାପାଖି ୭୭ ହଜାର କୋଟି ଟଙ୍କାରୁ ଅଧିକ ଥିଲା। ଇଣ୍ଡିଆନ ଅଏଲ ୩୯ ହଜାର କୋଟି ଟଙ୍କା ଲାଭ କରିଥିଲା ବେଳେ ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ମଧ୍ୟ ହଜାର ହଜାର କୋଟି ଟଙ୍କା ନିଟ୍ ଲାଭ କରିଥିଲେ। ଏପରି ସ୍ଥଳେ ଲୋକଙ୍କ ପ୍ରଶ୍ନ ହେଉଛି କମ୍ପାନୀ ମାନଙ୍କର ଏତେ ଲାଭ ହେଉଥିବା ବେଳେ କ୍ଷତି ହେଉଛି କେଉଁଠି? ଅନେକଙ୍କ ମତରେ ତୈଳ କମ୍ପାନୀ ମାନେ ଯେଉଁ କ୍ଷତି କଥା କହୁଛନ୍ତି ତାହା ଅର୍ଦ୍ଧସତ୍ୟ କାରଣ କମ୍ପାନୀ ମାନଙ୍କ ଲାଭ, ସରକାରୀ ଲାଭାଂଶ ଏବଂ ଟିକସ ସଂଗ୍ରହର ତଥ୍ୟରୁ ସ୍ପଷ୍ଟ ଯେ ଏସବୁ ପୁରା ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଉପରେ ବୋଝ ବଢ଼ିଥାଏ। ମାଲ ପରିବହନ କରୁଥିବା ବାହାନର ଭଡ଼ା ବଢ଼ିଲେ ବଜାରରେ ଜିନିଷପତ୍ରର ଦର ବଢ଼ିଥାଏ। ଅର୍ଥାତ୍ ପେଟ୍ରୋଲ- ଡିଜେଲର ଦର ବଢ଼ିଲେ ତାର ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ଉପରେ ପଡ଼ିଥାଏ, ଏହି କାରଣରୁ ତୈଳ (ପେଟ୍ରୋଲ-ଡିଜେଲ)ର ମୂଲ୍ୟ ବୃଦ୍ଧିକୁ ବାସ୍ତବରେ ଦରଦାମ ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଇଥାଏ। ଯଦି ସରକାର ଲୋକଙ୍କୁ ରିହାତି ଦେବା ପାଇଁ ଚାହୁଁଥାନ୍ତି ତେବେ ପେଟ୍ରୋଲ-ଡିଜେଲ ଉପରେ ଲଗାଯାଇଥିବା ଟିକସ ବ୍ୟବସ୍ଥାକୁ ପାରଦର୍ଶୀ କରିବା ଉଚିତ୍। କେନ୍ଦ୍ର ଓ ରାଜ୍ୟ ସରକାର ଲଗାଉଥିବା ଟିକସରେ ସନ୍ତୁଳନ ଜରୁରୀ। ସର୍ବୋପରି ପେଟ୍ରୋଲିୟମ ପଦାର୍ଥକୁ ବସ୍ତୁ ଏବଂ ସେବାକର (ଜିଏସ୍ଟି) ପରିସର ଭୁକ୍ତ କରାଯିବା ପାଇଁ ଗମ୍ଭୀର ଚର୍ଚ୍ଚା କରାଯିବା ଆବଶ୍ୟକ। ଏଥି ସହିତ ତୈଳ କମ୍ପାନୀ ମାନଙ୍କର ଲାଭ ଏବଂ ଉତ୍ପାଦନ ବ୍ୟୟ ବାବଦରେ ଲୋକେ ଜାଣିବା ଆବଶ୍ୟକ ଫଳରେ ଲୋକେ ଜାଣିପାରିବେ ଯେ କାହାପାଇଁ ସେମାନଙ୍କୁ କେତେ ଟିକସ ଦେବାକୁ ପଡୁଛି।

**ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍:୯୪୩୮୪୮୫୦୯୪**

# ପୁତ୍ର ଶୋକରେ ଗାନ୍ଧାରୀ

ଶ୍ରୀବତ୍ସ ନାୟକ



ପୁତ୍ର-ବିୟୋଗରେ ଛଟପଟ ହେଉଥିବା ମାତା ଗାନ୍ଧାରୀ ଯେତେବେଳେ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେବାକୁ ଅଗ୍ରସର ହୁଅନ୍ତି, ସେତେବେଳେ ଶ୍ରୀକୃଷ୍ଣ ଶାନ୍ତ ସ୍ୱରରେ କୁହନ୍ତି; " ମା! ମୁଁ ଶୋକ,ମୋହ ଏବଂ ପୀଡ଼ା,ଏସବୁର ଉର୍ଦ୍ଧ୍ୱରେ। ନା ମୋର ବିଜୟର ଗର୍ବ ଅଛି,ନା ପରାଜୟର ବିଷାଦ। ନା ସମ୍ମାନ ମୋତେ ବାନ୍ଧିପାରେ, ନା ଅପମାନ। ନା ଜୀବନ, ନା ମୃତ୍ୟୁ, କୌଣସିରେ ମୁଁ ଆବଦ୍ଧ ନୁହେଁ। ମୁଁ ନା ସତ୍ୟରେ ବନ୍ଧା, ନା ଅସତ୍ୟରେ। କାଳ ଏବଂ ମହାକାଳ ଉଭୟ ମୋର ଅଧୀନ। ମୁଁ ସେମାନଙ୍କ ମାଧ୍ୟମରେ ହିଁ ନିଜର କାର୍ଯ୍ୟ ସିଦ୍ଧ କରାଏ। ହେ ମାତା,ଏହି ଯୁଦ୍ଧ ଅବଶ୍ୟମ୍ଭାବୀ ଥିଲା। ଯେଉଁମାନେ ଚାଲିଗଲେଣି,ସେମାନଙ୍କ ପାଇଁ ବିଳାପ କରନ୍ତୁ ନାହିଁ। ଯେଉଁମାନେ ବଳକା ଅଛନ୍ତି,ସେମାନଙ୍କୁ ସ୍ୱୀକାର କରନ୍ତୁ। ବର୍ତ୍ତମାନକୁ ଆପଣାନ୍ତୁ, କାରଣ ଅତୀତର ଶୋକ ହିଁ ଦୁଃଖର ମୂଳ କାରଣ।"



କୃଷ୍ଣଙ୍କ କଥା ଶୁଣି ଗାନ୍ଧାରୀ ବିଳାପ କରି କହି ଉଠନ୍ତି,"କୃଷ୍ଣ...!!! ତୁମେ ଏସବୁ କହିପାରିବ,କାରଣ ତୁମେ ଜଣେ ମାଆ ନୁହେଁ । ତୁମେ କ'ଣ ଜାଣିବ ଜଣେ ମାଆର ମମତା କ'ଣ ହୋଇଥାଏ? ତୁମେ କ'ଣ ବୁଝିବ ପୁତ୍ର-ଶୋକର ଅସହ୍ୟ ପୀଡ଼ା? ତୁମେ ମୋହ-ତ୍ୟାଗ ଏବଂ ଜ୍ଞାନର କଥା କହୁଛ, ତେବେ ଯାଅ,ନିଜ ମାତା ଦେବକୀଙ୍କୁ ପଚାର ଯେ ପୁତ୍ର-ବିୟୋଗରେ କ'ଣ ହୋଇଥାଏ! ପଚାରିବ ତାଙ୍କୁ କିପରି ଲାଗୁଥିଲା ଯେତେବେଳେ କଂସ ଗୋଟି ଗୋଟି କରି ତାଙ୍କ କଳିଜାର ଖଣ୍ଡଗୁଡ଼ିକୁ ଛଡ଼ାଇ ନେଉଥିଲା। ଯେତେବେଳେ ତାଙ୍କ ସ୍ତନରେ କ୍ଷୀର ଆସୁଥିଲାଏବଂ କୋଳ ଶୂନ୍ୟ ହୋଇ ଯାଉଥିଲା, ସେତେବେଳେ ତାଙ୍କୁ କ'ଣ ଅନୁଭବ ହେଉଥିଲା,ଏହା ମଧ୍ୟ ପଚାରିବ !"

ଏତିକି କହି ଗାନ୍ଧାରୀ ଭୂମିରେ ଲୋଟି ପଡିଲେ। କୃଷ୍ଣ ତାଙ୍କୁ ସମ୍ଭାଳି ନେଇ, ତାଙ୍କ ଲୁହ ପୋଛି ଦେଲେ। କୋହଭରା କଣ୍ଠରେ ଗାନ୍ଧାରୀ ପୁଣି କହନ୍ତି, "କୃଷ୍ଣ...ତୁମ ମାଆ ଛଅଟି ପୁତ୍ର ହରାଇଥିଲେ, କିନ୍ତୁ ମୁଁ ମୋର ଶହେ ପୁତ୍ର ହରାଇ ଦେଇଛି !"

କୃଷ୍ଣ କରୁଣ ସ୍ୱରରେ ଉତ୍ତର ଦିଅନ୍ତି, "ମା ! କୌରବମାନେ ନିଜେ ସେହି ମାର୍ଗ ବାଛିଥିଲେ ଯାହାର ଅନ୍ତ କେବଳ ବିନାଶ ହିଁ ଥିଲା। ମୁଁ କାହାର କର୍ମ-କ୍ଷେତ୍ରରେ ହସ୍ତକ୍ଷେପ କରିପାରିବି ନାହିଁ। କର୍ମର ଫଳ ତ ପ୍ରତ୍ୟେକଙ୍କୁ ଭୋଗିବାକୁ ହିଁ ପଡ଼ିଥାଏ।" ଅଶ୍ରୁପୂର୍ଣ୍ଣ ନୟନରେ କୃଷ୍ଣଙ୍କୁ ଚାହିଁ ଗାନ୍ଧାରୀ କହନ୍ତି,"ହୁଁ ! ଏହା କହିବା ସହଜ, କେଶବ। କିନ୍ତୁ ଜଣେ ମାଆ ପାଇଁ ତାର ପୁତ୍ର ହିଁ ସର୍ବସ୍ୱ ହୋଇଥାଏ। ସେ ଯୋଗ୍ୟ ହେଉ ବା ଅଯୋଗ୍ୟ। ମାଆର ମମତା ଉପରେ ତାର କୌଣସି ପ୍ରଭାବ ପଡ଼େ ନାହିଁ। ଲୋକେ କହନ୍ତି ତୁମେ ଆଦି ବ୍ରହ୍ମ, କିନ୍ତୁ ଆଦି ବ୍ରହ୍ମ ହେଲେ ମଧ୍ୟ ତୁମେ ଜଣେ ପୁରୁଷ, ତେଣୁ ତୁମର ହୃଦୟ ବଜ୍ର ଭଳି କଠୋର। ମାତା ପାର୍ବତୀ ମଧ୍ୟ ନିଜ ପୁତ୍ର ଗଣେଶଙ୍କ ଶୋକ ସହ୍ୟ କରିପାରି ନଥିଲେ। ହେ କୃଷ୍ଣ,କେବେ "ମାଆ" ହୋଇ ଦେଖିବ!, ସେତେବେଳେ ଜାଣିବ ଯେ ତୁମର ଗୀତା-ଜ୍ଞାନ,ମମତା ଆଗରେ କେତେ ତିଷ୍ଠି ପାରୁଛି! ଯଦି ମୋହ-ମମତା ଅଜ୍ଞାନ ଅଟେ, ତେବେ ତୁମେ ଏ ସଂସାରର ରଚନା ହିଁ କାହିଁକି କଲ? କେବଳ ଜ୍ଞାନୀମାନଙ୍କର ଏକ ବିଶ୍ୱ ତିଆରି କରିଦେଇଥାନ୍ତ। ମୋହ ଏବଂ ମମତାର କ'ଣ ଆବଶ୍ୟକତା ଥିଲା? ତୁମେ ଏକଥା ମଧ୍ୟ ଜାଣିଛ କୃଷ୍ଣ,ତୁମର ଜ୍ଞାନ ନୀରସ, ନିର୍ଜୀବ ଏବଂଏତେ କଠୋର ଯଥାର୍ଥବାଦୀ ଯେ ତାହା ଦ୍ୱାରା ସଂସାର ଚାଲିପାରିବ ନାହିଁ।ସେଥିପାଇଁ ତୁମେ ନିଜେ ମୋହ ଏବଂ ମମତାର ସାହାରା ନେଇଥାଅ।"

ଏହି ସମୟରେ ସେଠାରେ ପାଣ୍ଡବମାନେ ହଠାତ୍ ଆସି ପହଞ୍ଚିଗଲେ। କୃଷ୍ଣ ସେମାନଙ୍କୁ ଇସାରାରେ ହଟାଇବାକୁ ଚାହୁଁଥିଲେ କିନ୍ତୁ ଯୁଧିଷ୍ଠିର ଗାନ୍ଧାରୀଙ୍କ ପାଖକୁ ଆସି କହିଲେ,"ବଡ଼ ମାଆ, ଆମେ ଆପଣଙ୍କର ଅପରାଧୀ। ଯଦି ସମ୍ଭବ ହୁଏ, ତେବେ ଆମକୁ କ୍ଷମା କରିଦିଅନ୍ତୁ।" ଯୁଧିଷ୍ଠିରଙ୍କ କଥା ଶୁଣିବା ମାତ୍ରେ ଗାନ୍ଧାରୀଙ୍କ କ୍ରୋଧ ପ୍ରଜ୍ଜ୍ୱଳିତ ହୋଇ ଉଠିଲା। ତାଙ୍କର ମନେ ପଡ଼ିଗଲା ଦୁର୍ଯ୍ୟୋଧନର ଭଙ୍ଗା ଜଙ୍ଘ,ଦୁଃଶାସନର ଚିରା ଛାତି ଏବଂ ରକ୍ତ ପିଉଥିବା ଭୀମ। କୃଷ୍ଣ ବୁଝିଯାଆନ୍ତି ଯେ ଗାନ୍ଧାରୀ ଅଭିଶାପ ଦେବାକୁ ଯାଉଛନ୍ତି, ତେଣୁ ବ୍ୟଙ୍ଗପୂର୍ବକ କହନ୍ତି,"ହେ ମାତା, ସେହି ଜଙ୍ଘ ଭାଙ୍ଗିବା ଆବଶ୍ୟକ ଥିଲା,ଯିଏ ଆପଣଙ୍କ ବୋହୂଙ୍କୁ ଅପମାନିତ କରିଥିଲା।ସେହି ଛାତିକୁ ଚିରିବା ଅନିବାର୍ଯ୍ୟ ଥିଲା,ଯିଏ ଦ୍ରୌପଦୀଙ୍କ କେଶ ଛୁଇଁବାର ଦୁଃସାହସ କରିଥିଲା। ସେମାନଙ୍କର ବିନାଶ ଆବଶ୍ୟକ ଥିଲା, ନଚେତ୍ ମନୁଷ୍ୟ ଏହି କୁକର୍ମ ଗୁଡ଼ିକୁ ଆଦର୍ଶ କରିନେଇଥାନ୍ତା ଏବଂ ତା'ପରେ ସୁସଭ୍ୟ ସମାଜର କଳ୍ପନା ମଧ୍ୟ ଅସମ୍ଭବ ହୋଇଯାଇଥାନ୍ତା।" ହେ ମାତା,"ଆପଣ ଯେଉଁମାନଙ୍କ ପାଇଁ ଶୋକ କରୁଛନ୍ତି, ସେମାନେ ଶୋକର ଅଧିକାରୀ ନୁହଁନ୍ତି।" କ୍ରୋଧରେ ଥରୁଥିବା ଗାନ୍ଧାରୀ କଠୋର ସ୍ୱରରେ କହନ୍ତି, "ହେ ଯାଦବ, ହେ ମାଧବ! ମୁଁ ଶିବଭକ୍ତ ଗାନ୍ଧାରୀ ମୋର ପତିବ୍ରତା ଧର୍ମରୁ ସଞ୍ଚିତ ପୁଣ୍ୟ-ବଳରେ ତୁମକୁ ଅଭିଶାପ ଦେଉଛି, ଯେପରି କୁରୁବଂଶର ବିନାଶ ହେଲା,ସେହିପରି ସମ୍ପୂର୍ଣ୍ଣ ଯଦୁବଂଶର ମଧ୍ୟ ବିନାଶ ହେଉ!" ଏହାଶୁଣି ସ୍ମିତ ହାସ ଦେଇ କୃଷ୍ଣ କହନ୍ତି,"ଏହି ଅଭିଶାପ ଆପଣ ମୋତେନୁହେଁ, ନିଜକୁ ଦେଇଛନ୍ତି। ଆପଣ ନିଜ ଶହେ ପୁତ୍ରଙ୍କ ଶୋକ ସମ୍ପୂର୍ଣ୍ଣ ମଧ୍ୟ କରିପାରିନାହାଁନ୍ତି ଏବଂ ଆପଣ ଆଉ ଏକ ପୁତ୍ରକୁ ନିଜଠାରୁ ଛଡ଼ାଇ ନେଲେ ମାତେ ! ଆପଣ କ'ଣ ମୋ ଶବ ଦେଖିପାରିବେ ! ମୋତେ ଆପଣଙ୍କ ଅଭିଶାପ ସ୍ୱୀକାର୍ଯ୍ୟ, କାରଣ ନା ମୋର ଜନ୍ମ ଅଛି ନା ମୃତ୍ୟୁ। ମୋର ଏହି ଶରୀର ପ୍ରତି କୌଣସି ପ୍ରେମ ନାହିଁ। କିନ୍ତୁ ମାତେ ଆପଣଙ୍କର ଏହି ଶରୀର ସହିତ ପ୍ରେମ ଅଛି, ଏବଂ ଆପଣ ନିଜକୁ ପୁଣିଥରେ ଦୁଃଖ-ସାଗରରେ ବୁଡ଼ାଇ ଦେଲେ।" କୃଷ୍ଣଙ୍କ କଥା ଶୁଣି ଗାନ୍ଧାରୀ ପଶ୍ଚାତ୍ତାପ କରି କହିଲେ, "ହେ ଗୋବିନ୍ଦ,କୁରୁବଂଶକୁ ତ ବଞ୍ଚାଇ ପାରିଲି ନାହିଁ, ଅତିକମରେ ଯଦୁବଂଶକୁ ବଞ୍ଚାଇ ନିଅ।ମୁଁ ଭିକ୍ଷା ମାଗୁଛି, ମାଧବ ଏବେ ଆଉ ପୁତ୍ରମାନଙ୍କ ଶବ ମୁଁ ଦେଖିବାକୁ ଚାହୁଁନାହିଁ।"କୃଷ୍ଣ କରୁଣ କିନ୍ତୁ ଦୃଢ଼ ସ୍ୱରରେ କହନ୍ତି,"ମାତେ,ମୁଁ ନା କୁରୁବଂଶର କର୍ମରେ ହସ୍ତକ୍ଷେପ କଲି, ନା ଯଦୁବଂଶର କର୍ମ-କ୍ଷେତ୍ରରେ କରିବି। ଯଦୁବଂଶୀମାନେ ମଧ୍ୟ ନିଜ କର୍ମର ଫଳ ଭୋଗିବେ,ଯେପରି କୁରୁବଂଶୀମାନେ ଭୋଗିଲେ। ମୁଁ କୌଣସି ବି ପରିସ୍ଥିତିରେ ଧର୍ମର ତ୍ୟାଗ କରିପାରିବି ନାହିଁ।"

**ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ, ମୋବାଇଲ୍:୯୪୩୮୦୭୦୮୪୯**

# ନେହରୁଙ୍କୁ ଟପିଲେ ମୋଦି

## ବିଶ୍ୱନେତାଙ୍କ ଶୁଭେଚ୍ଛାର ସୁଅ



ନୂଆଦିଲ୍ଲୀ, ୯।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ପୂର୍ବ ସନ୍ଧ୍ୟାରେ ବିଶ୍ୱ ନେତାମାନଙ୍କଠାରୁ ତାଙ୍କୁ ଅଭିନନ୍ଦନର ବାର୍ତ୍ତା ମିଳିଛି। ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ନେତାମାନେ ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନକାରୀ ପ୍ରଶାସନ, ଗ୍ଲୋବାଲ୍ ସାଉଥ ପାଇଁ ତାଙ୍କର ସମର୍ଥନ ଏବଂ ଏକ ସମାବେଶୀ ତଥା ଆର୍ଥିକ ଭାବରେ ପ୍ରଗତିଶୀଳ ଭାରତ ପାଇଁ ତାଙ୍କ ଦୃଷ୍ଟିକୋଣ ପ୍ରତି ସମ୍ମାନ ଜଣାଇଛନ୍ତି। ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକ ୮ ଜୁନ୍ ୨୦୨୬ରେ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଏକ ଚିଠିରେ ଶ୍ରୀଲଙ୍କା ସରକାର ଓ ଲୋକଙ୍କ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ମାଇଲଖୁଣ୍ଟ କେବଳ ଆପଣଙ୍କ କାର୍ଯ୍ୟକାଳର ବର୍ଷଗୁଡ଼ିକ ପାଇଁ ନୁହେଁ, ବରଂ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ଲୋକମାନେ ଆପଣଙ୍କ ନେତୃତ୍ୱ ପ୍ରତି ବାରମ୍ବାର ଯେଉଁ ବିଶ୍ୱାସ ଓ ଭରସା ରଖିଛନ୍ତି ତାହାର ମଧ୍ୟ ଏକ ପ୍ରମାଣ ବୋଲି ସେ ଚିଠିରେ ଲେଖିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ୪ରୁ ୬ ଏପ୍ରିଲ ୨୦୨୫ରେ ଶ୍ରୀଲଙ୍କା ଗସ୍ତ କରିଥିଲେ। ଏହି ରାଷ୍ଟ୍ରକୁ ଏହା ତାଙ୍କର ଚତୁର୍ଥ ଗସ୍ତ ଥିଲା। ଏହି ସମୟରେ ତାଙ୍କୁ ଜଣେ ପ୍ରତିଷ୍ଠିତ ନେତୃତ୍ୱ ଭାବେ ଶ୍ରୀଲଙ୍କାର ସର୍ବୋଚ୍ଚ ନାଗରିକ ସମ୍ମାନ ମିତ୍ର ବିଭୂଷଣ ପ୍ରଦାନ କରାଯାଇଥିଲା। ପାପୁଆ ନ୍ୟୁଗିନିର ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ଏକ ବ୍ୟକ୍ତିଗତ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଏବଂ ଉଦାହରଣ ସୃଷ୍ଟିକାରୀ ନେତା ଭାବରେ ବର୍ଣ୍ଣନା କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନର ସମୟରେ ୨୦ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟରୁ ଉଦ୍ଧାର କରି ସେମାନଙ୍କ ଜୀବନସ୍ତରରେ ଉନ୍ନତି ଆଣିବା ଏକ ଆଶ୍ଚର୍ଯ୍ୟଜନକ ସଫଳତା।

ପ୍ରଧାନମନ୍ତ୍ରୀ ମୋଦି ମେ ୨୦୨୩ରେ ପାପୁଆ ନ୍ୟୁଗିନିକୁ ଐତିହାସିକ ଗସ୍ତ କରିଥିଲେ। ପ୍ରଥମଥର କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ସହଯୋଗ ଫୋରମ୍ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଏକ ଐତିହାସିକ ମୁହୂର୍ତ୍ତ ଥିଲା। ତ୍ରିନିଦାଦ ଓ ଟୋବାଗୋର ପ୍ରଧାନମନ୍ତ୍ରୀ କମଳା ପର୍ସାଦ-ବିସେସାର ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆନ୍ତର୍ଜାତିକ ପ୍ରସଙ୍ଗରେ ଏକ ପ୍ରମୁଖ ସ୍ୱର ପାଲଟିଛି। ପ୍ରଧାନମନ୍ତ୍ରୀ ମୋଦୀ ୨୦୨୫ ଜୁଲାଇରେ ତ୍ରିନିଦାଦ ଓ ଟୋବାଗୋକୁ ଏକ ଐତିହାସିକ ଗସ୍ତ କରିଥିଲେ।

# ମୀନାକ୍ଷୀ ନଟରାଜନଙ୍କ ନାମାଙ୍କନ ରଦ୍ଦ



ଭୋପାଳ, ୯।୬: ମଧ୍ୟପ୍ରଦେଶରେ ରାଜ୍ୟସଭା ନିର୍ବାଚନରେ ଏକ ନାଟକୀୟ ମୋଡ଼ ସାମନାକୁ ଆସିଛି। ମଙ୍ଗଳବାର କଂଗ୍ରେସର ଏକମାତ୍ର ପ୍ରାର୍ଥୀ ମୀନାକ୍ଷୀ ନଟରାଜନଙ୍କ ନାମାଙ୍କନ ରଦ୍ଦ ହୋଇଛି। ରିପୋର୍ଟ ଅନୁସାରେ ନଟରାଜନ ନିଜ ନାମାଙ୍କନ ଫର୍ମରେ ହାଇଦ୍ରାବାଦର ଏକ ଅଦାଲତରେ ବିଚାରଧୀନ ମାମଲା ସମ୍ପର୍କିତ ତଥ୍ୟ ପ୍ରଦାନ କରି ନ ନଥିଲେ। ଏହାକୁ ବିଜେପି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ରୂପେ ଦେଖାଯାଉଛି। ମୀନାକ୍ଷୀ ନଟରାଜନଙ୍କୁ ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ଏବଂ କୋର୍ ଟିମର ସଦସ୍ୟ ଭାବେ ଦେଖାଯାଉଛି। ତାଙ୍କ ନାମାଙ୍କନ ରଦ୍ଦ ହେବା କଂଗ୍ରେସ ପାଇଁ ବଡ଼ ଏକ ଝଟକା। ମୀନାକ୍ଷୀଙ୍କ ନାମାଙ୍କନ ରଦ୍ଦ ହେବା ପରେ ବିଜେପି ନେତା ମହେଶ କେୱଟଙ୍କ ବିଜୟ ମଧ୍ୟ ସୁନିଶ୍ଚିତ ହୋଇଛି।

ମୀନାକ୍ଷୀ ନଟରାଜନଙ୍କ ନାମାଙ୍କନ ରଦ୍ଦ କରିବା ପାଇଁ ବିଜେପି ନେତା ଦାବି କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ମୀନାକ୍ଷୀ ନଟରାଜନ ନିଜ ସତ୍ୟପାଠରେ କୋର୍ଟରେ ବିଚାରଧୀନ ଗୋଟିଏ କେସ୍ ତଥ୍ୟ ଦେଇ ନ ଥିଲେ। ଏହି ତଥ୍ୟ ପ୍ରଦାନ ନ କରିବା ଯୋଗୁଁ କଂଗ୍ରେସ ପାର୍ଥୀଙ୍କ ନାମାଙ୍କନ ରଦ୍ଦ ହୋଇଛି। ବିଜେପିର ଅଭିଯୋଗ ପରେ ରିଟର୍ଣ୍ଣିଂ ଅଫିସର ତାଙ୍କୁ ଏକ ନୋଟିସ ଜାରି କରି ଜୁନ୍ ୯ ସନ୍ଧ୍ୟା ୫ଟା ୩୦ ସୁଦ୍ଧା ଉତ୍ତର ଦେବାକୁ କହିଥିଲେ। କିନ୍ତୁ ସେ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ରିଟର୍ଣ୍ଣିଂ ଅଫିସର ସୂଚନା ଲୁଚାଇବା ପାଇଁ ଦୋଷୀ ବୋଲି ପାଇଥିଲେ। ଏହାପରେ ବୈଷୟିକ ଆଧାରରେ ତାଙ୍କର ନାମାଙ୍କନକୁ ରଦ୍ଦ କରିଥିଲେ।

## ବିମାନର ଝରକା ଭାଙ୍ଗିଲେ ଯାତ୍ରୀ



ନୂଆଦିଲ୍ଲୀ, ୯।୬: ଚଣ୍ଡୀଗଡ଼ରୁ ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ ଦିଲ୍ଲୀରେ ଅବତରଣ କରିବାକୁ ଯାଉଥିବାବେଳେ ଜଣେ ଯାତ୍ରୀ ହଠାତ୍ ବିମାନର ଝରକା କାଚ ଭାଙ୍ଗି ଦେଇଥିଲେ। ରବିବାର ଦିନ ଏହି ଘଟଣା ଘଟିଥିଲା। ତେବେ ବିମାନଟିକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା। ସମ୍ପୃକ୍ତ ଯାତ୍ରୀଙ୍କୁ ଗ୍ରାଉଣ୍ଡ ଷ୍ଟାଫ୍ ଏବଂ ସୁରକ୍ଷାକର୍ମୀଙ୍କ ଜିମା ଦିଆଯାଇଛି। ପରବର୍ତ୍ତୀ ସମୟରେ ଜେରା ବେଳେ ଯାତ୍ରୀଜଣକ ମାନସିକ ସମସ୍ୟା ଦେଇ ଗତି କରୁଥିବା ନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ଖାନ୍ ସାରଙ୍କ ଗିରଫ ପରୱାନା ରଦ୍ଦ



ପାଟନା, ୯।୬: ଖାନ୍‌ସାରଙ୍କ ଗିରଫଦାରୀ ଉପରେ ରୋକ୍ ଲଗାଇଛନ୍ତି ପାଟନା ଜିଲ୍ଲାକୋର୍ଟ। ମଙ୍ଗଳବାର ତାଙ୍କର ଆଗୁଆ ଜାମିନ୍ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କୋର୍ଟରେ ଗିରଫଦାରୀ ମାମଲାରେ ଆଗୁଆ ଜାମିନ୍ ଉପରେ ବିଚାର ହୋଇଥିଲା। ଏଥିରେ ଖାନ୍ ସାରଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଖାନ୍ ସାରଙ୍କ ଓକିଲ କୋର୍ଟରେ କହିଛନ୍ତି ଯେ, ଖାନ୍ ସାରଙ୍କୁ ଜାଣିଶୁଣି ଫସାଯାଇଛି। ତାଙ୍କର ଅପରାଧରେ ପ୍ରତ୍ୟକ୍ଷ ରୂପରେ କିଛି ହାତ ନାହିଁ। ପୋଲିସ ତରଫରୁ ତଦନ୍ତର ରିପୋର୍ଟ କୋର୍ଟଙ୍କ ସମ୍ମୁଖରେ ଓକିଲ ରଖିଛନ୍ତି। ଏହାପରେ ସରକାରୀ ଓକିଲ ମଧ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ। ତେବେ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣି କୋର୍ଟ ଖାନ୍ ସାରଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ତାଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି। ଏହାସହ ଆଗାମୀ ଶୁଣାଣି ଯାଏଁ ତାଙ୍କୁ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି।

### ଓମାନ୍ ଟ୍ୟାଙ୍କର ଅଗ୍ନିକାଣ୍ଡ ଘଟଣା

## ୨୪ ଭାରତୀୟ ଉଦ୍ଧାର



ମସ୍କାଟ୍, ୯।୬: ଓମାନ୍ ଉପକୂଳରେ ମିସାଇଲ୍ ଆକ୍ରମଣ ଯୋଗୁ ଅଗ୍ନିକାଣ୍ଡର ଶିକାର ହୋଇଥିବା ପଶ୍ଚିମ-ପ୍ରଶାନ୍ତ ମହାସାଗରୀୟ ଦ୍ୱୀପରାଷ୍ଟ୍ର ପଲାଓ ପତାକାଧାରୀ ବ୍ୟାବସାୟିକ ଟ୍ୟାଙ୍କରରୁ ୨୪ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ମଙ୍ଗଳବାର ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ପକ୍ଷରୁ କୁହାଯାଇଛି। ସୋମବାର ଅପରାହ୍ଣ ପ୍ରାୟ ଅଢ଼େଇଟା ସମୟରେ ଏମ୍‌ଟି ମାରିଭେକ୍ସ ଟ୍ୟାଙ୍କରରେ ନିଆଁ ଲାଗି ଯାଇଥିବା ସୂଚନା ପାଇବା ପରେ ମୁମ୍ବାଇର ମାରିଟାଇମ୍ ରେସ୍କ୍ୟୁ କୋର୍ଡିନେସନ୍ ସେଣ୍ଟର (ଏମଆରସିସି) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଓମାନର ପୂର୍ବ ଉପକୂଳ ଦ୍ୱୀପ ମାସିରା ନିକଟରେ ଲଙ୍ଗର ପକାଇଥିବା ଏହି ଟ୍ୟାଙ୍କରର ସମସ୍ତ କ୍ରୁ' ସଦସ୍ୟ ଭାରତୀୟ ଥିଲେ। ଆଇସିଜିର ତଥ୍ୟ ଅନୁସାରେ, ଟ୍ୟାଙ୍କରରେ ଫଶିଥିବା ସଦସ୍ୟଙ୍କର ଜଣେ ସମ୍ପର୍କୀୟଙ୍କଠାରୁ ସୂଚନା ମିଳିବା ପରେ ଏମଆରସିସି ଓମାନର ସାମୁଦ୍ରିକ ସନ୍ଧାନ ଓ ଉଦ୍ଧାରକାରୀ କେନ୍ଦ୍ର (ଓଏମଏସସି) ସହ ଯୋଗାଯୋଗ କରି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ଓମାନ ନୌସେନାର ହେଲିକପ୍ଟର ୨୪ଜଣ ଭାରତୀୟଙ୍କୁ ଉଦ୍ଧାର କରିଥିବା ଓଏମଏସସି ନିଶ୍ଚିତ କରିଥିଲା।

## ଶିଗେଲା ସଂକ୍ରମଣକୁ ନେଇ କେରଳରେ ହାଇ ଆଲର୍ଟ

ଥିରୁବନନ୍ତପୁରମ, ୯।୬: କେରଳରେ ଶିଗେଲା ଇନେଫକ୍ସନକୁ ନେଇ ଟେନସନ ସୃଷ୍ଟି ହୋଇଛି। ଏଥିସହିତ ପଶ୍ଚିମ ନାଇଲ ସଂକ୍ରମଣ ଚିନ୍ତା ବଢ଼ାଇଛି। ରାଜ୍ୟର ଅନେକ ସ୍ଥାନରେ ଶିଗେଲା ଓ ନାଇଲ୍ ସଂକ୍ରମଣ ବୃଦ୍ଧି ପାଇବାର ରିପୋର୍ଟ ଆସିଛି। ମୌସୁମୀ ଏବଂ ଆର୍ଦ୍ର ପାଗ ସାଧାରଣତଃ ବିଭିନ୍ନ ଭାଇରାଲ ଓ ଜୀବାଣୁ ସଂକ୍ରମଣର ବିପଦ ବୃଦ୍ଧି କରିଥାଏ। ବର୍ତ୍ତମାନ କେରଳରେ ବ୍ୟାପୁଥିବା ଶିଗେଲା ଏବଂ ପଶ୍ଚିମ ନାଇଲ ସଂକ୍ରମଣର ବ୍ୟାପିବାରେ ଲାଗିଛି। ସଂକ୍ରମଣର ଆହୁରି ବ୍ୟାପିବାକୁ ରୋକିବା ପାଇଁ ତଦାରଖ, ପରିମଳ ପ୍ରୟାସ ଏବଂ ଜଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ କେ ମୁରଲୀଧରନ ସ୍ଥାନୀୟ ସ୍ୱାୟତ୍ତ ସରକାରୀ ସଂସ୍ଥା ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ପାନୀୟ ଜଳ ଉତ୍ସଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଜରୁରୀ ପଦକ୍ଷେପ ମଧ୍ୟ ଆରମ୍ଭ କରିଛନ୍ତି। ବିଶେଷ କରି କ୍ଲୋରିନେସନ, ସାର୍ବଜନୀନ କୂଅଗୁଡ଼ିକର ଯାଞ୍ଚ ଏବଂ ପ୍ରଦୂଷଣ ରୋକିବା ତଦାରଖ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ପରିମଳ ଅଭିଯାନକୁ ତୀବ୍ର କରାଯାଇଛି। କର୍ତ୍ତୃପକ୍ଷମାନେ ଅଳିଆ ଆବର୍ଜନାକୁ ଶୀଘ୍ର ସଫା କରିବା ଏବଂ ସାର୍ବଜନୀନ ସ୍ଥାନରେ ସ୍ୱଚ୍ଛତା ମାନଦଣ୍ଡକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି। କ୍ଷେତ୍ର ପରିଦର୍ଶନ ବେଳେ ଅଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଗେଲା ସଂକ୍ରମଣ ହେଉଛି ଏକ ଜୀବାଣୁ ଜନିତ ରୋଗ ଯାହା ମୁଖ୍ୟତଃ ଦୂଷିତ ପାଣି ଏବଂ ଖାଦ୍ୟ ମାଧ୍ୟମରେ ବ୍ୟାପିଥାଏ। ଏହା ପେଟ ଏବଂ ଅନ୍ତନଳୀକୁ ପ୍ରଭାବିତ କରେ ଏବଂ ଗୁରୁତର କ୍ଷେତ୍ରରେ, ଶରୀରକୁ ଗୁରୁତର ଭାବରେ ଦୁର୍ବଳ କରିଥାଏ।



# ଭିସା ଫି' ରଦ୍ଦକୁ ପ୍ରବାସୀ ଭାରତୀୟଙ୍କ ସ୍ୱାଗତ




ୱାଶିଂଟନ୍, ୯।୬: ବିବାଦୀୟ ଏଚ୍-ୱାନ୍-ବି ଭିସା ଫି'କୁ ନେଇ ଆମେରିକାର ସଂଘୀୟ ଅଦାଲତ ଦେଇଥିବା ଏକ ରାୟକୁ ପ୍ରବାସୀ ଭାରତୀୟ ଗୋଷ୍ଠୀଗୁଡ଼ିକ ସ୍ୱାଗତ କରିଛନ୍ତି। ଆମେରିକାର ଫେଡେରାଲ୍ କୋର୍ଟ ନୂତନ ଏଚ୍-ୱାନ୍-ବି ଭିସା ଆବେଦନ ଉପରେ ଲାଗୁ କରାଯାଇଥିବା ବିବଦମାନ ୧ ଲକ୍ଷ ଡଲାର ଫି'କୁ ରଦ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷ ପେଶାଦାର, ନିଯୁକ୍ତିକର୍ତ୍ତା ତଥା ଏକ ବ୍ୟାପକ ସୃଜନଶୀଳ ପରିବେଶ ପାଇଁ ଏହି ନିଷ୍ପତ୍ତି ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବିଜୟ ବୋଲି ଭାରତୀୟ ଡାଏସପୁରା ଆଡଭୋକେସୀ ଗ୍ରୁପ୍ କହିଛି। ମାସାଚୁସେଟ୍ସଠାରେ ଯୁକ୍ତରାଷ୍ଟ୍ରର ଡିଷ୍ଟ୍ରିକ୍ଟ ଜଜ୍ ଲିଓ ସୋରୋକିନ୍ ଏହି ରାୟ ଘୋଷଣା କହିଛନ୍ତି ଯେ, ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ଏହି ଫି' ବାସ୍ତବରେ ହେଉଛି ଏକ ଟିକସ (ଶୁଳ୍କ)। ଏହାକୁ କଂଗ୍ରେସ ଅନୁମୋଦନ କରିନାହିଁ। ତେଣୁ ଏହା ବେଆଇନ। ଏହି ଅବସରରେ ଏଚ୍-ୱାନ୍-ବି ଭିସା ଫି'କୁ ନାଟକୀୟ ଭାବେ ସ୍ୱାଭାବିକତାଠାରୁ ୧ ଲକ୍ଷ ଡଲାରକୁ ବୃଦ୍ଧି କରିଥିବା ପଦକ୍ଷେପକୁ ଫେଡେରାଲ କୋର୍ଟ ଅବୈଧ ଘୋଷଣା କରିଛନ୍ତି। ଏଚ୍-ୱାନ୍-ବି ଭିସା କାର୍ଯ୍ୟକ୍ରମର ସର୍ବାଧିକ ହିତାଧିକାରୀ ହେଉଛନ୍ତି ଭାରତ। ତଥ୍ୟ ଅନୁଯାୟୀ, ଆମେରିକାରେ ୭୦%ରୁ ଅଧିକ ମଞ୍ଜୁରୀପ୍ରାପ୍ତ ଭିସାଧାରୀ ରହିଛନ୍ତି। ଆମେରିକୀୟ କମ୍ପାନୀଗୁଡ଼ିକ ଏହି କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟତଃ ବିଜ୍ଞାନ, ବୈଷୟିକ, ଇଞ୍ଜିନିୟରିଂ ଓ ମ୍ୟାଥମେଟିକ୍ସ କ୍ଷେତ୍ରରେ ଉଚ୍ଚ ଦକ୍ଷତାସମ୍ପନ୍ନ ବୈଦେଶିକ ବୃତ୍ତିଗତମାନଙ୍କୁ ନିଯୁକ୍ତି ଦେଇଥାନ୍ତି। ଟ୍ରମ୍ପ୍ ପ୍ରଶାସନର ଫି' ବୃଦ୍ଧିକୁ ଚ୍ୟାଲେଞ୍ଜ କରି କାଲିଫର୍ଣ୍ଣିଆ ସମେତ ୧୯ଟି ରାଜ୍ୟରେ ମାମଲା ରୁଜୁ କରାଯାଇଥିଲା। ଏହା ଆମେରିକାରେ ଶ୍ରମିକ ଅଭାବକୁ ବୃଦ୍ଧି କରିବା ସହିତ ବିଶ୍ୱ ଦକ୍ଷତାର ପ୍ରବେଶ ଉପରେ ବାଧା ସୃଷ୍ଟି କରିବ ବୋଲି କୁହାଯାଇଥିଲା। ତେବେ ଆମେରିକା କଂଗ୍ରେସର ମଞ୍ଜୁରୀ ବିନା ଏପରି ଫି' ଲାଗୁ ହୋଇପାରିବ ନାହିଁ।

### ନୂଆ ରାଜନୈତିକ ସମୀକରଣ ସମ୍ଭାବନା

# ସୋନିଆଙ୍କୁ ଭେଟିଲେ ମମତା; ଏଣେ ଘରେ ସିଆଇଡି




ନୂଆଦିଲ୍ଲୀ, ୯।୬: ସାଧାରଣ ନିର୍ବାଚନରେ ତୃଣମୂଳର ପରାଜୟ, ପୁଣି ତା' ସହିତ ଦଳୀୟ କର୍ମୀମାନଙ୍କର ଅନାସ୍ଥା ସତ୍ତ୍ୱେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଧୈର୍ଯ୍ୟହରା ହୋଇନାହାନ୍ତି। ସୋମବାର ସେ ଇଣ୍ଡି ମେଣ୍ଟ ବୈଠକରେ ଯୋଗଦାନ କରୁଥିବା ବେଳେ ତାଙ୍କ ଦଳର ୨୦ ଜଣ ସାଂସଦ କାକୋଲୀ ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଏନଡିଏକୁ ସମର୍ଥନ ଜଣାଇବେ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖିଥିବା ବେଳେ ମଙ୍ଗଳବାର ମମତା ସୋନିଆଙ୍କୁ ଭେଟିବା ଲାଗି ତାଙ୍କ ବାସଭବନକୁ ଯାଇ ରାଜନୈତିକ ବିଶ୍ଳେଷକମାନଙ୍କୁ ଚମକାଇ ଦେଇଛନ୍ତି। ଟିଏମସି ବିଧାୟକ ଏନଡିଏକୁ ସପୋର୍ଟ ଲାଗି ଘୋଷଣା କରିବା ଓ ତା' ପରବର୍ତ୍ତୀ ପଦକ୍ଷେପ ଭାବରେ ମମତା ଭାରତୀୟ ଜାତୀୟ କଂଗ୍ରେସର ସଂସଦୀୟ ଅଧ୍ୟକ୍ଷାଙ୍କ ସାକ୍ଷାତ କରିବା ଆଗାମୀ ଦିନରେ ଜାତୀୟ ରାଜନୀତିର ଚିତ୍ରକୁ କୌଣସି ନୂଆରୂପ ଦେଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ସାଂସଦଙ୍କ ବିଦ୍ରୋହର ସମ୍ମୁଖୀନ ହେଉଥିବା ମମତା ବାନାର୍ଜୀ ସୋନିଆ ଗାନ୍ଧୀଙ୍କୁ ଭେଟିବା ପାଇଁ ତାଙ୍କ ବାସ ଭବନରେ ପହଞ୍ଚିଛନ୍ତି। ସୋମବାର ଇଣ୍ଡିଆ ବ୍ଲକ ବୈଠକରେ ସୋନିଆ ଗାନ୍ଧୀ ମମତା ବାନାର୍ଜୀଙ୍କୁ ଆଲିଙ୍ଗନ କରିଥିଲେ। ମମତା ବାନାର୍ଜୀଙ୍କ ସହ ତାଙ୍କ ଭଣଜା ଅଭିଷେକ ବାନାର୍ଜୀ ମଧ୍ୟ ସହିତ ଅଛନ୍ତି। ଇଣ୍ଡିଆ ବ୍ଲକ ବୈଠକରେ ସୋନିଆ ଗାନ୍ଧୀ ସମ୍ମାନ ସ୍ୱରୂପ ମମତା ବାନାର୍ଜୀଙ୍କୁ ଆଲିଙ୍ଗନ କରି ତାଙ୍କର ସ୍ନେହ ପ୍ରକାଶ କରିଥିଲେ। ଏବେ ମମତା ସୋନିଆଙ୍କୁ ତାଙ୍କ ଘରକୁ ଭେଟିବାକୁ ଯାଇଛନ୍ତି। ବଙ୍ଗଳା ନିର୍ବାଚନରେ ଟିଏମସିର ପରାଜୟ ପରେ ମମତା ବାନାର୍ଜୀ କହିଥିଲେ ଯେ, ମୁଁ ଏବେ ଏକ ମୁକ୍ତ ପକ୍ଷୀ। ମୋର କୌଣସି ଦାୟିତ୍ୱ ନାହିଁ। ମୁଁ ଏବେ ଯାହା ଚାହିଁବି ତାହା କରିପାରିବି। ସେ କହିଥିଲେ ଯେ ମୁଁ ଏବେ ଇଣ୍ଡିଆ ବ୍ଲକକୁ ମଜଭୁତ କରିବି। ଆପ୍ ଓ ଡିଏମ୍‌କେ ବ୍ୟତୀତ ୨୩ଟି ଦଳ ଇଣ୍ଡିଆ ବ୍ଲକ ବୈଠକରେ ଅଂଶଗ୍ରହଣ କରିଥିଲେ। ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକରେ ଅନ୍‌ଲାଇନରେ ଯୋଗ ଦେଇଥିଲେ।

ଅପରପକ୍ଷରେ, ମମତା ସୋନିଆଙ୍କୁ ଭେଟିବା ଲାଗି ତାଙ୍କ ବାସଭବନକୁ ଯାଇଥିବାବେଳେ ସିଆଇଡିର ବେଙ୍ଗଲ ଶାଖା କଲିକତାରେ ମମତା ବାନାର୍ଜୀଙ୍କ କାଲିଘାଟସ୍ଥିତ ବାସଭବନରେ ପହଞ୍ଚିଛନ୍ତି। କୋଲକାତାରେ ୩୦-ବି ହରିଶ ଚାଟାର୍ଜୀ ଷ୍ଟ୍ରିଟରେ ଥିବା ମମତା ବାନାର୍ଜୀଙ୍କ ଘରେ ଏହି ଟିମ୍ ପହଞ୍ଚିଥିବା ଜଣାପଡ଼ିଛି। ସୂତ୍ରର କହିବା ଅନୁସାରେ, ଏହି ଟିମ୍ ସେହି ଠିକଣାରେ ପହଁଞ୍ଚିଛି, ଯେଉଁଠି ତୃଣମୂଳ କଂଗ୍ରେସର ସେଣ୍ଟ୍ରାଲ ଅଫିସ ରହିଛି। ତେବେ ପାର୍ଟିର ରାଷ୍ଟ୍ରୀୟ ମହାସଚିବ ଅଭିଷେକ ବାନାର୍ଜୀଙ୍କୁ ଏକ ଔପଚାରିକ ନୋଟିସ ଦେବାକୁ ସେଠାକୁ ଯାଇଥିବା ସିଆଇଡି କହିଛି।

ସୂଚନାଯୋଗ୍ୟ ଯେ, ମେ' ୧୯ ତାରିଖରେ ବିଧାନସଭା ସଚିବାଳୟରେ ଏକ ପତ୍ର ଜମା କରାଯାଇଥିଲା, ଯେଉଁଥିରେ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ବିରୋଧୀ ନେତା ଭାବରେ ନାମିତ କରାଯାଇଥିଲା। ପତ୍ର ଉପରେ ଟିଏମ୍‌ସିର ପ୍ରାୟ ୭୦ ବିଧାୟକଙ୍କ ଦସ୍ତଖତ ଥିବା କଥା କୁହାଯାଇଥିଲା। ତେବେ ବିଦ୍ରୋହୀ ବିଧାୟକ ରୀତାବ୍ରତ ବାନାର୍ଜୀ ଓ ସନ୍ଦୀପନ ସାହା ସେ ପତ୍ରରେ ଥିବା କିଛି ଦସ୍ତଖତ ନକଲି ଥିବା ଅଭିଯୋଗ କରିଥିଲେ। ସିଆଇଡି ଏହାର ଖୋଳତାଡ଼ ଆରମ୍ଭ କରିଛି।

# ଆକ୍ରମଣ ସ୍ଥଗିତ ରଖିଲେ ଇରାନ୍ ଓ ଇସ୍ରାଏଲ୍



ତେଲ୍ ଆଭିଭ୍, ୯।୬: ଏପ୍ରିଲର ଶାନ୍ତି ବୁଝାମଣା ପରେ ଦୁଇଦେଶ ପ୍ରଥମଥର ପାଇଁ ପରସ୍ପର ଉପରେ କରିଥିବା ଆକ୍ରମଣକୁ ବନ୍ଦ ରଖିଛନ୍ତି ବୋଲି ଉଭୟ ଇରାନ୍ ଓ ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୋମବାର କହିଛନ୍ତି ଯେ, ତାଙ୍କ ଦେଶ ବର୍ତ୍ତମାନ ପାଇଁ ଆକ୍ରମଣ ବନ୍ଦ ରଖିଛି। ତେବେ ଇରାନ୍ ଓ ଇରାନ୍ ସମର୍ଥିତ ଲେବାନନର ବିଦ୍ରୋହୀ ସଂଗଠନ ହିଜବୁଲ୍ଲା ଉପରେ ଆକ୍ରମଣ ଶେଷ ହୋଇନାହିଁ। ଇରାନର ସେନା ପୂର୍ବରୁ ଆକ୍ରମଣ ବନ୍ଦ ନେଇ ସୂଚନା ଦେବା ସହ କହିଥିଲା ଯେ, ଇସ୍ରାଏଲକୁ କଡ଼ାକଡ଼ି ଜବାବ ଦେବା ପରେ ଏହା ତା'ର ଆକ୍ରମଣକୁ ସ୍ଥଗିତ ରଖିଛି। ତେବେ ଯଦି ଇସ୍ରାଏଲ ପକ୍ଷରୁ ଇରାନ୍ କିମ୍ବା ଲେବାନନ ଉପରେ ଅଧିକ ଆକ୍ରମଣ କରାଯାଏ ତା'ହେଲେ ଇରାନର ଆଭିମୁଖ୍ୟ ପୂର୍ବତୁଳନାରେ ଅଧିକ କଠୋର ଓ ଭୟାନକ ହେବ।

ଉଭୟ ପକ୍ଷ ଆକ୍ରମଣ ବନ୍ଦ ରଖିବାକୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଭୟ ଇସ୍ରାଏଲ ଓ ଇରାନକୁ ଆହ୍ୱାନ କରିଥିଲେ। ଟ୍ରମ୍ପ୍ କହିଥିଲେ ଯେ, ଦୁଇଦେଶ ମଧ୍ୟରେ ପୁଣି ଆରମ୍ଭ ହୋଇଥିବା ଆକ୍ରମଣ ଶାନ୍ତି ପାଇ ଜାରି ରହିଥିବା କୂଟନୈତିକ ଉଦ୍ୟମରେ ବାଧା ସୃଷ୍ଟି କରିବ। ଏବେ ଯୁଦ୍ଧବିରତି ଜାରି ରହିଛି ଆଉ ମଧ୍ୟସ୍ଥମାନେ ବୁଝାମଣାର ନିକଟରେ ପହଞ୍ଚିଛନ୍ତି।

ସୂଚନାଯୋଗ୍ୟ ଯେ, ଲେବାନନର ବିଦ୍ରୋହୀ ଗୋଷ୍ଠୀ ହିଜବୁଲ୍ଲା ମୁଜାହିଦ୍ଦିନ୍ ଉପରେ ଇସ୍ରାଏଲର ଆକ୍ରମଣକୁ ବିରୋଧ କରି ଇରାନ୍ ଇସ୍ରାଏଲ ଉପରେ ମିସାଇଲ ଆକ୍ରମଣ କରିବା ପରେ ଇସ୍ରାଏଲ ଏହାର ଜବାବ ଦେଇ ଇରାନର କେନ୍ଦ୍ର ଓ ପଶ୍ଚିମ ପ୍ରଦେଶଗୁଡ଼ିକୁ ଟାର୍ଗେଟ୍ କରିଥିଲା। ରାଷ୍ଟ୍ରପତି ଟ୍ରମ୍ପ୍ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କୁ ସଂଯମ ଆଚରଣ କରିବାକୁ କହିବା ସତ୍ତ୍ୱେ ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିବା ଜାରି ରଖିଥିଲେ।

# କୁଏତ ସହ କଥା ହେଲେ ମୋଦି



ନୂଆଦିଲ୍ଲୀ, ୯।୬: ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର କୁଏତର ଆମୀର ଶେଖ ମେଶାଲ ଅଲ-ଅହମ୍ମଦ ଅଲ-ଜାବେର ଅଲ ସବାହଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଏହି ଆଲୋଚନା ସମୟରେ ଉଭୟ ନେତା କ୍ଷେତ୍ରୀୟ ସୁରକ୍ଷା ପରିସ୍ଥିତି ଏବଂ ବଦଳୁଥିବା ଭୂ-ରାଜନୀତି ଉପରେ ଚର୍ଚ୍ଚା କରିଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆରେ ବଢ଼ୁଥିବା ସାମରିକ ଉତ୍ତେଜନାକୁ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। କୁଏତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ଉପରେ ହେଉଥିବା ଆକ୍ରମଣକୁ ଭାରତ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଅଞ୍ଚଳରେ ସ୍ଥିରତା ଫେରାଇ ଆଣିବା ପାଇଁ ଯୁଦ୍ଧ ବଦଳରେ ଆଲୋଚନା ଏବଂ କୂଟନୀତିର ସାହାରା ନେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। କୁଏତରେ ରହୁଥିବା ବିଶାଳ ଭାରତୀୟ ପ୍ରବାସୀ ସମୁଦାୟର ସୁରକ୍ଷା ଏବଂ କଲ୍ୟାଣ ପ୍ରତି ବ୍ୟକ୍ତିଗତ ଭାବେ ଧ୍ୟାନ ଦେଉଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ କୁଏତ ଆମୀରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତ ପାଇଁ ପଶ୍ଚିମ ଏସିଆର ସ୍ଥିରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଉପରେ ଭାରତର ଶକ୍ତି ସୁରକ୍ଷା (ତୈଳ ଆମଦାନୀ) ଏବଂ ଲକ୍ଷ ଲକ୍ଷ ଭାରତୀୟ ଶ୍ରମିକଙ୍କ ଭବିଷ୍ୟତ ନିର୍ଭର କରେ।

# ବ୍ରେନ୍ ସର୍ଜରି ବେଳେ ଦେଖିଲେ ପୱନ କଲ୍ୟାଣଙ୍କ ଫିଲ୍ମ



ନୂଆଦିଲ୍ଲୀ ୯।୬: ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାରୁ ଏକ ଆଶ୍ଚର୍ଯ୍ୟଚକିତ ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ ୪୫ ବର୍ଷୀୟ ମହିଳା ନିଜର ବ୍ରେନ୍ ଟ୍ୟୁମର ସର୍ଜରି ସମୟରେ ପ୍ରିୟ ଅଭିନେତା ପୱନ କଲ୍ୟାଣଙ୍କ ଫିଲ୍ମ 'ଓଜି' ଦେଖିଛନ୍ତି। ଡିଭିସି ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର୍ରେ ଏହି ଅପରେସନ୍ ହୋଇଛି। ଡାକ୍ତର ମହିଳାଙ୍କ ମସ୍ତିଷ୍କରୁ ସଫଳତାପୂର୍ବକ ଟ୍ୟୁମର ବାହାର କରିଛନ୍ତି। ଏହି ପ୍ରକ୍ରିୟା ସମୟରେ ମହିଳା ଚାହିଁଥିଲେ ଏବଂ ଡାକ୍ତରଙ୍କ ସହ କଥା ହେଉଥିଲେ।

କୋଟେଶ୍ୱରମ୍ମା ନାମ୍ନୀ ଏହି ମହିଳା ବାରମ୍ବାର ଅଚେତ୍ ହେବା ଯୋଗୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏମ୍‌ଆରଆଇ ସ୍କାନ୍‌ରୁ ଜଣାପଡ଼ିଲା ତାଙ୍କ ମସ୍ତିଷ୍କରେ ଏକ ଟ୍ୟୁମର ଅଛି, ଯାହା ଶରୀରର ଗତିବିଧି ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ନାୟବିକ କାର୍ଯ୍ୟକୁ ନିୟନ୍ତ୍ରିତ କରୁଥିବା ମସ୍ତିଷ୍କର ଅତି ସମ୍ବେଦନଶୀଳ ଅଂଶ ନିକଟରେ ଥିଲା। ଏହାର ଜଟିଳ ସ୍ଥିତିକୁ ଦେଖି ଡାକ୍ତର ଜାଗ୍ରତ ଅବସ୍ଥାରେ ମହିଳାଙ୍କର ସ୍ୱତନ୍ତ୍ର ସର୍ଜରି କରିବାକୁ ନିଷ୍ପତ୍ତି ନେଲେ। ଏଥିରେ ରୋଗୀକୁ ସମ୍ପୂର୍ଣ୍ଣ ଅଚେତ୍ କରାଯାଏ ନାହିଁ, ଯାହା ଦ୍ୱାରା ଡାକ୍ତର ଅପରେସନ୍ ସମୟରେ ମସ୍ତିଷ୍କ ଗତିବିଧି ଉପରେ ନଜର ରଖିପାରନ୍ତି ଏବଂ କୌଣସି ଗମ୍ଭୀର ବିପଦର ଆଶଙ୍କା ଦୂର ହୋଇପାରେ। ଅପରେସନ୍ ସମୟରେ ଡାକ୍ତର ଜାଣିବାକୁ ପାଇଲେ ଯେ କୋଟେଶ୍ୱରମ୍ମା ଅଭିନେତା ଓ ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣଙ୍କର ଜଣେ ବଡ଼ ପ୍ରଶଂସକ। ତାଙ୍କୁ ଶାନ୍ତ ଓ ସହଜ ସ୍ଥିତିରେ ରଖିବା ପାଇଁ ସେମାନେ ସର୍ଜରି ସମୟରେ ତାଙ୍କ ପସନ୍ଦର ଫିଲ୍ମ 'ଓଜି' ଦେଖାଇଲେ। ଫିଲ୍ମ ଦେଖିବା ସମୟରେ କୋଟେଶ୍ୱରମ୍ମା ଲଗାତାର ଡାକ୍ତରଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ। ବେଳେବେଳେ ହାତ-ଗୋଡ଼ ହଲାଇବାକୁ ଏବଂ ସାଧାରଣ ନିର୍ଦ୍ଦେଶ ପାଳନ କରିବାକୁ ଡାକ୍ତର ତାଙ୍କୁ କହୁଥିଲେ। ଏହି ମାମଲା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି।

# ସୀମା ସୁରକ୍ଷା ପାଇଁ କାର୍ଯ୍ୟକ୍ଷମ ହେବ ଚତୁର୍ମୁଖୀ ରଣନୀତି



ଲ୍ୟାଣ୍ଡ ପୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ଉଦ୍‌ଘାଟିତ

ନୂଆଦିଲ୍ଲୀ,୯।୬: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଲ୍ୟାଣ୍ଡ ପୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ବିନିମୟ)କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହସଚିବ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ, ସୀମା ପରିଚାଳନା ସଚିବ ଏବଂ ଭାରତୀୟ ଲ୍ୟାଣ୍ଡ୍ ପୋର୍ଟ ପ୍ରାଧିକରଣର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ, ୨୦୧୪ ମସିହା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଲ୍ୟାଣ୍ଡ୍ ପୋର୍ଟ କର୍ତ୍ତୃପକ୍ଷଙ୍କୁ ଏକ ନୂତନ ଦିଗ ମିଳିଛି। ସୁରକ୍ଷା-କେନ୍ଦ୍ରିକ ଚିନ୍ତାଧାରାରୁ ଆଗକୁ ଯାଇ ଲ୍ୟାଣ୍ଡ୍ ପୋର୍ଟଗୁଡ଼ିକୁ ସୁରକ୍ଷାର ପ୍ରଥମ ଢାଲ, ବ୍ୟବସାୟିକ ସୁଗମତାର ମାଧ୍ୟମ ଏବଂ ଲୋକମାନଙ୍କ ମଧ୍ୟରେ ଏକ ସେତୁ ଭାବେ ବିକଶିତ କରାଯାଇଥିଲା। ଏଥିସହିତ ସୀମାନ୍ତ ଅଞ୍ଚଳର ସାମଗ୍ରିକ ବିକାଶ, ବୈଧ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ଏବଂ ସୀମାନ୍ତ ଗ୍ରାମ ଏବଂ ଜିଲ୍ଲାକୁ ସ୍ଥାନାନ୍ତରଣ ଭଳି ଆହ୍ୱାନର ମୁକାବିଲା କରିବାରେ ଲ୍ୟାଣ୍ଡ୍ ପୋର୍ଟଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

ଶ୍ରୀ ଅମିତ ଶାହ କହିଥିଲେ ଯେ, ଗୃହ ମନ୍ତ୍ରଣାଳୟ ସ୍ମାର୍ଟ ସୀମାର ପରିକଳ୍ପନା ସହିତ ଭାରତର ସୀମାକୁ ସୁରକ୍ଷିତ ରଖିବା ପାଇଁ ଏକ ଚତୁର୍ମୁଖୀ ରଣନୀତି ଉପରେ କାର୍ଯ୍ୟ କରୁଛି। ଉଭୟ ଲ୍ୟାଣ୍ଡ ପୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ଓ ସ୍ମାର୍ଟ ସୀମା ଧାରଣା ମିଶି ଏକ ଅଭେଦ୍ୟ ଓ ସୁରକ୍ଷିତ ସୀମା ସୃଷ୍ଟି କରିବ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ଲ୍ୟାଣ୍ଡ ପୋର୍ଟ କର୍ତ୍ତୃପକ୍ଷ ନିଜର ଲ୍ୟାଣ୍ଡ ପୋର୍ଟଗୁଡ଼ିକ ପାଇଁ ଏକ ଆଧୁନିକ, ଡିଜିଟାଲ, ସମନ୍ୱିତ ଏବଂ ବାସ୍ତବ-ସମୟ ପରିଚାଳନା ବ୍ୟବସ୍ଥା ବିକଶିତ କରିଛନ୍ତି। ଲ୍ୟାଣ୍ଡ ପୋର୍ଟ ପରିଚାଳନା ବ୍ୟବସ୍ଥା ଜରିଆରେ ଲ୍ୟାଣ୍ଡ ପୋର୍ଟର ମୂଳ ପରିକଳ୍ପନା ଲ୍ୟାଣ୍ଡ ପୋର୍ଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଛି। ଆଗାମୀ ଦିନରେ ଆମେ ଲ୍ୟାଣ୍ଡ ପୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମକୁ ଦେଶର ସ୍ମାର୍ଟ ସିକ୍ୟୁରିଟି ଗ୍ରୀଡର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କରିଦେବୁ, ଯାହା ଆମର ଆର୍ଥିକ ସୁରକ୍ଷା ସହିତ ଭୌତିକ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରିବ। ସେ କହିଥିଲେ ଯେ ଲ୍ୟାଣ୍ଡ୍ ପୋର୍ଟ ଅଥରିଟିର ଏହି ପଦକ୍ଷେପ ସ୍ମାର୍ଟ ବର୍ଡର୍ ଧାରଣାକୁ ସାକାର କରିବାରେ ଏକ ଦୀର୍ଘ ପଥରେ ସହାୟକ ହେବ। ଏହି ବ୍ୟବସ୍ଥା କାର୍ଗୋ, ଯାତ୍ରୀ ଏବଂ ଯାନ ପରିଚାଳନା ପାଇଁ ସମନ୍ୱିତ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରିବ। ଏହାଦ୍ୱାରା ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇବ। ସୂଚନା ଆଦାନପ୍ରଦାନ ସହଜ ହେବ। ୯୦% କାଗଜପତ୍ର କାମ ଶେଷ ହୋଇଯିବ। ଟ୍ରକର ପ୍ରତୀକ୍ଷା ସମୟ ପ୍ରାୟ ୪୦%ରୁ ୬୦% ଏବଂ ଗେଟ୍ ପ୍ରକ୍ରିୟାକରଣ ସମୟ ୨୨%ରୁ ୩୫% ହ୍ରାସ ପାଇବ।

ସେ କହିଥିଲେ ଯେ, ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଓ ସୂଚନା ଆଦାନପ୍ରଦାନର ମଞ୍ଚ ଦେଶ ପାଇଁ ଅତ୍ୟନ୍ତ ସୁବିଧାଜନକ ପ୍ରମାଣିତ ହେବ। ଗତ ୧୨ ବର୍ଷ ମଧ୍ୟରେ ଲ୍ୟାଣ୍ଡ ପୋର୍ଟଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆସିଛି। ୨୦୧୪ରେ ଲ୍ୟାଣ୍ଡ ପୋର୍ଟ ମାଧ୍ୟମରେ ବାଣିଜ୍ୟ ୫୦୦୦ କୋଟି ଟଙ୍କା ଥିଲା, ଯାହା ଆଜି ୮୩,୦୦୦ କୋଟି ଟଙ୍କା ବୃଦ୍ଧି ପାଇଛି, ଅର୍ଥାତ୍ ଏହା ୧୬ ଗୁଣ ବୃଦ୍ଧି ପାଇଛି। ସେ କହିଥିଲେ ଯେ ବର୍ତ୍ତମାନ ୧୫ଟି ଲ୍ୟାଣ୍ଡ ପୋର୍ଟ କାର୍ଯ୍ୟକ୍ଷମ ରହିଛି ଏବଂ ଆଗାମୀ ୩ ବର୍ଷ ମଧ୍ୟରେ ୧୧ଟି ଅତିରିକ୍ତ ଲ୍ୟାଣ୍ଡ ପୋର୍ଟ ମଧ୍ୟ କାର୍ଯ୍ୟକ୍ଷମ ହେବ।

## ମୁଖ୍ୟମନ୍ତ୍ରୀଙ୍କ ବୈଠକରେ ଯୋଗଦେଲେ ବିରୋଧୀ ବିଧାୟକ



 କୋଲକାତା,୯।୬(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ କୋଲାଘାଟରେ ଏକ ପ୍ରଶାସନିକ ବୈଠକ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ବିରୋଧୀ ଶିବିରର ସାଂସଦ ଓ ବିଧାୟକମାନେ ଯୋଗ ଦେଇଥିଲେ। ପୂର୍ବ ମେଦିନୀପୁର, ପଶ୍ଚିମ ମେଦିନୀପୁର ଏବଂ ଝାଡଗ୍ରାମ ଜିଲ୍ଲା ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ କୋଲାଘାଟରେ ଏହି ପ୍ରଶାସନିକ ବୈଠକ ଡାକିଥିଲେ। ଯୋଗଦାନକାରୀଙ୍କ ମଧ୍ୟରେ ଘାଟାଲ ସାଂସଦ ଦୀପକ ଅଧିକାରୀ (ଓରଫ ଦେବ), ମେଦିନୀପୁର ସାଂସଦ ଜୁନ୍ ମାଲିଆ, କେଶପୁର ବିଧାୟକ ଶିଉଳି ସାହା ଏବଂ ଖଡ଼ଗପୁର ସଦର ବିଧାୟକ ଦିନେନ ରାୟ ଥିଲେ। ବୈଠକ ପରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନିର୍ବାଚନ ସମୟରେ ରାଜନୀତି ହୁଏ। କିନ୍ତୁ ବର୍ଷସାରା କାମ କରିବାକୁ ପଡିବ। ଆମେ ଏହି ବଣ୍ଡିଂ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ।ମୁଖ୍ୟମନ୍ତ୍ରୀଙ୍କ ବୈଠକରେ ବିରୋଧୀ ସଦସ୍ୟଙ୍କ ଉପସ୍ଥିତି ସମ୍ପର୍କରେ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ମୁଁ ଆଜି ୩୫ ଜଣ ବିଧାୟକଙ୍କୁ ନିମନ୍ତ୍ରଣ କରିଥିଲି ଏବଂ ସମସ୍ତେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଦୁଇଜଣ ବିରୋଧୀ ବିଧାୟକ ମଧ୍ୟ ଥିଲେ।

## ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିବା ସରକାରଙ୍କ ପ୍ରାଥମିକତା: ଦିଲୀପ ଘୋଷ

କୋଲକାତା,୯।୬(ସଂଚାର ବ୍ୟୁରୋ): ରାଜ୍ୟ ପଞ୍ଚାୟତ ମନ୍ତ୍ରୀ ଦିଲୀପ ଘୋଷ କହିଛନ୍ତି ଯେ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା ମଧ୍ୟରୁ ଗୋଟିଏ। ମଙ୍ଗଳବାର ହାୱଡ଼ା ଜିଲ୍ଲାର ଉଲୁବେଡ଼ିଆର ଜୁଆରଗୁଡ଼ି ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ମନରେଗା) ଅଧୀନରେ ଉନ୍ନୟନ କାର୍ଯ୍ୟର ଉଦଘାଟନ କରିବା ସମୟରେ ଶ୍ରୀ ଘୋଷ କହିଥିଲେ ଯେ, ମନରେଗା ଗ୍ରାମୀଣ କ୍ଷେତ୍ରରେ ନିଯୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବରେ କାର୍ଯ୍ୟ କରେ। ହଜାର ହଜାର ଲୋକଙ୍କୁ କାମ ଯୋଗାଇଥାଏ। ସେ ଦାବି କରିଛନ୍ତି ଯେ, ଯୋଜନାର କାର୍ଯ୍ୟାନ୍ୱୟନ ପୂର୍ବରୁ ବିଭିନ୍ନ ଅନିୟମିତତା ଏବଂ ଦୁର୍ନୀତିର ଅଭିଯୋଗ ଦ୍ୱାରା ବାଧାପ୍ରାପ୍ତ ହୋଇଥିଲା। ନୂତନ ସରକାର ଗଠନ ହେବା ପରେ ଯୋଜନାଗୁଡ଼ିକର ସମୀକ୍ଷା କରାଯାଇଥିଲା। ମନରେଗା ପ୍ରକଳ୍ପଗୁଡ଼ିକ ପୁନଃ ଆରମ୍ଭ ହୋଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯୋଜନା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ବରାଦ କରାଯାଇଛି। ଏହା ଗ୍ରାମୀଣ କ୍ଷେତ୍ରରେ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

## ଜାହାଙ୍ଗୀରଙ୍କ ବିରୋଧରେ ଲଢ଼ିବେ ପ୍ରତିଦ୍ୱନ୍ଦ୍ୱୀ ବିଧାୟକ

କୋଲକାତା,୯।୬(ସଂଚାର ବ୍ୟୁରୋ): ଫଲତାର ଜାହାଙ୍ଗୀରଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଧାୟକ ଦେବାଂଶୁ ପଣ୍ଡା କହିଛନ୍ତି, ମୁଁ ଫଲତାର ଲୋକଙ୍କ ପକ୍ଷରୁ କହିବି ଓ ଜାମିନ ଆବେଦନକୁ ବିରୋଧ କରିବି। ତାଙ୍କ ବିରୁଦ୍ଧରେ ପ୍ରାୟ ଦଶରୁ ବାରଟି ମାମଲା ଅଛି, ଯାହା ମଧ୍ୟରୁ ଅଧିକାଂଶ ଜାମିନ ଅଯୋଗ୍ୟ ଅପରାଧ ସହିତ ଜଡିତ। ଜାହାଙ୍ଗୀର ଖାନ ଏବଂ ତାଙ୍କ ସହଯୋଗୀମାନେ ଶାରୀରିକ ଆକ୍ରମଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପାଣ୍ଠିର ଅପବ୍ୟବହାର ଠାରୁ ଆରମ୍ଭ କରି ସରକାରୀ ଯୋଜନାର ଲାଭରୁ ଲୋକଙ୍କୁ ବଞ୍ଚିତ କରିବା ପର୍ଯ୍ୟନ୍ତ ସବୁକିଛିରେ ଲିପ୍ତ ଅଛନ୍ତି। ଜାହାଙ୍ଗୀରଙ୍କ ଅନ୍ୟ ସହଯୋଗୀମାନେ ଫେରାର ଅଛନ୍ତି।

## ଚାରୁଙ୍କ ପଛରେ ଗୋଡ଼ାଉଛି ଚାକିରି



ନୂଆଦିଲ୍ଲୀ,୯।୬: ଛତିଶଗଡ଼ର ବାସିନ୍ଦା ଚାରୁ ପାଣ୍ଡେଙ୍କ କାହାଣୀ ଆଜି ସରକାରୀ ଚାକିରିର ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ଯୁବକଙ୍କ ପାଇଁ ପ୍ରେରଣା ପାଲଟିଛି। ତାଙ୍କର ବୟସ ମାତ୍ର ୨୩ ବର୍ଷ। ମାତ୍ର ସେ ୧୯ଟି ସରକାରୀ ଚାକିରି ପାଇଁ ପରୀକ୍ଷା ଦେଇ ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ସେ ଏବେ ଚେନ୍ନାଇର ସିଏଜି ବିଭାଗରେ କାର୍ଯ୍ୟରତ ଅଛନ୍ତି।

ସେ ବହୁତ କମ୍ ବୟସରେ ନିଷ୍ପତ୍ତି ନେଇଥିଲେ ଯେ ସେ ସରକାରୀ କ୍ଷେତ୍ରରେ କ୍ୟାରିଅର କରିବେ। ଏହାଭାବି ସେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ। ଚାରୁ ପାଣ୍ଡେଙ୍କ ଯାତ୍ରା ସହଜ ନଥିଲା। ପ୍ରାରମ୍ଭରେ ସେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନେକ ପରୀକ୍ଷାରେ ତାଙ୍କର ଫଳାଫଳ ସେତେଟା ଭଲ ନଥିଲା, କିନ୍ତୁ ସେ କେବେ ହାର ମାନି ନଥିଲେ। ଧିରେ ଧୀରେ, ତାଙ୍କର କଠିନ ପରିଶ୍ରମ ଫଳ ଦେବାକୁ ଲାଗିଲା, ଏବଂ ସେ ଗୋଟିଏ ପରେ ଗୋଟିଏ ଅନେକ ସରକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ଲାଗିଲେ। ତାଙ୍କର ପ୍ରସ୍ତୁତି ପଦ୍ଧତି ଅତ୍ୟନ୍ତ ଶୃଙ୍ଖଳିତ ଥିଲା। ସେ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଅଧ୍ୟୟନ କରୁଥିଲେ ଏବଂ ପ୍ରତ୍ୟେକ ପରୀକ୍ଷାକୁ ଏକ ନୂତନ ସୁଯୋଗ ଭାବରେ ଦେଖୁଥିଲେ।

ମିଡିଆ ରିପୋର୍ଟ ଅନୁଯାୟୀ, ଚାରୁ ପାଣ୍ଡେ ଏସଏସସି, ସିଜିଏଲ, ଏସଏସସି, ସିପିଓ, ଏସଏସସି ସିଏଚଏସଏଲ, ଏସଏସସି ଜିଡି, ଆଇବିପିଏସ କ୍ଲର୍କ, ଆଇବିପିଏସ ପିଓ, ଏସବିଆଇ କ୍ଲର୍କ ଓ ଏସବିଆ ପିଓ ଭଳି ଅନେକ ପ୍ରମୁଖ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟାମୋଟି ଭାବରେ ସେ ୧୯ଟି ସରକାରୀ ପରୀକ୍ଷାରେ ସଫଳ ହୋଇଛନ୍ତି।

## ବିସ୍ଫୋରଣରେ ୭ ଜୀବନ୍ତ ଦଗ୍ଧ



ଜୟପୁର,୯।୬: ରାଜସ୍ଥାନ ଜୟପୁରରେ ଏକ ବେଆଇନ ବାଣ ଗୋଦାମରେ ବିସ୍ଫୋରଣ ଘଟି ୭ ଜଣଙ୍କର ମୃତ୍ୟୁ ହୋଇଛି। ଜୟପୁର ତାଲାଇ କଲୋନୀରେ ଥିବା ଏକ ଘରେ ଏହି ଭୟଙ୍କର ବିସ୍ଫୋରଣ ହୋଇଥିଲା। ଅଧିକାରୀଙ୍କ କହିବା ଅନୁସାରେ ଏହି ଘରେ ବେଆଇନ ଭାବେ ବାଣ ରଖାଯାଇଥିଲା। ବିସ୍ଫୋରଣ ପରେ ନିଆଁ ଦ୍ରୁତ ବେଗରେ ବ୍ୟାପିଥିଲା। ଷ୍ଟୋର ଭିତରେ ଥିବା ଏକାଧିକ ଶ୍ରମିକ ଜଳିଯାଇଥିଲେ। ସହକାରୀ ପୁଲିସ କମିଶନର ବିନୋଦ ଶର୍ମା ନିଶ୍ଚିତ କରିଛନ୍ତି ଯେ ସମସ୍ତ ସାତ ଜଣ ପୀଡ଼ିତ ପୋଡ଼ି ଯାଇ ମୃତ୍ୟୁବରଣ କରିଛନ୍ତି। ଏସଏମଏସ ହସ୍ପିଟାଲରେ ଚିକିତ୍ସା ସମୟରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା, ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା ଏବଂ ଅନ୍ୟ ଜଣଙ୍କର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ୪ ମାସ ମଧ୍ୟରେ ରାଜସ୍ଥାନରେ ଏହା ଦ୍ୱିତୀୟ ବଡ଼ ଦୁର୍ଘଟଣା। ଚଳିତ ବର୍ଷ ଫେବୃଆରୀରେ ଭିୱାଡ଼ିଠାରେ ମଧ୍ୟ ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ୭ ଜଣଙ୍କ ମୃତ୍ୟୁ ହୋଇଥିଲା।

## ସିଏମସି ପକ୍ଷରୁ 'କଟକ ଇନ୍ କଟକ'ରେ ରଜ ମହୋତ୍ସବ

- ରଜରୁ ଆରମ୍ଭ ହେବ ସିଏମସିର ଲାଲ୍ ବାକ୍ସ ସଚେତନତା ଅଭିଯାନ
- ସାହିତ୍ୟ, ସଂସ୍କୃତି, ମନୋରଞ୍ଜନ ସହ ଜମିବ ଦୋଳି, ପାନ, ପିଠା ଓ ମିଠାର ସମ୍ଭାର




କଟକ,୯।୬(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଓଡ଼ିଶାର ଗଣପର୍ବ ରଜ ପର୍ବକୁ ଆସନ୍ତା ୧୪ରୁ କଟକ ଇନ୍ କଟକରେ ବେଶ୍ ଧୂମ୍‌ଧାମରେ ପାଳନ କରାଯିବ। ସିଏମସିର ୫୯ଟି ୱାର୍ଡର ୨୦୦ରୁ ଅଧିକ ବସ୍ତିର ପିଲା ସାମିଲ ହେବେ। ପାରମ୍ପରିକ ପର୍ବ ପାଳନ ସହ ସିଏମସି ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତ କରାଯାଇଥିବା ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସିଏମ୍‌ସି ମେୟର ସୁବାସ ସିଂହ ଓ କମିଶନର କିରନଦୀପ କୌର ସହୋତା। ପାରମ୍ପରିକ ରଜ ପାଳନ ସହ ସିଏମ୍‌ସି ଏଥର ଏକ ସଚେତନତା ଅଭିଯାନ ଆରମ୍ଭ କରିବ। ପ୍ରତିଦିନ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଥିବା ଗାଡ଼ିରେ ସିଏମସି ପକ୍ଷରୁ ଏକ ସ୍ୱତନ୍ତ୍ର ଲାଲ ବାକ୍ସ ରଖାଯିବ। ଏଥିରେ ମହିଳାମାନେ ସାନିଟାରୀ ପ୍ୟାଡକୁ ସ୍ୱତନ୍ତ୍ର ଭାବେ ଅଲଗା କରି ରଖିପାରିବେ। ଏହି ବର୍ଜ୍ୟବସ୍ତୁକୁ ସିଏମସି ପକ୍ଷରୁ ବୈଜ୍ଞାନିକ ପଦ୍ଧତିରେ ଇନସିନିରେସନ୍ କରି ନଷ୍ଟ କରାଯିବ। ମହିଳାମାନେ ସିଧାସଳଖ ଏହି ଲାଲ୍ ବାକ୍ସ ବ୍ୟବହାର କଲେ ସଫେଇ କର୍ମଚାରୀଙ୍କୁ ଆଉ ହାତରେ ଅଳିଆ ବାଛିବାକୁ ପଡ଼ିବ ନାହିଁ। ଫଳରେ ସେମାନେ ମାରାତ୍ମକ ସଂକ୍ରମଣରୁ ରକ୍ଷା ପାଇପାରିବେ। ଲୋକଙ୍କୁ ସଚେତନ କରିବା ପାଇଁ 'ମଇଳା ନୁହେଁ, ମହିଳା ସମ୍ମାନର କଥା' ଶୀର୍ଷକ ଏକ ଭିଡିଓ ମଧ୍ୟ ପ୍ରସ୍ତୁତ କରାଯାଇଛି।

ଜୁନ୍ ୧୪ରୁ ରଜ ମହୋତ୍ସବ ୩ ଦିନ ଧରି ପାଳନ କରାଯିବ। ଦୈନିକ ପୂର୍ବାହ୍ନ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ବିଭିନ୍ନ ବର୍ଗରେ ପ୍ରତିଷ୍ଠା ଅର୍ଜନ କରିଥିବା ମହିଳାଙ୍କୁ ସମ୍ମାନିତ କରାଯିବ। ଚଳିତ ଥର ୫୯ଟି ୱାର୍ଡର ୨୦୦ରୁ ଅଧିକ ବସ୍ତିର ଝିଅ ଓ ମହିଳାମାନେ ମହୋତ୍ସବରେ ସାମିଲ ହେବେ। ରଜରେ ଦୈନିକ ଏକାଧିକ କର୍ମଶାଳା ଆୟୋଜନ କରାଯିବ। ବିଭିନ୍ନ ସାମ୍ପ୍ରତିକ ପ୍ରସଙ୍ଗ ଉପରେ ବିଶେଷଜ୍ଞମାନେ ଲୋକଙ୍କୁ ସଚେତନ କରାଇବେ। ସେହିପରି ରଜ ସଜବାଜ ପାଇଁ ୨ଟି ସ୍ୱତନ୍ତ୍ର ସ୍ଥାନ ରହିବ, ଯେଉଁଠି ଅଳତା, ମେହେନ୍ଦୀ, ଫେସ୍ ଆର୍ଟ, ନେଲ୍ ଆର୍ଟ ପ୍ରଭୃତି ରହିବ।

## ଦାଦାବଟି ଆଦାୟ ଅଭିଯୋଗରେ ତୃଣମୂଳ ନେତା ଗିରଫ

କୋଲକାତା,୯।୬(ସଂଚାର ବ୍ୟୁରୋ): ସୁଜିତ ବୋଷଙ୍କ ପରେ ବିଧାନନଗରର ଆଉ ଜଣେ ପ୍ରଭାବଶାଳୀ ତୃଣମୂଳ ନେତା ତଥା ବିଧାନନଗର ପୌରସଭାର ପୂର୍ବତନ ଅଧ୍ୟକ୍ଷ ସବ୍ୟସାଚୀ ଦତ୍ତଙ୍କୁ ପୁଲିସ ହେପାଜତକୁ ନିଆଯାଇଛି। ବିଧାନନଗର ଉତ୍ତର ଥାନା ପୁଲିସ ସୋମବାର ରାତିରେ ତାଙ୍କୁ ବଟି ଆଦାୟ ଅଭିଯୋଗରେ ଗିରଫ କରିଛି। ତାଙ୍କ ନାମରେ ବ୍ୟବସାୟୀଙ୍କଠାରୁ ୧ କୋଟି ୫ ଲକ୍ଷ ଟଙ୍କା ଆଦାୟ କରିବାର ଅଭିଯୋଗ ରହିଛି। ତଦନ୍ତକାରୀମାନେ ବଟି ଆଦାୟ ହେବାର ମୁହୂର୍ତ୍ତର ସିସିଟିଭି ଫୁଟେଜ୍ ହାସଲ କରିଛନ୍ତି। ତାଙ୍କୁ ମଙ୍ଗଳବାର ଡାକ୍ତରୀ ପରୀକ୍ଷା ପାଇଁ ସକାଳ ପ୍ରାୟ ସାଢେ ଦଶଟା ସମୟରେ ବିଧାନନଗର ସବଡିଭିଜନାଲ ହସ୍ପିଟାଲକୁ ମଧ୍ୟ ନିଆଯାଇଥିଲା। ଏହା ପରେ ସବ୍ୟସାଚୀଙ୍କୁ ବିଧାନନଗର ସବଡିଭିଜନାଲ କୋର୍ଟରେ ହାଜର କରାଯାଇଥିଲା। ପୁଲିସର ଆଶଙ୍କା ଥିଲା ଯେ ତାଙ୍କ ବିରୁଦ୍ଧରେ ପ୍ରତିବାଦ ଏବଂ ଜନସାଧାରଣଙ୍କ କ୍ରୋଧ ଉଭୟ ଥାନା ଏବଂ ହସ୍ପିଟାଲ ବାହାରେ ପ୍ରକାଶ ପାଇପାରେ। ତେଣୁ ପୁଲିସ କର୍ମୀମାନେ ସତର୍କ ରହିଥିଲେ।

## ବଗି ବଢ଼ାଇବାକୁ ଦାବି କରି ରେଳ ଅବରୋଧ

କୋଲକାତା,୯।୬ (ସଂଚାର ବ୍ୟୁରୋ): ଲୋକାଲ ଟ୍ରେନର କୋଚ୍ ସଂଖ୍ୟା ବୃଦ୍ଧି ଦାବି କରି ଦୈନିକ ଯାତ୍ରୀମାନେ ରେଳ ଅବରୋଧ କରିଥିଲେ। ପୂର୍ବ ରେଳବାଇର ଶିଆଲଦା ଦକ୍ଷିଣ ଶାଖାର ହୋଟୋର ଷ୍ଟେସନରେ ମଙ୍ଗଳବାର ସକାଳ ୮ଟା ୨୦ ସମୟରେ ଅବରୋଧ ଆରମ୍ଭ ହୋଇଥିଲା। ଏହା ପ୍ରାୟ ଗୋଟିଏ ଘଣ୍ଟା ଧରି ଚାଲିଥିଲା। ରେଳ ଅଧିକାରୀଙ୍କ ହସ୍ତକ୍ଷେପ ପରେ ପ୍ରତ୍ୟାହାର କରାଯାଇଥିଲା। ବେଶ୍ କିଛି ମାସ ପୂର୍ବରୁ ରେଳବାଇରେ ମହିଳା ବଗି ସଂଖ୍ୟା ବୃଦ୍ଧି କରାଯାଇଥିଲା। ମହିଳାମାନଙ୍କ ପାଇଁ ଆବଣ୍ଟିତ ଗୋଟିଏ ବଗି ବ୍ୟତୀତ ସାଧାରଣ ବଗିଗୁଡ଼ିକର ଅଧା ମଧ୍ୟ ମହିଳାମାନଙ୍କ ପାଇଁ ଆବଣ୍ଟିତ। ଫଳସ୍ୱରୂପ ଟ୍ରେନରେ ସମୁଦାୟ ତିନୋଟି ବଗି ମହିଳାମାନଙ୍କ ପାଇଁ ବଣ୍ଟନ କରାଯାଇଛି। ତେବେ ପୁରୁଷ ଯାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ ଶିଆଲଦା ଦକ୍ଷିଣ ଶାଖାର ଡାଇମଣ୍ଡ ହାର୍ବର ଲାଇନରେ ଅତ୍ୟଧିକ ଭିଡ଼ ଯୋଗୁଁ ସେମାନଙ୍କ ଯାତାୟାତ ଅତ୍ୟନ୍ତ ଅସହଜ ହୋଇପଡୁଛି।

# ଓଡ଼ିଶାର ବାଲି, ରପ୍ତାନିଠୁ ଚୋରି ଅଧିକ

ଭୁବନେଶ୍ୱର,୯।୬: ଓଡିଶାର ନଦୀରୁ ମିଳୁଥିବା ବାଲି ଯେତିକି ପରିମାଣରେ ଅନ୍ୟ ରାଜ୍ୟକୁ ରପ୍ତାନି ହେଉଛି ତାହାର ବହୁଗୁଣା ବାଲି ଚୋରି ହେଉଛି। ବାଲିଚୋରଙ୍କ ପ୍ରାଦୁର୍ଭାବ ଏଭଳି ହୋଇଛି ଯେ ସରକାରୀକଳ ବି ଅନେକ ସ୍ଥାନରେ ସେମାନଙ୍କୁ ରୋକିପାରୁନାହିଁ।

ମିଳିଥିବା ସୂଚନାନୁଯାୟୀ ଓଡ଼ିଶାର କେତେକ ଜିଲ୍ଲାରୁ ନଈବାଲି ଆଣ୍ଡାମାନ ନିକୋବର, ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଆଦି ରାଜ୍ୟକୁ ରପ୍ତାନି ହେଉଛି। ୨୦୨୪-୨୫ ଆର୍ଥିକବର୍ଷରେ ଢେଙ୍କାନାଳ ଜିଲ୍ଲାରୁ ୮୦ କ୍ୟୁବିକ ମିଟର ନଈବାଲି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ରପ୍ତାନି ହୋଇଥିବାବେଳେ ଏହାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଥିଲା। ସେହିଭଳି ଗଜପତି ଜିଲ୍ଲାରୁ ଆନ୍ଧ୍ରପ୍ରଦେଶକୁ ୩୦୧୮ କ୍ୟୁବିକ ମିଟର ବାଲି ରପ୍ତାନି ହୋଇଥିବାବେଳେ ଏହାର ମୂଲ୍ୟ ୨୭ଲକ୍ଷରୁ ଅଧିକ ଟଙ୍କା ଥିଲା।

ଜଗତ୍‌ସିଂହପୁର ଜିଲ୍ଲାରୁ ବିପୁଳ ପରିମାଣର ବାଲି ଆଣ୍ଡାମାନ ନିକୋବର ଦ୍ୱୀପକୁ ଯାଇଥିବା ଜଣାଯାଇଛି। ଏହି ଜିଲ୍ଲାରୁ ଆଣ୍ଡାମାନକୁ ୧୨,୪୬୪ କ୍ୟୁବିକ ମିଟର ବାଲି ରପ୍ତାନି ହୋଇଥିବାବେଳେ ସେ ବାବଦରେ ପ୍ରାୟ ୪୬ ଲକ୍ଷ ଟଙ୍କା ମିଳିଥିଲା। ସେହିଭଳି ଯାଜପୁର ଜିଲ୍ଲାରୁ ପଶ୍ଚିମବଙ୍ଗ, ଝାଡଖଣ୍ଡ ଏବଂ ଆଣ୍ଡମାନକୁ ୧୪ ହଜାର କ୍ୟୁବିକ ମିଟର ବାଲି ରପ୍ତାନି ହୋଇଥିବାବେଳେ ଏହାର ଦର ୯୦ଲକ୍ଷ ଟଙ୍କାରୁ ଅଧିକ ଥିଲା। ଝାରସୁଗୁଡ଼ା ଜିଲ୍ଲାରୁ ୧୧,୩୯୧ କ୍ୟୁବିକ ମିଟର ବାଲି ଛତିଶଗଡ଼କୁ ରପ୍ତାନି ହୋଇଥିଲା। ଏ ବାବଦରେ ୬ ଲକ୍ଷ ୮୦ ହଜାର ଟଙ୍କାରୁ ଅଧିକ ଅର୍ଥ ମିଳିଥିଲା। ରାୟଗଡ଼ା ଜିଲ୍ଲାକୁ ଆନ୍ଧ୍ର ପ୍ରଦେଶକୁ ୧୪ ହଜାର କ୍ୟୁବିକ ମିଟର ବାଲି ରପ୍ତାନି ହୋଇଥିବା ବେଳେ ଏହାର ମୂଲ୍ୟ ୨ କୋଟିରୁ ଅଧିକ ଟଙ୍କା ଥିଲା।

ଓଡ଼ିଶାର ନଦୀ ଶଯ୍ୟାରୁ ମିଳୁଥିବା ବାଲି ଉନ୍ନତମାନର ଥିବାରୁ ଏହାର ଚାହିଦା ରାଜ୍ୟ ଭିତରେ ଓ ବାହାରେ ରହିଛି। ବିଭିନ୍ନ ରାଜ୍ୟର ନିର୍ମାଣକାରୀ ସଂସ୍ଥାମାନେ ଓଡିଶାରୁ ବାଲି ନେଉଛନ୍ତି। ତେବେ ସରକାରୀ ତାଲିକାରେ ବିଭିନ୍ନ ରାଜ୍ୟକୁ ଯେତିକି ବାଲି ରପ୍ତାନି ହେଉଛି ତାହାଠାରୁ ଢେର ଅଧିକ ଗଳାବାଟରେ ଯାଉଛି। ରାଜ୍ୟର ବାଲି ମାଫିଆମାନେ ଦିନରାତି ନଦୀ ଶଯ୍ୟାରୁ ଚୋରାରେ ବାଲି ଉଠାଇ ତାହାର ଚାଲାଣ କରୁଛନ୍ତି।

ବାଲି ଉଠାଣକୁ ନେଇ ବାଲେଶ୍ୱର, କେନ୍ଦ୍ରାପଡା, ଯାଜପୁର, ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲ୍ଲାରେ ବାରମ୍ବାର ଗଣ୍ଡଗୋଳ ଉପୁଜିବା ସହ ବାଲି ମାଫିଆମାନେ ସରକାରୀ ଅଧିକାରୀଙ୍କୁ ମରଣାତ୍ମକ ଆକ୍ରମଣ କରିବାର ନଜିର ରହିଛି। ସରକାରୀ ଗାଡ଼ି ଭାଙ୍ଗିବା, ଅଫିସରଙ୍କ ଉପରେ ଗାଡ଼ି ଚଢ଼ାଇଦେବା ଓ ବାଲିଗାଡ଼ିକୁ ରାସ୍ତାରେ ଅଟକାଉଥିବା ଅଧିକାରୀଙ୍କ ଉପରୁ ଗୁଳିଚାଳନା ବି ହେଉଛି।

ବାଲିର ଦର ଦିନକୁ ଦିନ ବଢୁଥିବା ବେଳେ ଏହା ସହିତ ତାଳ ଦେଇ ଚୋରି ବି ବଢୁଥିବା ଅଭିଯୋଗ ହେଉଛି। ତେଣୁ ଓଡ଼ିଶାର ଏହି ଲଘୁ ଖଣିଜ ଦ୍ରବ୍ୟର ଚାହିଦା ରାଜ୍ୟ ବାହାରେ ଢେର ରହିଥିବାରୁ ଠିକଣା ଭାବେ ଏହାର ରପ୍ତାନି କରାଗଲେ ରାଜକୋଷକୁ ବିପୁଳ ଅର୍ଥ ଆସିପାରନ୍ତା। ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଉଛି। (ତଥ୍ୟ)

## ପଥର ଗଦାରୁ ନାଗ ଉଦ୍ଧାର



ପିପିଲି,୯।୬(ସଂଚାର ବ୍ୟୁରୋ): ପଥର ଗଦାରୁ ନାଗସାପ ଓ ଅଣ୍ଡା ଉଦ୍ଧାର କରାଯାଇଛି। ପୁରୀ ଜିଲ୍ଲା ପିପିଲି ସାତଶଙ୍ଖ ଅର୍ଜୁନସିଂହପୁର ଗାଁର ନରହରି ବିଶ୍ୱାଳଙ୍କ ଘର ବାଡ଼ିରେ ଥିବା ପଥରଗଦାରୁ ୧୪ଟି ନାଗ ସାପ ସହ ୧୬ଟି ଅଣ୍ଡା ଉଦ୍ଧାର ହୋଇଛି। ଦୀର୍ଘ ୧୦ ବର୍ଷ ହେଲା ତାଙ୍କ ବାଡ଼ିରେ ପଥର ଗଦା ହୋଇଥିଲା। ତେବେ ଗତକାଲି ଶ୍ରମିକମାନେ ପଥର କାଢ଼ିବା ସମୟରେ ସାପ ଓ ସାପ ଅଣ୍ଡା ଦେଖି ଏ ସମ୍ପର୍କରେ ନରହରିଙ୍କୁ ଜଣାଇଥିଲେ। ପରେ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ସାପମାନଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି। ଗତକାଲି ଉକ୍ତ ସ୍ଥାନରୁ ୧୬ଟି ଅଫୁଟା ଅଣ୍ଡା ଉଦ୍ଧାର କରି ସେଗୁଡ଼ିକୁ କୃତ୍ରିମ ଉପାୟରେ ଫୁଟାଇବା ଦିଗରେ ବ୍ୟବସ୍ଥା କରାଯାଇଛି। ସେହିପରି ଉଦ୍ଧାର ହୋଇଥିବା ନାଗ ସାପଗୁଡ଼ିକୁ ଗ୍ରାମଠାରୁ କିଛି ଦୂରରେ ଛାଡ଼ି ଦିଆଯାଇଛି। ଗତ ବର୍ଷ ମଧ୍ୟ ସମାନ ସ୍ଥାନରେ ସାପ ଅଣ୍ଡା ଦେଇ ୧୪ଟି ଛୁଆ ଫୁଟିଥିବା ପାଖରେ ଥିବା ପୁରୁଣା ଖୋଳପାରୁ ସ୍ପଷ୍ଟ ହୋଇଛି। ଉକ୍ତ ସ୍ଥାନଟିକୁ ନାଗଗୁଡ଼ିକ ସୁରକ୍ଷିତ ସ୍ଥାନ ଭାବେ ବାଛିଥିବା ସ୍ନେକ ହେଲ୍ପଲାଇନ ସଦସ୍ୟ ସୁଶାନ୍ତ ବେହେରା କହିଛନ୍ତି। ଏଥିସହ ଏବେ ସାପ ଅଣ୍ଡା ଫୁଟିବା ସମୟ ହୋଇଥିବାରୁ ସ୍ଥାନୀୟ ଲୋକେ ନିଜ ବାଡ଼ି ବଗିଚାକୁ ସଫା ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋଦି ଚିରସ୍ରୋତା...

ତୃତୀୟ ପାଳିର ଦୁଇଟି ଅସାଧାରଣ, ସଫଳ ବର୍ଷ ପୂର୍ଣ୍ଣ ହୋଇଛି। ସବୁଠାରୁ ଗୌରବମୟ କଥା ହେଉଛି, ଆଜକାଲି ନରେନ୍ଦ୍ର ମୋଦି ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନ ମୁଖ୍ୟ ଭାବେ ସର୍ବାଧିକ ସମୟ (୪,୩୧୯ ଦିନ) ସେବା କରିବାର ଏକ ଅଭୂତପୂର୍ବ, ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଛନ୍ତି। ଏହି ଅବସରରେ ସେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଓ ଶୁଭେଚ୍ଛା ଜଣାଇଛନ୍ତି। ବିଗତ ଦୁଇ ବର୍ଷରେ ସମଗ୍ର ବିଶ୍ୱ ଅନେକ ଭୂ-ରାଜନୈତିକ ଅସ୍ଥିରତା ଓ ଆହ୍ୱାନର ସମ୍ମୁଖୀନ ହୋଇଛି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପବଦ୍ଧ ନେତୃତ୍ୱ ଯୋଗୁଁ ଭାରତର ବିକାଶ ରଥ ଅବିରାମ ଭାବେ ଅଗ୍ରସର ହୋଇଛି। ମୋଦି ହେଉଛନ୍ତି ଭାରତର ଚିରସ୍ରୋତା ପ୍ରଗତିର ଜଣେ ମହାନ ବିକାଶ ପୁରୁଷ। ୨୦୨୦ର କୋଭିଡ୍ ମହାମାରୀ ସମୟରେ ଯେତେବେଳେ ସାରା ବିଶ୍ୱର ଅର୍ଥନୀତି ଭାଙ୍ଗିପଡ଼ିଥିଲା, ସେତେବେଳେ ଭାରତ ସ୍ୱଦେଶୀ ଭ୍ୟାକ୍ସିନ ପ୍ରସ୍ତୁତ କରି ଜୁଲାଇ ୨୦୨୨ ସୁଦ୍ଧା ୨୦୦ କୋଟିରୁ ଅଧିକ ଡୋଜ୍‌ର ମାଗଣା ଟୀକାକରଣ କରି ବିଶ୍ୱ ରେକର୍ଡ କରିଥିଲା। କେବଳ ସେତିକି ନୁହେଁ, 'ଭ୍ୟାକ୍ସିନ୍ ମୈତ୍ରୀ' ଅଭିଯାନ ମାଧ୍ୟମରେ ବିଶ୍ୱର ଅନେକ ଗରିବ ରାଷ୍ଟ୍ରକୁ ସହାୟତାର ହାତ ବଢ଼ାଇ ଭାରତ ଆଜି 'ବିଶ୍ୱବନ୍ଧୁ' ଭାବେ ଉଭା ହୋଇଛି।

### ଦୀଘା ଜଗନ୍ନାଥ...

ସୂଚନା ପଠାଯାଇଥିବା କଥା କୁହାଯାଇଛି। ନାମ ପରିବର୍ତ୍ତନ ପାଇଁ କ୍ୟାବିନେଟରେ ପ୍ରସ୍ତାବ ଆସିବ ଓ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ଜାରି ହେବ। 'ଦୀଘା ଜଗନ୍ନାଥ ଧାମ' ନାମକରଣ ପରିବର୍ତ୍ତନ ଦାବି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେନ୍ଦୁ ଅଧିକାରୀଙ୍କୁ ଚିଠି ଲେଖିଥିଲେ। 'ଦୀଘା ଜଗନ୍ନାଥ ଧାମ' ବଦଳରେ 'ଶ୍ରୀଜଗନ୍ନାଥ ମନ୍ଦିର, ଦୀଘା' ଲେଖିବାକୁ ସେ ପ୍ରସ୍ତାବ ଦେଇଥିଲେ। 'ଦୀଘା ଜଗନ୍ନାଥ ଧାମ' ନାମକରଣ ଶ୍ରଦ୍ଧାଳୁ ଭାବାବେଗକୁ ଆଘାତ ଦେଉଛି। ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ।

### ବାପି ସର୍ଖେଲ...

୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଥିଲା। ଏହିସବୁ ଟଙ୍କା କୌଣସି କାମ ନ କରି ପ୍ରୋଟେକ୍ସନ ମନି ନାମରେ ଆସୁଥିଲା। ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ସଂଗଠନରେ ପାରାଦୀପ ଓ କୁଜଙ୍ଗ ଅଞ୍ଚଳରୁ ଶହ ଶହ ଯୁବକଙ୍କୁ ସଭ୍ୟ କରାଇ ଆଉଟସିଏଲରେ କାମ କରୁଥିବା କମ୍ପାନୀମାନଙ୍କୁ ଭୟଭୀତ କରାଇ ପ୍ରୋଟେକ୍ସନ ନାମରେ ନିଯୁକ୍ତି ଦିଆଯାଉଥିଲା। ସେହି ସମୟରେ ବାପି ସର୍ଖେଲଙ୍କ ବିରୋଧୀମାନେ ତାଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା କରିଥିଲେ। ବାପିଙ୍କ କାଳାନ୍ତରମା ଜାଣିବା ପରେ ୨୦୧୬ରେ ରାକେଶ ତାଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କୁ ବାରମ୍ବାର ଡକେଇଲାରୁ ମୁଁ ନ ଯିବାରୁ ଗାଉଡିଆଗାନ୍ଧୀ ପାଖରେ ତାଙ୍କ ଗାଡ଼ି ଉପରକୁ ଗୁଳିମାଡ଼ ହୋଇଥିଲା। ତାଙ୍କ ନାମରେ ଲୋକ ଲଗାଇ ବାପି ଅଭୟଚାନ୍ଦପୁର ଥାନାରେ ମାମଲା କରାଇଥିଲେ। ଏପରିକି ସେ ଜେଲରେ ଥିବା ବେଳେ ଆଉ ଦୁଇଟି ମାମଲା ଥାନାରେ କରାଗଲା। ୨୦୨୨ ସେ ଏନଆରଏଲ କମ୍ପାନୀର କାର୍ଯ୍ୟ ଆରମ୍ଭ କରିବା ସମୟରେ ବାପି ସର୍ଖେଲ ଓ ବାପୁ ପଟ୍ଟନାୟକ କମ୍ପାନୀକୁ ପ୍ରୋଟେକସନ ମନି ଦିଆଯାଉଥିଲା। ସେ ଏନଆରଏଲ କମ୍ପାନୀଙ୍କୁ କାମ ପାଇଁ ବାରମ୍ବାର ଯିବାରୁ ୨୦୨୩ରେ ସେମାନେ ପ୍ରୋଟେକ୍ସନ ଦେଉଥିଲେ। ବ୍ରିଜ ଆଣ୍ଡ ରୁଫ କମ୍ପାନୀର ଡାଇରେକ୍ଟରଙ୍କ ହାଉସରେ ନିଜେ ଗୁଳିକାଣ୍ଡ ଭିଆଇ ନାଟକୀୟ ଢଙ୍ଗରେ ତାଙ୍କ ନାମ ଯୋଡ଼ିଦେଇଥିଲେ ବୋଲି ରାକେଶ ଅଭିଯୋଗ କରିଛନ୍ତି। ସାର୍ଜ ଗ୍ରୁପ ମାର୍କେଟିଂ ଲିମିଟେଡ଼ ଆକାଉଣ୍ଟକୁ ଆସିଥିବା ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ତଦନ୍ତ କରିବା ସହ ତାଙ୍କ ନାମରେ ହୋଇଥିବା ମାମଲାର ପୁନଃତଦନ୍ତ ପାଇଁ ସେ ଦାବି କରିଛନ୍ତି।

### ୩ ଦୁର୍ନୀତିଖୋର୍ ଯନ୍ତ୍ରୀ...

ଅଭିଯୋଗରେ ଏପରି କାର୍ଯ୍ୟାନୁଷ୍ଠାନ ହୋଇଛି। ଓସିଏସ୍ ନିୟମ, ୧୯୬୨ର ଧାରା ୧୨(୧) ଅନୁଯାୟୀ ରାଜ୍ୟପାଳଙ୍କ ଆଦେଶ କ୍ରମେ ଏହି ନିଲମ୍ବନ ଆଦେଶ ଜାରି ହୋଇଥିବା ଜଣାପଡ଼ିଛି। ନିଲମ୍ବନ ସମୟରେ ଶ୍ରୀ ସେଠୀ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଶ୍ରୀ ମିଶ୍ର ଓ ଶ୍ରୀ ପଟେଲ ମହାନଦୀ ବେସିନ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିନାନୁମତିରେ ସେମାନଙ୍କୁ ମୁଖ୍ୟାଳୟ ନ ଛାଡ଼ିବାକୁ ବି ନିର୍ଦ୍ଦେଶ ହୋଇଛି।

### ଅପାରଗତା...

ଶିକ୍ଷା ଗ୍ରହଣ କରିବା ସହ ଗତ ୨୦୦୦ରେ ଆଇଏଏସ୍ ପାଇଥିଲେ। ଓଡ଼ିଶା କ୍ୟାଡର୍‌ର ଏହି ଓଡ଼ିଆ ଝିଅ ସୁନ୍ଦରଗଡ଼ ଜିଲ୍ଲାରୁ ତାଙ୍କର ଚାକିରି ଜୀବନ ଆରମ୍ଭ କରିଥିବା ବେଳେ କଟକ ଜିଲ୍ଲାର ଜିଲ୍ଲାପାଳ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଗତ ୨୦୦୬ରେ ସେ ସୁନ୍ଦରଗଡ଼ରେ ମଧ୍ୟାହ୍ନଭୋଜନ ଯୋଜନାରେ ଅଣ୍ଡାକୁ ସାମିଲ କରିଥିଲେ। ଡାଲି କିମ୍ବା ତେଲର ପରିମାଣ ବଢ଼ାଇବା ପରିବର୍ତ୍ତେ ଛାତ୍ରଛାତ୍ରୀଙ୍କ ଭୋଜନରେ ଅଣ୍ଡା ଯୋଗ କରାଯାଇଥିଲା। ଏହି ପଦକ୍ଷେପକୁ ପରବର୍ତ୍ତୀ ସମୟରେ ସମଗ୍ର ରାଜ୍ୟରେ ଲାଗୁ କରାଯାଇଥିଲା। ସୁନ୍ଦରଗଡ଼ରେ ସୁଜାତା 'ଫୁଟବଲ କଲେକ୍ଟର' ଭାବେ ମଧ୍ୟ ବେଶ୍ ଜଣାଶୁଣା ଥିଲେ। ସେ ମାଓବାଦୀ ପ୍ରବଣ ଅଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା, ବିଶେଷ କରି ଫୁଟବଲ ଓ ହକିକୁ ପ୍ରୋତ୍ସାହିତ କରିଥିଲେ। କଟକ ଜିଲ୍ଲାର ପ୍ରଥମ ମହିଳା ଜିଲ୍ଲାପାଳ ଭାବରେ ସେ ଗର୍ଭବତୀ ମହିଳାଙ୍କ ପାଇଁ ଏକ ସର୍ତ୍ତମୂଳକ ନଗଦ ସ୍ଥାନାନ୍ତର କାର୍ଯ୍ୟକ୍ରମ 'ମମତା' ଯୋଜନା ଆରମ୍ଭ କରିଥିଲେ। ରାଜ୍ୟରେ ମିଶନ ଶକ୍ତି ବିଭାଗର ସଚିବ ଦାୟିତ୍ୱରେ ଥିବା ବେଳେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଥିଲା ତାଙ୍କର ଅନ୍ୟତମ ସଫଳତା। ବିଜେଡିର ଯୁବନେତାମାନଙ୍କ ମତରେ ସୁଜାତା ବିଜେଡିକୁ ଆସିଲେ ଦଳ କେବଳ ମହିଳା କାର୍ଡ ଖେଳିବ ନାହିଁ, ପ୍ରତିପକ୍ଷ ଦଳରେ ଥିବା ଉଚ୍ଚଶିକ୍ଷିତା ମହିଳା ନେତ୍ରୀଙ୍କୁ ମଧ୍ୟ ସହଜରେ ମୁକାବିଲା କରିପାରିବ।

### ଡବଲ ଇଞ୍ଜିନରେ...

ନିଆଯାଇଛି। ଓଡ଼ିଶା ପାଇଁ ୮୦ ହଜାର କୋଟି ଟଙ୍କାର ୨୩୦ଟି ପ୍ରକଳ୍ପ ମଞ୍ଜୁର ହୋଇଛି, ଯେଉଁଥିରୁ ୪୩ ହଜାର କୋଟି ଟଙ୍କା ବ୍ୟୟରେ ୫୪୦୦ କିମି ରାଜପଥ ନିର୍ମାଣ ସରିଛି। ଖୁବ୍ ଶୀଘ୍ର ୮,୩୦୭ କୋଟି ବ୍ୟୟରେ ୧୧୧ କିମି ବିଶିଷ୍ଟ 'କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍' ଏବଂ ୮,୩୦୧ କୋଟି ବ୍ୟୟରେ ୧୬୦ କିମି ବିଶିଷ୍ଟ 'ଗ୍ରୀନଫିଲ୍ଡ କୋଷ୍ଟାଲ୍ ହାଇୱେ' (ରାମେଶ୍ୱର-କୋଣାର୍କ-ପାରାଦୀପ) ନିର୍ମାଣ ହେବ। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ପାଇଁ କେନ୍ଦ୍ର ସରକାର ୫ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହିଭଳି କୃଷି, ସମବାୟ ଓ ମତ୍ସ୍ୟ ଚାଷୀଙ୍କ କଲ୍ୟାଣ କ୍ଷେତ୍ରରେ ରାଜ୍ୟର ୩୪ ଲକ୍ଷ ୫୯ ହଜାର କୃଷକଙ୍କୁ ବାର୍ଷିକ ୬ ହଜାର ଟଙ୍କାର ପିଏମ କିଷାନ ସହାୟତା ମିଳୁଛି।

### ଚିନ୍ତାମୁକ୍ତ...

ପରିଚାଳନାରେ ସୁରକ୍ଷା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଆଧାର କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି ବୋଲି ସେ କହିଛନ୍ତି। ଇତିମଧ୍ୟରେ ଗତ ପରୀକ୍ଷା ସମୟରେ ହୋଇଥିବା ତ୍ରୁଟି ପାଇଁ ଏନଟିଏର କିଛି ଅଧିକାରୀଙ୍କ ପରିବର୍ତ୍ତନ କରାଯାଇଛି। ଏନଟିଏରେ ବ୍ୟବସ୍ଥାଗତ ଢାଞ୍ଚାକୁ ସୁଦୃଢ଼ କରାଯାଇଛି। କିଛି ଅନୁଭବୀ ଓ କିଛି ନୂଆ ଅଧିକାରୀଙ୍କୁ ନେଇ ପରୀକ୍ଷା ପରିଚାଳନା କରାଯାଉଛି। ସାଇବର ସୁରକ୍ଷା ପାଇଁ ଆଇବି, ସିବିଆଇ ଭଳି ସଂସ୍ଥାର ସାଇବର ଏକ୍ସପର୍ଟମାନେ ମଧ୍ୟ କାମ କରୁଛନ୍ତି। ଜୁନ ୨୧ରେ ଦେଶର ୫୫୧ଟି ସହରର ୫୪୩୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। ସେ ମଧ୍ୟରେ ୧୪ଟି ପରୀକ୍ଷା କେନ୍ଦ୍ର ବିଦେଶରେ ମଧ୍ୟ ଅଛି। ତେଣୁ ସବୁ ଦିଗରୁ ସୁରକ୍ଷିତ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପାଇଁ ଆଗକୁ ଗୃହ ସଚିବ ମଧ୍ୟ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିବେ ବୋଲି ସେ ସୂଚନା ଦେଇଛନ୍ତି। ଏଥିସହ କେନ୍ଦ୍ର ମନ୍ତ୍ରୀ ସବୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଏଥର ପରୀକ୍ଷା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ। ତେଣୁ ଛାତ୍ରଛାତ୍ରୀମାନେ ଚିନ୍ତାମୁକ୍ତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତୁ। ପରୀକ୍ଷା ପରେ ରେଜଲ୍ଟ ପ୍ରକାଶନ ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରାଯିବ, ଯାହାଦ୍ୱାରା ପାଠ୍ୟକ୍ରମ ଆରମ୍ଭ ସମୟରେ କୌଣସି ପରିବର୍ତ୍ତନ ହେବ ନାହିଁ।

### ମେଡିକାଲ କଲେଜ...

ହେବା ପରେ ମେଡିକାଲ କଲେଜଗୁଡ଼ିକରେ ଶିକ୍ଷକ ଓ ଚିକିତ୍ସକଙ୍କ ଉପଲବ୍ଧତା ବୃଦ୍ଧି ପାଇବ, ଯାହା ଚିକିତ୍ସା ଶିକ୍ଷା ଓ ରୋଗୀସେବା ଉଭୟ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସୁଛନ୍ତି। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଚିକିତ୍ସା ଶିକ୍ଷାର ଭିତ୍ତିଭୂମିକୁ ଆହୁରି ମଜବୁତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ୭୫୫ଟି ପଦବୀ ମଞ୍ଜୁର ହେବା ଫଳରେ ମେଡିକାଲ କଲେଜଗୁଡ଼ିକରେ ଆବଶ୍ୟକ ମାନବ ସମ୍ବଳ ବୃଦ୍ଧି ପାଇବ ଓ ରୋଗୀମାନେ ଅଧିକ ଉନ୍ନତ ଚିକିତ୍ସା ସେବାର ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

### ଟ୍ରକ୍ ଚାପାରେ...

ଉଦ୍ୟମ କରିବା ସମୟରେ ସେମାନଙ୍କ ଗାଡ଼ିଟି ରାସ୍ତାରେ ଥିବା କାଦୁଅ ଯୋଗୁଁ ଏହା ସ୍ଲିପ୍ କରିଯାଇଥିଲା। ଫଳରେ ଉଭୟ ତଳେ ପଡ଼ିଯାଇଥିଲେ। ଏହି ସମୟରେ ପଛୁଆ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ବଲାଙ୍ଗୀର ସହରରେ ଥିବା ୧୧ଟି ବନ୍ଧରୁ ମ୍ୟୁନିସିପାଲିଟି ପକ୍ଷରୁ ପଙ୍କୋଦ୍ଧାର କାର୍ଯ୍ୟ ଚାଲିଛି। ଏଠାରୁ ବାହାରୁଥିବା ପଙ୍କକୁ ଜାତୀୟ ରାଜପଥ ଦେଇ ବିଭିନ୍ନ ଗାଡ଼ି ଅନ୍ୟ ସ୍ଥାନକୁ ନେଉଛନ୍ତି। ଏହି ସମୟରେ ଉକ୍ତ ଗାଡ଼ିରୁ ନିୟମିତ ଭାବେ ପଙ୍କ ରାସ୍ତାରେ ପଡ଼ିରହିଥିଲା। ତେବେ ଗତକାଲି ବର୍ଷା ହୋଇଥିବାରୁ ଉକ୍ତ ପଙ୍କ ଯୋଗୁଁ ରାସ୍ତାଟି କାଦୁଅ ପଚ ପଚ ହୋଇଯାଇଥିଲା। ଏହି କାରଣରୁ ଶ୍ରୁତି ଓ ସୁନୀତାଙ୍କ ସ୍କୁଟି ସ୍ଲିପ୍ କରିଯାଇଥିଲା। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ରାଜ୍ୟ ରାଜପଥ-୧୯ ପାଲଟିଛି ଗାଈଗୋରୁଙ୍କ ଚରାଭୂଇଁ

● ଦୁର୍ଘଟଣାରେ ଶିକାର ହେଉଛନ୍ତି ପଥଚାରୀ



ନୀଳଗିରି, ୯।୬ (ସଂଚାର ବ୍ୟୁରୋ): ସେରଗଡ଼-ନୀଳଗିରି-ଝରଣାଘାଟି ୧୯ନଂ ରାଜ୍ୟ ରାଜପଥ ଏବେ ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ପ୍ରଶାସନ ଦୃଷ୍ଟି ନ ଦେବା ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟି ମୃତାହତ ହେଉଛନ୍ତି ଯାତ୍ରୀ। ବିଶେଷକରି ନୀଳଗିରି ବ୍ଲକ ଗୋହିରା, କଳାକାଡ, ଗରଡ଼ି ଛକ, ଛତ୍ରପୁର ଓ ଯାମୁନା ଅଞ୍ଚଳ ରାଜପଥରେ ଶହଶହ ଗୋରୁଗାଈ ଅବାଧରେ ବିଚରଣ କରୁଥିବା ବେଳେ ଅଧିକାଂଶ ଦିନ ପଥଚାରୀ, ଯାତ୍ରୀ, ଛୋଟବଡ଼ ଯାନବାହାନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁପ୍ରଶାସନଏଥିପ୍ରତିଦୃଷ୍ଟିଦେଲେ ସାଧାରଣ ଜନତାଙ୍କ ଧନଜୀବନ ସୁରକ୍ଷିତ ହୋଇପାରିବ ବୋଲି ଅଞ୍ଚଳବାସୀ ଦାବିକରିଛନ୍ତି।

## ଅବୈଧ ଦେଶୀ ମଦ ଓ ମାଦକ ଦ୍ରବ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି



ସୁନ୍ଦରଗଡ଼, ୯।୬ (ସଂଚାର ବ୍ୟୁରୋ): ବଡବଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାରଗାଁ ସମେତ ବିଭିନ୍ନ ଗ୍ରାମରେ ଅବୈଧ ଭାବେ ଦେଶୀ ମଦ, ହାଣ୍ଡିଆ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟର ଉତ୍ପାଦନ, ବିକ୍ରୟ ଏବଂ ସେବନ ଦିନକୁ ଦିନ ବୃଦ୍ଧି ପାଉଥିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ବର୍ତ୍ତମାନ ସାମାଜିକ, ଆର୍ଥିକ ଓ ଆଇନ-ଶୃଙ୍ଖଳା ଦୃଷ୍ଟିରୁ ଏକ ଗୁରୁତର ଚ୍ୟାଲେଞ୍ଜରେ ପରିଣତ ହୋଇଥିବାରୁ ଗ୍ରାମବାସୀମାନେ ପ୍ରଶାସନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗାଁରେ ବିକ୍ରି ହେଉଥିବା ଦେଶୀ ଓ ବିଦେଶୀ ମଦକୁ ତୁରନ୍ତ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ପଂଚାୟତବାସୀ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ନିଶାଦ୍ରବ୍ୟର ପ୍ରଭାବରେ ଅନେକ ପରିବାର ଆର୍ଥିକ ଓ ସାମାଜିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଦିନମଜୁରିଆ ଓ ନିମ୍ନ ଆୟକାରୀ ଲୋକମାନେ ନିଜ ରୋଜଗାରର ବଡ଼ ଅଂଶ ମଦ୍ୟପାନରେ ଖର୍ଚ୍ଚ କରୁଥିବାରୁ ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି। ଏହା ସହ ଘରୋଇ କଳହ, ମହିଳା ନିର୍ଯାତନା, ଶିଶୁମାନଙ୍କ ଶିକ୍ଷାରେ ବାଧା ଏବଂ ସାମାଜିକ ଅସ୍ଥିରତା ବୃଦ୍ଧି ପାଉଥିବା କଥା ସେମାନେ କହିଛନ୍ତି। ଏନେଇ ସେମାନେ ପ୍ରଶାସନଙ୍କୁ ଏକ ଦାବିପତ୍ର ପ୍ରଦାନ କରି ବଡବଙ୍ଗା ଗ୍ରାମ ପଞ୍ଚାୟତକୁ ନିଶାମୁକ୍ତ ଅଞ୍ଚଳ ଭାବେ ଗଢ଼ି ତୋଳିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ଅଭିଯୁକ୍ତ ଗିରଫ, ୪ ମଟର ସାଇକେଲ ଓ ୩ ମୋବାଇଲ ଜବତ



ନବରଂଗପୁର/ଉମରକୋଟ, ୯।୬ (ସଂଚାର ବ୍ୟୁରୋ): ପୂର୍ବ ଅଭିଯୋଗ ଅନୁଯାୟୀ ଆଜି ଉମରକୋଟ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ୪ଟି ମଟର ସାଇକେଲ ଓ ୩ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ଉମରକୋଟ ଥାନା ଆଇଆଇସି ବିପିନ କୁମାର ବାଘ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ସୂଚନା ଅନୁସାରେ ମାଝିଅ ଗ୍ରାମ ଦୁଇ ଜଣ ବ୍ୟକ୍ତି କୃଷ୍ଣ ଭତରା ଓ ହସ୍ତୁ ରାମ ଭତରାଙ୍କ ସହ ଗିରଲିଗୁଡା ଗ୍ରାମରେ ଅଭିଯୁକ୍ତ ଛୋଟୁ ହରିଜନ ବନ୍ଧୁତା ଆଳରେ ସେମାନଙ୍କୁ ଥଣ୍ଡା ପିଇବାକୁ ଦେଇଥିଲା। ପରେ ବିଶ୍ୱାସ ସୃଷ୍ଟି କରି ସେମାନଙ୍କ ମୋଟର ସାଇକେଲ ଓ ମୋବଇଲ ନେଇ ଆଉ ଫେରାଇ ନଥିଲା। ଶେଷରେ ସେହି ଗାଁର ମାଧବ ଭତରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଉମରକୋଟ ପୁଲିସ ସ୍ଥାନୀୟ ଗୁଇନ୍ଦା ବ୍ୟକ୍ତିଙ୍କ ସହାୟତାରେ ପୂର୍ଲା ସ୍ଥିତ ନୂଆଗୁଡା ଗ୍ରାମର ଛୋଟୁ ହରିଜନକୁ ଗିରଫ କରି ଥାନାକୁ ଆଣିଥିଲେ। ଯେଉଁଥିରେ ଜଣାପଡିଥିଲା କି ଛୋଟୁ ଏକ ଗ୍ୟାରେଜ କରି ଏମିତି ଅନେକ ଲୋକଙ୍କ ଗାଡି ଓ ମୋବାଇଲ ଫୋନ ଲୁଟ କରୁଥିଲା ବୋଲି ସ୍ୱୀକାର କରିଛି।

## ସ୍କର୍ପିଓ ଧକ୍କାରେ ବାଇକ ଆରୋହୀ ମୃତ



ବାରିପଦା, ୯।୬ (ସଂଚାର ବ୍ୟୁରୋ): ଜାତୀୟ ରାଜପଥ ୨୨୦ ନମ୍ବର ମରଣଯନ୍ତା ପାଲଟିଛି । ଆରଟିଓ ଅଫିସର ଅନତିଦୂରରେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ ନମ୍ବର ପୁରୁଣା ପାଣି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆଜି ପୂର୍ବାହ୍ନ ସମୟରେ ଏକ ଚୂଡି ଫେରିବାଲା ବାଇକ (ଓଆର୍-୧୧ଇ୨୦୮୮)କୁ ଧକ୍କା ଦେଲା ଧଳା ସ୍କୋର୍ପିଓ (ଓଡ଼ି୧୧ଏଡି୦୮୪୧)। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଫେରିବାଲାର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ହେବା ସହ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଖବର ପାଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଦୁନାଥ ଯେନା,ଏସଡିପିଓ ବୀରେନ୍ଦ୍ର ସେନାପତି, ରାଇରଙ୍ଗପୁର ଟାଉନ ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ଓ୍ୱହଳଦା ଥାନାଧିକାରୀ ଭାସ୍କର ପ୍ରଧାନ, ବିଧାୟକ ଜଲେନ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କଲାପରେ ଲୋକେ ରାସ୍ତାରୁ ହଟିଥିଲେ। ବିଧାୟକ ଜଲେନ ନାଏକ ପିଡିତ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ସାହାଯ୍ୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସ୍କୋର୍ପିଓ ଚାଳକକୁ ପୁଲିସ ଥାନାରେ ଅଟକ ରଖିବା ସହ ଘଟଣାକୁ ନେଇ ତଦନ୍ତ ଜାରି ରଖିଛି ।

## ଯୋଡ଼ା ଖଣି ଅଞ୍ଚଳରେ ଡିଜେଲ ସଙ୍କଟ

# ଖଣିଜ ପରିବହନ ବ୍ୟବସ୍ଥା ପ୍ରଭାବିତ



ଯୋଡ଼ା,୯।୬ (ସଂଚାର ବ୍ୟୁରୋ): ଖଣିଜ ସମୃଦ୍ଧ ଯୋଡ଼ା-ବାରବିଲ ଖଣି ଅଞ୍ଚଳରେ ଡିଜେଲ ଅଭାବ ଓ ଯୋଗାଣ ବ୍ୟବସ୍ଥାରେ ବାଧା ସୃଷ୍ଟି ହେବାରୁ ଖଣିଜ ପରିବହନ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଡିଜେଲ ସଙ୍କଟ ଯୋଗୁଁ ଟ୍ରକ ଓ ଡମ୍ପର ଚଳାଚଳ କମିଯାଇଥିବା ବେଳେ ଖଣିରୁ ଷ୍ଟିଲ କାରଖାନା ଓ ବନ୍ଦରଗୁଡ଼ିକୁ ହେଉଥିବା ଲୌହ ଅୟସ୍କ ପରିବହନ ଧୀରଗତିରେ ଚାଲୁଥିବା ଜଣାପଡ଼ିଛି।

ସ୍ଥାନୀୟ ପରିବହନ ମାଲିକ ସଂଘ ଓ ଚାଳକମାନଙ୍କ କହିବା ଅନୁସାରେ, ବିଭିନ୍ନ ପେଟ୍ରୋଲ ପମ୍ପରେ ସମୟମତେ ଡିଜେଲ ମିଳୁନଥିବାରୁ ଗାଡ଼ିଗୁଡ଼ିକୁ ଦୀର୍ଘ ସମୟ ଧରି ଲାଇନରେ ଅପେକ୍ଷା କରିବାକୁ ପଡ଼ୁଛି। ଅନେକ ଗାଡ଼ି ଡିଜେଲ ଅଭାବରେ ଚଳାଚଳ ବନ୍ଦ କରିଥିବାରୁ ଖଣିରେ ଉତ୍ପାଦିତ ଖଣିଜ ସାମଗ୍ରୀ ଗୋଦାମରେ ଜମା ହେବା ଆରମ୍ଭ ହୋଇଛି।

ଡିଜେଲ ଅଭାବ ସହିତ ଇନ୍ଧନ ମୂଲ୍ୟ ବୃଦ୍ଧି ମଧ୍ୟ ପରିବହନ ଖର୍ଚ୍ଚକୁ ବଢ଼ାଇ ଦେଉଛି। ଏହା ଫଳରେ ଖଣି କମ୍ପାନୀ ଓ ପରିବହନକାରୀ ସଂସ୍ଥାମାନଙ୍କ ମଧ୍ୟରେ ଚାପ ବୃଦ୍ଧି ପାଉଛି। ଦୈନିକ ହଜାର ହଜାର ଟନ ଲୌହ ଅୟସ୍କ ପରିବହନ ହେଉଥିବା ଏହି ଖଣି ବେଲ୍ଟରେ ବର୍ତ୍ତମାନର ଡିଜେଲ ସଙ୍କଟ ଯୋଗୁଁ ସପ୍ଲାଇ ଚେନ୍ ବ୍ୟବସ୍ଥା ବିଘ୍ନିତ ହେବାର ଆଶଙ୍କା ଦେଖାଦେଇଛି। ପରିବହନ ବିଳମ୍ବ ଯୋଗୁଁ ଷ୍ଟିଲ ଶିଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ଯୋଗାଣ ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହା ଦୀର୍ଘସ୍ଥାୟୀ ହେଲେ ଅଞ୍ଚଳର ଶିଳ୍ପ ଓ ବାଣିଜ୍ୟିକ କାର୍ଯ୍ୟକଳାପ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ ବୋଲି ବ୍ୟବସାୟୀ ମହଲରେ ଚିନ୍ତା ପ୍ରକାଶ ପାଇଛି।

ଜଣେ ଚାଳକ କହିଛନ୍ତି, "ଡିଜେଲ ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନରେ ଅପେକ୍ଷା କରିବାକୁ ପଡୁଛି। ଫଳରେ ଗାଡ଼ି ଚଳାଚଳ କମିଯାଉଛି ଏବଂ ଆମର ଦୈନିକ ରୋଜଗାର ଗୁରୁତର ଭାବେ ପ୍ରଭାବିତ ହେଉଛି।"

ଏନେଇ ସ୍ଥାନୀୟ ପ୍ରଶାସନ କହିଛି ଯେ ଡିଜେଲ ଯୋଗାଣରେ ସୃଷ୍ଟି ହୋଇଥିବା ସମସ୍ୟା ଅସ୍ଥାୟୀ ଏବଂ ଖୁବଶୀଘ୍ର ପରିସ୍ଥିତି ସ୍ୱାଭାବିକ ହେବ। ପ୍ରଶାସନ ପକ୍ଷରୁ ଡିଜେଲ ଯୋଗାଣ ବ୍ୟବସ୍ଥା ସୁଚାରୁ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା

## ଅସ୍ତରଙ୍ଗ ପୁଲିସ କାର୍ଯ୍ୟକୁ ନେଇ ପ୍ରଶ୍ନ

# ବଢୁଛି ଚୋରି ଓ ନିଶା କାରବାର, ହେଉନି ରାତି ପାଟ୍ରୋଲିଂ

କାକଟପୁର/ଅସ୍ତରଙ୍ଗ,୯।୬(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ମନ୍ଦିର ଚୋରି, ନିଶା କାରବାର, ବାଇକ୍ ଲୁଟ୍ ଭଳି ଘଟଣା ଦିନକୁ ଦିନ ବଢୁଥିବା ବେଳେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି ବୋଲି ଅଭିଯୋଗ ହେଉଛି।

ଅସ୍ତରଙ୍ଗ ବ୍ଲକ ଅଂଚଳରେ ସ୍ପର୍ଶକାତର ଅଞ୍ଚଳରେ ରାତି ୧୦ଟାରୁ ସକାଳ ୬ଟା ଯାଏଁ ପିସିଆର୍ ଭ୍ୟାନ ଓ ବିଟ୍ ପାଟ୍ରୋଲିଂ ହେବା କଥା। ହେଲେ ଭେଡ଼ାଭନ୍ଦ, ଆଙ୍କୁଅ, କୁଅଁରପୁର ଭଳି ଅନେକ ସ୍ଥାନରେ ଏଭଳି ଚୋରିପ୍ରବଣ ଗାଁରେ ସପ୍ତାହେ ହେଲା ପୋଲିସ ଭ୍ୟାନ ଦେଖିବାକୁ ମିଳୁନି। ଫଳରେ ରାତି ଅଧରେ ମନ୍ଦିର ତାଲା ଭାଙ୍ଗି ଲୁଟ୍ ହେଉଛି, ପରିତ୍ୟକ୍ତ ଘରେ ଚାଲିଛି ନିଶା ଶକ୍ତ ଯୁବକଙ୍କ ଆଡ୍ଡା।

ପୁଲିସ ଉପରୁ ଭରସା ତୁଟିଯିବାରୁ ଅନେକ ଗାଁରେ ଲୋକେ ପାଳି କରି ନିଜେ ରାତି ଜଗୁଛନ୍ତି। ଭେଡ଼ାଭନ୍ଦର ଗ୍ରାମବାସୀ କହିଛନ୍ତି, "୬ମାସକରେ ୧୦ରୁ ଅଧିକ ଥର ଚୋରି ହେଲାଣି। ପାଟ୍ରୋଲିଂ ଗାଡି ଆସୁଥିଲେ ଚୋର ଏତେ ସାହସ କରନ୍ତେ କି?

ପ୍ରତି ବିଟ୍‌ରେ ଜଣେ ଏଏସଆଇ ଓ ଦୁଇଜଣ କନଷ୍ଟେବଳ ନିୟୋଜିତ ହେବା କଥା। ହେଲେ ଅଧିକାଂଶ ବିଟ୍ ଅଫିସର ଥାନାରୁ ବାହାରୁନାହାନ୍ତି ବୋଲି ଅଭିଯୋଗ। ସ୍ଥାନୀୟ ଦୋକାନୀ କହିଛନ୍ତି, "ଦିନରେ ଥରେ ଗାଡି ଆସି ବଜାର ବୁଲି ଚାଲିଯାଉଛି। ରାତିରେ କାହାକୁ ଦେଖିବାକୁ ମିଳୁନି।"

ଏ ନେଇ ନିମାପଡା ଉପଖଣ୍ଡ ଅଧିକାରୀ କହିଛନ୍ତି, ଆମେ ନିୟମିତ ପାଟ୍ରୋଲିଂ କରୁଛୁ। ସ୍ପର୍ଶକାତର ସ୍ଥାନରେ ଅଧିକ ନଜର ଦିଆଯିବ।"

## ଆକ୍ସନ ମୋଡ୍‌ରେ ଘଷିପୁରା ତହସିଲ

# ବାଲିପାଳରେ ଜବରଦଖଲ ଉଚ୍ଛେଦ



ଆନନ୍ଦପୁର,୯।୬(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଷିପୁରା ତହସିଲ ପ୍ରଶାସନ ଜବରଦଖଲ ଉଚ୍ଛେଦକୁ ନେଇ ଆକ୍ସନ ମୋଡ଼ରେ ଥିବା ବେଳେ ଆଜି ରାଧିକାଦେଇପୁର ଆର୍.ଆଇ. ସର୍କଲ ଅନ୍ତର୍ଗତ ବାଲିପାଳ ମୌଜାରେ ରାସ୍ତା କିସମ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ, ବାଲିପାଳ ମୌଜାର ୬୭୬ ନମ୍ବର ପ୍ଲଟ ରାସ୍ତା କିସମ ଭାବେ ରେକର୍ଡଭୁକ୍ତ ରହିଛି। ହେଲେ କିଛି ବ୍ୟକ୍ତି ସିମେଣ୍ଟ ଖୁଣ୍ଟି ପୋତି ଦୀର୍ଘ ଦିନ ଧରି ଏହି ସରକାରୀ ଜମିକୁ ଅବରୋଧ କରି ରଖିଥିବା ଅଭିଯୋଗ ହୋଇଥିଲା। ଏହା ଫଳରେ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଘଷିପୁରା ତହସିଲରେ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗର ଯାଞ୍ଚ ପରେ ତହସିଲ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଜି ଘଷିପୁରା ତହସିଲ କର୍ମଚାରୀ ଓ ପୋଲିସ ବାହିନୀଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାର ସହ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଛି ।। ରାସ୍ତା କିସମ ଜମିରେ ପୋତାଯାଇଥିବା ସିମେଣ୍ଟ ଖୁଣ୍ଟି ଓ ଅନ୍ୟାନ୍ୟ ଅବରୋଧକୁ ହଟାଇ ଜମିକୁ ମୁକ୍ତ କରାଯାଇଛି। ତହସିଲ ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପରେ ଅଞ୍ଚଳର ଅନ୍ୟ ଜବରଦଖଲକାରୀଙ୍କ ମଧ୍ୟରେ ଛନକା ପସିଥିବା ଚର୍ଚ୍ଚା ହେଉଛି। ସରକାରୀ ଜମି ଜବରଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ଘଷିପୁରା ତହସିଲ ପକ୍ଷରୁ ସୂଚନା ମିଳିଛି।

# ଭତ୍ତା ଓ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ଶୋଭାଯାତ୍ରା



ବୋରିଗୁମ୍ମା,୯।୬(ସଂଚାର ବ୍ୟୁରୋ): ରାଜ୍ୟରେ ଅତ୍ୟାବଶ୍ୟକୀୟ ଦୈନିକ ଜିନିଷର ଦରଦାମ ବୃଦ୍ଧି ପାଉଥିବା ଓ ସାରା ରାଜ୍ୟ ସମେତ ବୋରିଗୁମ୍ମା ବ୍ଲକରେ ୩ ମାସ ହେବ ବୃଦ୍ଧ ବୃଦ୍ଧାଙ୍କ ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଓ ବିଧବା ଭତ୍ତା ମିଳୁନଥିବା ବିରୁଦ୍ଧରେ ଗର୍ଜିଛି କୋରାପୁଟ ଜିଲ୍ଲା କଂଗ୍ରେସ କମିଟି। ପିସିସି ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ଉପସଭାପତି ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଆହ୍ୱାନ କ୍ରମେ ଆଜି କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ସଭାପତି ରୁପୁକ ତୁରୁକଙ୍କ ନେତୃତ୍ୱରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ, କର୍ମୀ ଓ ଜନ ପ୍ରତିନିଧିମାନେ ଟାଉନହଲ ଠାରୁ ବାହାରି ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ହୋଇଥିଲା।

ରାଜ୍ୟରେ ବିଜେପି ସରକାର ଶାସନ କ୍ଷମତାକୁ ଆସି ଦୀର୍ଘ ୨ ବର୍ଷ ବିତିଥିବା ବେଳେ ରାଜ୍ୟ ସମେତ ଦେଶରେ ଡିଜେଲ, ପେଟ୍ରୋଲ ଓ ଗ୍ୟାସର ଅହେତୁକ ଦର ବୃଦ୍ଧିକୁ ସହ୍ୟ କରିପାରୁ ନାହାଁନ୍ତି ଖଟିଖିଆ ମୁଲିଆ ଓ ସାଧାରଣ ଜନତା। ବ୍ଲକରେ ୩ ମାସ ହେବ ହିତାଧିକାରୀ ଖାତାକୁ ଭତ୍ତା ରାଶି ପ୍ରଦାନ ନହେବା ଏବଂ ଭତ୍ତା ପାଇଁ ହିତାଧିକାରୀମାନେ ପଞ୍ଚାୟତରୁ ବ୍ଲକ, ବ୍ଲକରୁ ବ୍ୟାଙ୍କକୁ ଦୌଡି ଦୌଡି ନୟାନ୍ତ ହେଲେଣି। ଶେଷରେ ଆଜି ବାଧ୍ୟ ହୋଇ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ହଜାର ହଜାର ହିତାଧିକାରୀ, ମହିଳା ଓ ସାଧାରଣ ଜନତା ବିଧାୟକ ବାହିନୀପତିଙ୍କ ଆହ୍ୱାନ କ୍ରମେ କଂଗ୍ରେସ ଶୋଭାଯାତ୍ରା ସାମିଲ ହୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଡିଓଙ୍କୁ ଘେରିଛନ୍ତି। ବିଡିଓଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସରକାର ଯଦି ତୁରନ୍ତ ପଦେକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ରାଜ୍ୟ ସାରା ବ୍ୟାପକ ଓ ତୀବ୍ର କରାଯିବ ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରତକ୍ରିୟାରେ କହିଛନ୍ତି ।

## ହିଞ୍ଜିଳି ପରିବା ବଜାରରୁ ହଟିଲା ଜବରଦଖଲ



ହିଞ୍ଜିଳିକାଟୁ, ୯।୬ (ସଂଚାର ବ୍ୟୁରୋ): ଚଉଡା ହେଲା ରାସ୍ତା, ହଟିଲା ଜବରଦଖଲ । କିଛି ଦିନ ହେବ ହିଞ୍ଜିଳିକାଟୁ - ତାରାତାରିଣୀ ରାସ୍ତାରେ ପରିବା ବଜାର ଦେଇ ଯାତାୟାତ ଏବେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲା। ଯାହାଫଳରେ ସାଧାରଣ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତାରେ ବେଆଇନ ପାର୍କିଂ ଓ ଜବରଦଖଲ ଯାତାୟତରେ ଘୋର ସମସ୍ୟା ସୃଷ୍ଟି କରୁଥିଲା । ଏନେଇ ଦୈନିକ "ସଂଚାର" ଖବର କାଗଜରେ ଦୁଇ ଦିନ ତଳେ ଉକ୍ତ ଖବର ପ୍ରକାଶିତ ହୋଇଥିଲା। ତେବେ ଖବର ପ୍ରକାଶନ ପରେ ଆଜି ସକାଳୁ ହିଞ୍ଜିଳିକାଟୁ ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ପରିବା ବଜାରରେ ପହଁଚି ତଦାରଖ କରିବା ସହ ଏନଫୋର୍ସମେଣ୍ଟ ଟିମ ଓ ସ୍ଥାନୀୟ ପୁଲିସ ଉପସ୍ଥିତିରେ ଡ୍ରେନ ଉପରେ ଓ ରାସ୍ତା ଉପରେ ବେଆଇନ ଭାବେ ଜବରଦଖଲ କରି ବ୍ୟବସାୟ କରିଥିବା ବ୍ୟବସାୟୀଙ୍କୁ ତାଗିଦ କରିବା ସହ ଜବରଦଖଲ ହଟାଇଥିଲେ । ଏଣିକି ଡ୍ରେନ ତଳକୁ ଓ ରାସ୍ତା ଉପରେ ବ୍ୟବସାୟୀ ମାନେ ଆସି ଯଦି ବ୍ୟବସାୟ କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନେଇ କହିଛନ୍ତି ପୌର ନିର୍ବାହୀ ଅଧିକାରୀ।

## ମାଲକାନଗିରି ପ୍ରଶାସନର ତ୍ୱରନ୍ତ ପଦକ୍ଷେପ

# କତାପାଲି କଲୋନୀରେ ଜଳ ସଙ୍କଟ ସମସ୍ୟାର ସମାଧାନ

ମାଲକାନଗିରି, ୯।୬ (ସଂଚାର ବ୍ୟୁରୋ): ଜନସାଧାରଣଙ୍କ ପ୍ରତିଟି ସମସ୍ୟାର ସମାଧାନ ଏବଂ ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ସଦାସର୍ବଦା ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନର ଲୋକାଭିମୁଖୀ କାର୍ଯ୍ୟଧାରାର ଆଉ ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କୋରକୁଣ୍ଡା ବ୍ଲକ ଅନ୍ତର୍ଗତ କତାପାଲି କଲୋନୀରେ। ଗ୍ରାମବାସୀଙ୍କ ଦୀର୍ଘଦିନର ପାନୀୟ ଜଳ ସମସ୍ୟାକୁ ଅତି ଗମ୍ଭୀରତାର ସହ ନେଇ ପ୍ରଶାସନ ପକ୍ଷରୁ ରେକର୍ଡ ସମୟ ମଧ୍ୟରେ ଏକ ନୂତନ ନଳକୂପ ସ୍ଥାପନ କରାଯାଇଛି, ଯାହା ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି।



ପ୍ରାୟ ୨,୦୦୦ ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏବଂ ୧୨୧ ପରିବାର ବସବାସ କରୁଥିବା ଏହି ବୃହତ ଗ୍ରାମରେ ପୂର୍ବରୁ ମାତ୍ର ୬ ଟି ନଳକୂପ ରହିଥିଲା। ଗ୍ରାମର ଜନସଂଖ୍ୟା ତୁଳନାରେ ଏହି ଉତ୍ସଗୁଡ଼ିକ ଯଥେଷ୍ଟ ନଥିବାରୁ ବିଶେଷ କରି ଗ୍ରୀଷ୍ମ ଋତୁରେ ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରାଯିବା ମାତ୍ରେ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା। ଜିଲ୍ଲାପାଳଙ୍କ ସୂଚନା ଏବଂ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଗ୍ରାମର ଭୂତଳ ଜଳ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ ସ୍ୱତନ୍ତ୍ର ବୈଷୟିକ ଦଳ ତୁରନ୍ତ କତାପାଲି କଲୋନୀ ଗସ୍ତ କରିଥିଲେ।

ସର୍ଭେ କାର୍ଯ୍ୟ ଶେଷ ହେବା ମାତ୍ରେ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ ଏକ ନୂତନ ନଳକୂପ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଶାସନର ସଠିକ୍ ପରିଚାଳନା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅତି କମ୍ ସମୟ ମଧ୍ୟରେ ଏହି ହ୍ୟାଣ୍ଡପମ୍ପଟିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରିଛି। ବର୍ତ୍ତମାନ କଲୋନୀର ସମସ୍ତ ପରିବାର ନିଜ ଘର ପାଖରେ ସ୍ୱଚ୍ଛ, ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ପାଇବା ଆରମ୍ଭ କରିଛନ୍ତି, ଯାହା ସେମାନଙ୍କର ଦୈନନ୍ଦିନ ଜୀବନଧାରଣକୁ ବହୁତ ସହଜ କରିଦେଇଛି।

ପ୍ରଶାସନ ଯେଭଳି ସକାରାତ୍ମକ ଓ ଦ୍ରୁତ ପଦକ୍ଷେପ ଗ୍ରହଣ କଲେ, ସେଥିପାଇଁ କତାପାଲି କଲୋନୀର ସମସ୍ତ ଗ୍ରାମବାସୀ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଅନ୍ତରରୁ ଅଶେଷ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ତୃତୀୟ ଶ୍ରୀକ୍ଷେତ୍ରରେ ଡିଜି ସଂଯୋଗୀକରଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି

ନୀଳଗିରି, ୯।୬ (ସଂଚାର ବ୍ୟୁରୋ): ତୃତୀୟଶ୍ରୀକ୍ଷେତ୍ର ଭାବେ ପରିଚିତ ନୀଳଗିରି ଜଗନ୍ନାଥମନ୍ଦିରରେ ଅନବରତ ବିଦ୍ୟୁତ ସରବରାହ ନିମନ୍ତେ ଏକ ଡିଜି ସଂଯୋଗୀକରଣ ଆବଶ୍ୟକତା ରହିଛି। ପ୍ରତ୍ୟହ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ସମୟରେ ଅଧିକାଂଶ ସମୟରେ ବିଦ୍ୟୁତ କାଟ ହେଉଥିବାରୁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହା ବ୍ୟତିତ ବିଦ୍ୟୁତ କାଟ୍ ଫଳରେ ମହାପ୍ରଭୁଙ୍କ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତିରେ ଅହେତୁକ ଅସୁବିଧା ଦେଖିବାକୁ ମିଳିଥାଏ। ଅସୁବିଧାକୁ ପରିଲକ୍ଷିତ କରି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ମନ୍ଦିରକୁ ଡିଜି ସଂଯୋଗୀକରଣ ନିମନ୍ତେ ଏକ ଚିଠି ଲେଖିଛନ୍ତି।

# କେବେ ସଂପୂର୍ଣ୍ଣ ହେବ ଜଗମଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ?

**ଜମିଦେଇ ଟଙ୍କା ପାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ**

**୮୯୧ ହେକ୍ଟର ଜମି ଜଳସେଚିତ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା**

**୧୬ ବର୍ଷ ପରେ ବି ଅସମ୍ପୂର୍ଣ୍ଣ**



କୋରାପୁଟ, ୯।୬ (ସଂଚାର ବ୍ୟୁରୋ): କୋରାପୁଟ ସଦର ମହକୁମା ନିକଟସ୍ଥ ଜଗମଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଦୀର୍ଘ ୧୬ ବର୍ଷ ଧରି ଅସମ୍ପୂର୍ଣ୍ଣ ରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଡ୍ୟାମ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ କେନାଲ କାର୍ଯ୍ୟ ଅଧାରେ ଅଟକି ରହିଥିବାରୁ ଜମି ଦେଇଥିବା ଚାଷୀମାନେ ଆଜି ପର୍ଯ୍ୟନ୍ତ ଜଳସେଚନର ସୁବିଧା ପାଇ ପାରୁନାହାନ୍ତି। ଏହାସହ ଅନେକ ଚାଷୀଙ୍କ ଖାତାକୁ ଜମି ଅଧିଗ୍ରହଣ ବାବଦର କ୍ଷତିପୂରଣ ରାଶି ମଧ୍ୟ ପହଞ୍ଚି ନଥିବା ଅଭିଯୋଗ ହୋଇଛି।

୨୦୦୨ ମସିହାରେ ପ୍ରାୟ ୪ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ମାଧ୍ୟମରେ ବାଗ୍ରାଗୁଡା, ମସ୍ତିପୁଟ, ବାସୁପୁଟ, ଏକଟାଗୁଡା, ଏକଡେଲୀ, ମାଛରା, ଦଳେଇଗୁଡା, ପୁଟପଣ୍ଡି, ମହାଦେଇପୁଟ, କରଞ୍ଜିଗୁଡା ଏବଂ ବଡ଼ ଚିନ୍ଦ୍ରୀ ସମେତ ୧୧ଟି ଗ୍ରାମର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବାର ଲକ୍ଷ୍ୟ ରଖାଯାଇଥିଲା। ମୋଟ ୮୯୧ ହେକ୍ଟର ଜମି ଜଳସେଚିତ କରିବା ଏହାର ଉଦ୍ଦେଶ୍ୟ ଥିଲା।

କୋରାପୁଟ କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁଙ୍କ କହିବା ଅନୁଯାୟୀ, ଡ୍ୟାମ ନିର୍ମାଣ କାର୍ଯ୍ୟ ୨୦୧୦ ମସିହାରେ ଶେଷ ହୋଇଥିଲା। କିନ୍ତୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ନହେବାରୁ କେନାଲ ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ି ପାରିନଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ ପ୍ରତିଶତ କେନାଲ ନିର୍ମାଣ କାମ ସମ୍ପନ୍ନ ହୋଇଛି। ଅନ୍ୟପଟେ ମସ୍ତିପୁଟ ଗ୍ରାମର ଚାଷୀ ପ୍ରଦୀପ୍ତ ଟାକ୍ରୀ ଅଭିଯୋଗ କରିଛନ୍ତି ଯେ, କେନାଲ ନିର୍ମାଣ ପାଇଁ ସେ ୩ ଏକର ଜମି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ଟଙ୍କା ତାଙ୍କ ଖାତାକୁ ଆସିନାହିଁ। ମସ୍ତିପୁଟ ଗ୍ରାମର ପ୍ରାୟ ୧୫ ଜଣ ଚାଷୀ ଏହି ସମସ୍ୟାର ସମ୍ମୁଖୀନ ହୋଇଥିବା ସେ କହିଛନ୍ତି। "ଆମଠାରୁ ଜମି ନେଇଗଲେ, କିନ୍ତୁ ନା ପାଣି ମିଳିଲା, ନା କ୍ଷତିପୂରଣ," ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ରେ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ, ୯।୬ (ସଂଚାର ବ୍ୟୁରୋ): ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପ ତାଙ୍କର ଗ୍ରୀନଫିଲ୍ଡ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ସ୍ଥଳରେ ବିଶ୍ୱ ପରିବେଶ ଦିବସ ୨୦୨୬କୁ ଉତ୍ସାହର ସହ ଆୟୋଜନ କଲା। ଏହି କାର୍ଯ୍ୟକ୍ରମଟି ଏହିବର୍ଷର ଗ୍ଲୋବାଲ୍ ଥିମ୍ "ପ୍ରକୃତିରୁ ପ୍ରେରିତ, ଜଳବାୟୁ ପାଇଁ, ଭବିଷ୍ୟତ ପାଇଁ" ଅନୁସରଣ କରି ଆୟୋଜିତ ହୋଇଥିଲା ଏବଂ ଏଥିରେ ସିନିଅର ମ୍ୟାନେଜମେଣ୍ଟ, କର୍ମଚାରୀ, ବ୍ୟବସାୟ ସହଯୋଗୀ ଓ ସ୍ଥାନୀୟ ହିତାଧିକାରୀମାନେ ସକ୍ରିୟ ଭାଗନେଇଥିଲେ।

ଏହି ଅବସରରେ ପରିବେଶ, ଅରଣ୍ୟ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର Mission LiFE (Lifestyle for Environment) ପଦକ୍ଷେପ ଓ ଜାତୀୟ ଅଭିଯାନ "ଏକ ପେଡ୍ ମାଆ କେ ନାମ" ଅଧୀନରେ ବୃହତ ପରିମାଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ପ୍ରକଳ୍ପ ଅଞ୍ଚଳରେ ଗଛ ଲଗାଇ ପରିବେଶ ସୁରକ୍ଷା ଓ ସସ୍ଥାୟୀ ଉନ୍ନତି ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଧାନ ଅତିଥି ଭାବେ ପାରାଦୀପର ଅଞ୍ଚଳୀୟ କାର୍ଯ୍ୟାଳୟର ଇନ୍‌ଚାର୍ଜ ବିବେଚିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସେ ତାଙ୍କର ଅଭିଭାଷଣରେ ପ୍ରତ୍ୟେକ ନାଗରିକଙ୍କ ପରିବେଶ ସୁରକ୍ଷା ପ୍ରତି ସମୂହିକ ଦାୟିତ୍ୱ ଉଲ୍ଲେଖ କରିଥିଲେ ଏବଂ ଏକ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଓ ସବୁଜ ଭବିଷ୍ୟତ ନିମନ୍ତେ ସସ୍ଥାୟୀ ଜୀବନଶୈଳୀ ଆପଣାଇବାର ଆବଶ୍ୟକତାକୁ ଉନ୍ମୋଚନ କରିଥିଲେ। ସେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଦ୍ୱାରା ପ୍ରକଳ୍ପ ଉନ୍ନତି ସମୟରେ ଗ୍ରହଣ କରାଯାଇଥିବା ପରିବେଶମୂଳକ ପଦକ୍ଷେପମାନଙ୍କୁ ପ୍ରଶଂସା କରିଥିଲେ ଓ କମ୍ପାନୀର ପରିବେଶ ସୁରକ୍ଷା ପ୍ରତି ସଙ୍କଳ୍ପବଦ୍ଧତା ଉପରେ ସନ୍ତୋଷ ପ୍ରକାଶ କରିଥିଲେ।

ଏହି ଅବସରକୁ ଅଧିକ ସ୍ମରଣୀୟ କରିବା ପାଇଁ ରଚନା ଲେଖନ, ପୋଷ୍ଟର ନିର୍ମାଣ ଓ ଗ୍ରୁପ୍ ଡିସକସନ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା, ଯାହା ପରିବେଶ ସଚେତନତାକୁ ବଢ଼ାଇବାରେ ସାହାଯ୍ୟ କରିଥିଲା। ପ୍ରଧାନ ଅତିଥି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ ଏବଂ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରସାରଣରେ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।

ଏହି ସବୁଜ ପଦକ୍ଷେପକୁ ଆହୁରି ସୁଦୃଢ଼ କରିବା ପାଇଁ କର୍ମଚାରୀମାନଙ୍କୁ ଇଣ୍ଡୋର ପ୍ଲାଣ୍ଟ ବଣ୍ଟନ କରାଯାଇଥିଲା, ଯାହା ଏକ ସବୁଜ ଓ ସ୍ୱାସ୍ଥ୍ୟକର କାର୍ଯ୍ୟସ୍ଥଳ ସୃଷ୍ଟିକୁ ଉତ୍ସାହିତ କରେ। ଏହି ଉଦ୍‌ଯାପନା ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ପ୍ରତି କାର୍ଯ୍ୟକଳାପ ଓ ସସ୍ଥାୟୀ ଶିଳ୍ପ ଉନ୍ନତି ପ୍ରତି ଅତୁଟ ସମର୍ପଣକୁ ପ୍ରକାଶ କରିଥିଲା, ଯାହା ଆଗାମୀ ପିଢ଼ି ପାଇଁ ଗୋଟିଏ ସବୁଜ ଭବିଷ୍ୟତ ଗଢ଼ିବାର ଦୃଷ୍ଟିକୋଣକୁ ମଜବୁତ କରେ।

**କ୍ୟାମ୍ପସ୍ ପ୍ରତିଷ୍ଠା କରିବେ ବିଶ୍ୱର ୩ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ**

# ବିଶ୍ୱ ଜ୍ଞାନର କେନ୍ଦ୍ରବିନ୍ଦୁ ହେବ ଭାରତ: ଧର୍ମେନ୍ଦ୍ର



## ଏନ୍‌ଇପିରେ ଭାରତୀୟ ଶିକ୍ଷା ବ୍ୟବସ୍ଥାର ବୈଶ୍ୱିକରଣ ଦିଗରେ ସଫଳତା

ନୂଆଦିଲ୍ଲୀ,୯।୬: ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଅନ୍ତର୍ଗତ ଭାରତୀୟ ଶିକ୍ଷା ବ୍ୟବସ୍ଥାର ବୈଶ୍ୱିକରଣ ଦିଗରେ ଏକ ଐତିହାସିକ ସଫଳତା ମିଳିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶ୍ୱର ତିନୋଟି ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଯଥା ୟୁନିଭର୍ସିଟି ଅଫ୍ ୟର୍କ, ୟୁନିଭର୍ସିଟି ଅଫ୍ ବ୍ରିଷ୍ଟଲ, ୟୁକେ ଏବଂ ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ୍ ୱେଲ୍ସ, ଅଷ୍ଟ୍ରେଲିଆକୁ ଭାରତରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଆନୁଷ୍ଠାନିକ ଭାବେ 'ଲେଟର ଅଫ୍ ଆପ୍ରୁଭାଲ୍' ହସ୍ତାନ୍ତର କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ପ୍ରଣୀତ ଏନ୍‌ଇପିର ଦୂରଦୃଷ୍ଟିକୁ ସାକାର କରି ଭାରତ ଆଜି ବିଶ୍ୱର ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିଜ ଆଡ଼କୁ ଆକର୍ଷିତ କରୁଛି। ଏହି ବିଶ୍ୱସ୍ତରୀୟ ସହଭାଗିତା ଆମର ଆଗାମୀ ପିଢ଼ିର ଗବେଷକ, ଶିକ୍ଷାବିତ୍ ଓ ନବସୃଜନକାରୀମାନଙ୍କୁ ଏକ ନୂଆ ଦିଗ୍‌ଦର୍ଶନ ଦେବ। ଏହି ୩ଟି ପ୍ରତିଷ୍ଠିତ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଭାରତୀୟ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ିହେବା ଫଳରେ ଭାରତୀୟ ଛାତ୍ରଛାତ୍ରୀମାନେ ଦେଶରେ ରହି ବିଶ୍ୱସ୍ତରୀୟ ଶିକ୍ଷା ଗ୍ରହଣ କରିପାରିବେ।

ଏହି ଅନୁଷ୍ଠାନଗୁଡ଼ିକ ନିଜର ବୈଜ୍ଞାନିକ ଅନୁସନ୍ଧାନ, ଆନ୍ତଃ-ଶୃଙ୍ଖଳିତ ଶିକ୍ଷା ଓ ଏକାଡେମିକ ଦକ୍ଷତା ମାଧ୍ୟମରେ ଭାରତର ଶିକ୍ଷା ଓ ଶିଳ୍ପ ଜଗତ ସହ ମିଶି ଦୃଢ଼ ସହଯୋଗ ସ୍ଥାପନ କରିବେ। ଏହି ପଦକ୍ଷେପ ଭାରତକୁ ବିଶ୍ୱର ଏକ ପ୍ରମୁଖ ଜ୍ଞାନ, ଶିକ୍ଷା ଓ ଇନୋଭେସନ ହବ୍ ଭାବରେ ପ୍ରତିଷ୍ଠିତ କରିବାରେ ସହାୟକ ହେବ। ଶିକ୍ଷା ମନ୍ତ୍ରଣାଳୟ ଏହି ସମସ୍ତ ଗ୍ଲୋବାଲ୍ ପାର୍ଟନରସିପ୍‌କୁ ସ୍ୱାଗତ କରିବା ସହ ଭାରତରେ ଶିକ୍ଷାର ମାନକୁ ଆହୁରି ସମୃଦ୍ଧ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ବ୍ରିଟିଶ୍ ହାଇକମିଶନର ଲିଣ୍ଡି କ୍ୟାମେରନ୍, ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ବରିଷ୍ଠ ପଦାଧିକାରୀ, ଅଷ୍ଟ୍ରେଲିଆ ଓ ବ୍ରିଟିଶ ହାଇକମିଶନର ପ୍ରତିନିଧି ଏବଂ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରଥଯାତ୍ରା ପୂର୍ବରୁ ପୁରୀରେ ଜବରଦଖଲ ଉଚ୍ଛେଦ

**ଡାକ୍ତରଖାନା ଛକରୁ ଅଠରନଳା ହଟିଲା ଅବରୋଧ**



ପୁରୀ,୯।୬(ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପୁରୀରେ ଜବରଦଖଲ ଉଚ୍ଛେଦ ହୋଇଛି। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ଅଠରନଳା ନିକଟରେ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିବା ବେଳେ ବାଟଗାଁଠାରୁ ହସ୍ପିଟାଲ ଛକ ସମ୍ପ୍ରସାରଣ ପାଇଁ ଏହି ଉଚ୍ଛେଦ ଅଭିଯାନ କରାଯାଉଛି। ମାଜିଷ୍ଟ୍ରେଟଙ୍କ ସହ ୪ ପ୍ଲାଟୁନ ଫୋର୍ସ, ଅଗ୍ନିଶମ ବିଭାଗ ,ବିଦ୍ୟୁତ୍ ବିଭାଗ ଅଧିକାରୀ ଏହି ଉଚ୍ଛେଦ ଅଭିଯାନରେ ସାମିଲ୍ ହୋଇଛନ୍ତି। ଗତ ୨୦୨୩ରୁ ବାଟ ଗାଁ ଛକଠାରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଚାରି ଲେନ ରାସ୍ତା ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ଉଚ୍ଛେଦ ଅଭିଯାନ କରାଯାଇ ପ୍ରାୟ ୯୮ ପ୍ରତିଶତ ଜମି ଅଧିଗ୍ରହଣ ହୋଇସାରିଛି। ଗତ ୨୦୧୫ ନବକଳେବର ସମୟରେ ପୁରୀରୁ ଭୁବନେଶ୍ୱର ୪ ଲେନ ରାସ୍ତା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ହସ୍ପିଟାଲ ଛକରୁ ବାଟ ଗାଁ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ହୋଇ ପାରି ନ ଥିଲା। ଏହି ପ୍ରକଳ୍ପ ପାଇଁ ୧୧ଟି ମୌଜାର ୬ ଏକର ଜମି ଅଧିଗ୍ରହଣ ପାଇଁ ଲକ୍ଷ୍ୟ ରହିଥିଲା। ବାଟ ଗାଁଠାରୁ ମେଡିକାଲ ଛକ ଯାଏଁ ହେବାକୁ ଥିବା ୪ ଲେନ୍ ରାସ୍ତା ପାଇଁ ୧୧ଟି ମୌଜାର ୫ ଏକର ଘରୋଇ ଜମି ସହ ୧ ଏକର ସରକାରୀ ଜାଗା ଅଧିଗ୍ରହଣ କରାଯାଇଛି। ଡାକ୍ତରଖାନା ଛକଠାରୁ ଅଠରନଳା ପର୍ଯ୍ୟନ୍ତ ୨୪ ମିଟର ଓ ଅଠରନଳାଠାରୁ ବାଟ ଗାଁ ଛକ ପର୍ଯ୍ୟନ୍ତ ୨୨ ମିଟର ପ୍ରଶସ୍ତ ରାସ୍ତା କରିବା ନେଇ ଯୋଜନା ରହିଛି। ତେବେ ଏନେଇ କେତେକ ଜମି ମାଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରାଜ୍ୟ ସରକାରଙ୍କ ସପକ୍ଷରେ ରାୟ ଦେବା ପରେ ଅବଶିଷ୍ଟ ୧୧ଟି ପ୍ଲଟ ଓ ୬ଟି ମନ୍ଦିରର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୨/୩ ଦିନ ମଧ୍ୟରେ ଅବଶିଷ୍ଟ ଜମି ଉଚ୍ଛେଦ ହୋଇ ଅଧିଗ୍ରହଣ ପରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଭୂ-ଅର୍ଜନ ଅଧିକାରୀ କହିଛନ୍ତି।



# ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୩ ଯୁବତୀଙ୍କୁ ଅପହରଣ ଉଦ୍ୟମ

**ଉଦ୍ଧାର କରି ପୁଲିସ୍ ଜିମା ଦେଲେ ସୁରକ୍ଷାକର୍ମୀ**

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ରାଜଧାନୀରେ ଚାଞ୍ଚଲ୍ୟ। ସ୍ଥାନୀୟ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଜଣେକ ନାବାଳିକାଙ୍କ ସମେତ ମୋଟ ୩ ଯୁବତୀଙ୍କୁ ଅପହରଣ ପାଇଁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଗତକାଲି ରାତିରେ ଏକ ଆଶ୍ରମ ସହ ଜଡ଼ିତ କେତେକ ଏନଜିଓ କର୍ମଚାରୀ ଏହି ଯୁବତୀମାନଙ୍କୁ ଜିଲ୍ଲା ବାହାରକୁ ଚାଲାଣ କରିବା ସକାଶେ ଉଦ୍ୟମ କରୁଥିବା ଘଟଣା ସାମ୍ନାକୁ ଆସିଛି। ଭୟଭୀତ ଅବସ୍ଥାରେ ଯୁବତୀମାନେ ଦୌଡ଼ି ଦୌଡ଼ି ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ନିଜକୁ ବଞ୍ଚାଇବା ପାଇଁ ସେମାନେ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗଳି ଓ ବସ ତଳେ ଲୁଚିଯାଇଥିଲେ। ସେହି ସମୟରେ ସମ୍ପୃକ୍ତ ଏନଜିଓର କେତେକ ମହିଳା କର୍ମଚାରୀ ସେମାନଙ୍କ ପିଛା କରୁଥିବା ଦେଖାଯାଇଥିଲା। ତେବେ ଏହି ଦୃଶ୍ୟ ଦେଖି ବସ୍‌ଷ୍ଟାଣ୍ଡର ସୁରକ୍ଷାକର୍ମୀମାନେ ଏଥିରେ ହସ୍ତକ୍ଷେପ କରି ଉକ୍ତ ଯୁବତୀମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ଯୁବତୀମାନେ ସେମାନଙ୍କ ଇଚ୍ଛା ବିରୋଧରେ ସେମାନଙ୍କୁ ନିଆଯାଉଥିବା କହିଛନ୍ତି। ପରେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଫାଣ୍ଡି ପୁଲିସ ଜିମା ଦେଇଥିଲେ। ପୁଲିସ ଉକ୍ତ ଯୁବତୀମାନଙ୍କୁ ପଚରାଉଚରା କରିବା ପରେ ସର୍ଟଷ୍ଟେ ହୋମରେ ରଖିଥିବା ବେଳେ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରିଥିବା ଜଣାପଡ଼ିଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

● ରଥଖଳାରେ ଅଘଟଣ

## ହୃଦ୍‌ଘାତରେ ଭୋଇ ସେବକଙ୍କ ମୃତ୍ୟୁ

ପୁରୀ,୯।୬(ସଂଚାର ବ୍ୟୁରୋ): ରଥ ଖଳାରୁ ଆସିଛି ଏକ ଦୁଃଖଦ ଖବର। ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଜଣେ ଭୋଇ ସେବକଙ୍କ ଅକାଳ ବିୟୋଗ ଘଟିଛି। ହୃଦ୍‌ଘାତରେ ଆଖି ବୁଜିଛନ୍ତି ତାଳଧ୍ୱଜ ରଥର ଭୋଇ ସେବକ ଧୋବା ଭୋଇ। ଏହି ଘଟଣା ପରେ ରଥଖଳାରେ ନିୟୋଜିତ ଥିବା ସେବାୟତଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଏହି ଅଘଟଣ ପରେ କିଛି ସମୟ ପାଇଁ ରଥଖଳା କାମ ଅଟକି ରହିଥିଲା।

ମିଳିଥିବା ସୂଚନାନୁଯାୟୀ, ଆଜି ସକାଳେ ଭୋଇ ସେବକ ଧୋବା ଭୋଇ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ସହ ରଥ କାମରେ ନିୟୋଜିତ ଥିବା ସେବକମାନେ ତାଙ୍କୁ ତୁରନ୍ତ ପ୍ରଥମେ ପୁରୀ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ହସ୍ପିଟାଲ୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଖବର ପାଇବା ପରେ ପୁରୀ ଜିଲ୍ଲାପାଳ ରଥଖଳାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଭୋଇ ସେବକଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ମୃତ ଧୋବାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ କରାଯିବ ବୋଲି ମଧ୍ୟ ଜିଲ୍ଲାପାଳ କହିଛନ୍ତି।

**ଏମଭି କନଷ୍ଟେବଲଙ୍କ ଜୀବନ ହାରିବା ଉଦ୍ୟମ**

## ବୟାନରେ ପତ୍ନୀ ଓ ଶାଳକ ପୋଡ଼ିଥିବା ଅଭିଯୋଗ




ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ଏମଭି କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆ ଜୀବନ ହାରିବା ଉଦ୍ୟମ ଘଟଣାରେ ଆଜି ପୁଲିସ୍ ବୟାନ ରେକର୍ଡ କରିଛି। ଭୁବନେଶ୍ୱର ଏମ୍ସରେ ଇ-ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରିଛି ବ୍ରହ୍ମପୁର ପୁଲିସ। ଘଟଣାବଳୀର ସମ୍ପୂର୍ଣ୍ଣ ବିବରଣୀ ଦେଇଛନ୍ତି ଆଶୁତୋଷ। ତାଙ୍କ ପତ୍ନୀ ଓ ପତ୍ନୀଙ୍କ ଭାଇ ହିଁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଆଶୁତୋଷ ତାଙ୍କ ବୟାନରେ କହିଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏମ୍ସର ବର୍ଣ୍ଣ ୱାର୍ଡରେ ଚିକିତ୍ସା କରାଯାଉଛି। ତେବେ ଗତ ୫ ତାରିଖ ସନ୍ଧ୍ୟାରେ ବିଜିପୁର ପୁଲିସ କଲୋନୀରେ ଥିବା ସନ୍ଧ୍ୟାଙ୍କ କ୍ୱାର୍ଟର୍ସକୁ ଆଶୁତୋଷ ଯାଇଥିଲେ। ସେଠାରେ ସନ୍ଧ୍ୟା ଓ ତାଙ୍କ ଭାଇ ହଠାତ ଆଶୁତୋଷଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଜକୁ ବଞ୍ଚାଇବାକୁ ଯାଇ ଆଶୁତୋଷ ନିକଟରେ ଥିବା ଅନ୍ୟ ଏକ କ୍ୱାର୍ଟର୍ସରେ ପଶିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କ ଶରୀରରେ ପାଣି ଢାଳି ତାଙ୍କୁ ସୁରକ୍ଷା ଦେଇଥିଲେ। ତେବେ ଆଶୁତୋଷଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତ ଜଳିଯାଇଥିବା ଜଣାପଡ଼ିଛି।

## ଓଲଟିଲା କାର୍: ବର୍ତ୍ତିଗଲେ ଶିକ୍ଷୟିତ୍ରୀ



ଦିଗପହଣ୍ଡି,୯।୬(ସଂଚାର ବ୍ୟୁରୋ): ଗଞ୍ଜାମ- ଗଜପତି ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଘାଟି ରାସ୍ତାର ବେଲଗଡ଼ ଗ୍ରାମ ନିକଟ ବୁଲାଣିରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଏକ କାର (ନଂ.ଓଆର୦୫ଏଏନ ୨୧୭୩) ଓଲଟି ପଡ଼ିଛି। ତେବେ ଏଥିରେ ଜଣେ ଶିକ୍ଷୟିତ୍ରୀ ମରଣ ମୁହଁରୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଶିକ୍ଷୟିତ୍ରୀ ଜଣଙ୍କ ହେଲେ ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମର ଦୀନବନ୍ଧୁ ପ୍ରଧାନଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ। ସନ୍ଧ୍ୟାରାଣୀ ଗଜପତି ଜିଲ୍ଲା ମୋହନା ବ୍ଲକ କିରିମା ଗ୍ରାମସ୍ଥିତ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ସମ୍ପ୍ରତି ଗ୍ରୀଷ୍ମ ଛୁଟି ଯୋଗୁଁ ସ୍କୁଲ ବନ୍ଦ ଥିବା ବେଳେ ରୋଷ୍ଟର ଡ୍ୟୁଟି ସାରି ସେ ଫାସିଗୁଡ଼ା ଗ୍ରାମକୁ ଫେରୁଥିବା ସମୟରେ ଦୁର୍ଘଟଣାଟି ଘଟିଥିଲା। ତେବେ ଏହି ଦୁର୍ଘଟଣାରେ ସେ ସାମାନ୍ୟ ଆହାତ ହୋଇଛନ୍ତି। କାର୍ ଓଲଟିପଡ଼ିବା ସମୟରେ ସେ ସାହସର ସହ ଡୋର ଖୋଲି ବାହାରକୁ ଚାଲିଆସିଥିଲେ। ପରେ ରାସ୍ତାରେ ଯା'ଆସ କରୁଥିବା କେତେକ ଲୋକ ସାନଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଶିକ୍ଷୟିତ୍ରୀଙ୍କୁ ପୋଡ଼ାମାରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସନ୍ଧ୍ୟାରାଣୀଙ୍କୁ ଛାଡ଼ି ଦିଆଯାଇଛି। ଖବର ପାଇ ପାଟପୁର ଥାନା ପୋଡ଼ାମାରି ଫାଣ୍ଡି ଅଧିକାରୀ ପ୍ରଭାତ କୁମାର ବାଲିକାନା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

## ଜୀବିତ ଦାଦାଙ୍କୁ ମୃତ ଦର୍ଶାଇ ଜମି ହଡ଼ପ



ରାୟଗଡ଼ା,୯।୬(ସଂଚାର ବ୍ୟୁରୋ): ଜୀବିତ ଦାଦାଙ୍କୁ ମୃତ ଦର୍ଶାଇ ଜମି ହଡ଼ପ କରିଛନ୍ତି ପୁତୁରା। ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ ତଳପଡ଼ିଖାଲ ଗାଁରେ ଏଭଳି ଏକ ଘଟଣା ଘଟିଛି। ଯାହାଙ୍କୁ ମୃତ ଦର୍ଶାଯାଇଛି ସେ ଏବେ ଜୀବିତ ଥିବାରୁ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ତଳପଡ଼ିଖାଲ ଗାଁର ସାନି ମାଝୀ ଗତ ୨୦୨୪ରେ ନିଜ ଦାଦା ଦିଉଡୁ ମାଝୀଙ୍କୁ ମୃତ ଦର୍ଶାଇ ତାଙ୍କ ଜମିକୁ ହଡ଼ପ୍ କରିଥିଲେ। ଏଥିରେ ତତ୍କାଳୀନ ରାଜସ୍ୱ ଇନ୍ସପେକ୍ଟର ସହାୟତା କରିଥିବା ଅଭିଯୋଗ ହୋଇଛି। ଆରଆଇଙ୍କ ସହାୟତାରେ ସାନୀ ତଞ୍ଚକତା କରି ନିଜ ନାମରେ ଉକ୍ତ ଜମିର ପଟ୍ଟା କରାଇନେଇଥିଲେ। ତେବେ ଘଟଣା ସାମ୍ନାକୁ ଆସିବା ପରେ ଉଭୟ ଦାଦା ଓ ପୁତୁରାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଗତ ଦେଢ଼ ବର୍ଷ ହେବ ଦାଦା ଦିଉଡୁଙ୍କୁ ପୁତୁରା ସାନି ଜମିରେ ପ୍ରବେଶ କରିବାକୁ ବି ଦେଉନାହାନ୍ତି। ତେଣୁ ବାଧ୍ୟ ହୋଇ ଦିଉଡୁ ତହସିଲ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କାଗଜପତ୍ରରେ ତାଙ୍କୁ ତାଙ୍କୁ ମାରିଦିଆଯାଇ ତାଙ୍କ ଜମି ହଡ଼ପ କରିନେଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ କାଶୀପୁର ତହସିଲଦାରଙ୍କ ନିକଟରେ ସେ ନ୍ୟାୟ ଦାବି କରିଛନ୍ତି। ତାଙ୍କ ତାଙ୍କ ଜମି ଫେରାଇବା ସହ ଭୁଲ୍ ରିପୋର୍ଟ ଦେଇଥିବା ଆରଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ବାଲିକୁଦାରେ ଚାଞ୍ଚଲ୍ୟ

## ପ୍ରେମ ବିବାହର ଚାରି ମାସରେ ନବବଧୂ ମୃତ



**ରହସ୍ୟ ଘେରରେ ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ**

ବାଲିକୁଦା,୯।୬(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଘଟିଥିବା ଜଣେ ନବବଧୂଙ୍କ ଅଗ୍ନିଦଗ୍ଧ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ପ୍ରେମ ବିବାହର ମାତ୍ର ୪ ମାସ ପରେ ଏଭଳି ଦୁଃଖଦ ପରିଣତି ଅନେକ ପ୍ରଶ୍ନ ସୃଷ୍ଟି କରିଥିବା ବେଳେ ଘଟଣାର ପ୍ରକୃତ କାରଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୃତା ଶୁଭଲକ୍ଷ୍ମୀ ଦାସ ଜଗତସିଂହପୁର ବ୍ଲକ୍ ମୁଦୁପୁର ପଞ୍ଚାୟତର ଦୈତାରୀ ଦାସଙ୍କ ଝିଅ ହୋଇଥିବା ବେଳେ ସେ ନରସିଂହପୁର ଗ୍ରାମର ଅରୁଣ ସାମଲଙ୍କ ପୁଅ ପ୍ରକାଶଙ୍କୁ ଗତ ଫେବ୍ରୁଆରୀ ୨୫ରେ ପ୍ରେମ ବିବାହ କରିଥିଲେ। କିନ୍ତୁ ବିବାହକୁ ୪ ମାସ ବି ପୂରିନଥିବା ବେଳେ ଶୁଭଲକ୍ଷ୍ମୀଙ୍କ ରହସ୍ୟଜନକ ମୃତ୍ୟୁ ସମସ୍ତଙ୍କୁ ଦୋହଲାଇଦେଇଛି।

ମିଳିଥିବା ସୂଚନାନୁଯାୟୀ, ଗତକାଲି ସକାଳ ପ୍ରାୟ ୭ଟା ସମୟରେ ଘରର ଅନ୍ୟ ସଦସ୍ୟମାନେ ନିଜ ନିଜ କାମରେ ବାହାରକୁ ଯାଇଥିବା ବେଳେ ହଠାତ୍ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀ ଆତଙ୍କିତ ହୋଇପଡ଼ିଥିଲେ। ସେମାନେ ତୁରନ୍ତ କବାଟ ଖୋଲିବାକୁ ଚେଷ୍ଟା କରିଥିଲେ ହେଁ ସେତେବେଳକୁ ଶୁଭଲକ୍ଷ୍ମୀଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ପୋଡ଼ିଯାଇଥିଲା। ପଡ଼ୋଶୀମାନେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବାଲିକୁଦା ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଡାକ୍ତରମାନେ ତୁରନ୍ତ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସମସ୍ତ ପ୍ରୟାସ ସତ୍ତ୍ୱେ ଶୁଭଲକ୍ଷ୍ମୀଙ୍କୁ ବଞ୍ଚାଇପାରିନଥିଲା। ତେବେ ଏହି ଘଟଣାରେ ଶୁଭଲକ୍ଷ୍ମୀଙ୍କ ପରିବାର ଲୋକେ ବାଲିକୁଦା ଥାନାରେ ସେମାନଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ୨୨୭/୨୬ରେ ଏକ ମାମଲା ରୁଜୁ କରିବା ସହ ପ୍ରକାଶଙ୍କୁ ହେପାଜତକୁ ନେଇ ଅଧିକ ଖୋଳତାଡ଼ କରୁଥିବା ଜଣାପଡ଼ିଛି। ତେବେ ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଛନ୍ତି କି ଦୁର୍ଘଟଣା ଯୋଗୁଁ ମୃତ୍ୟୁବରଣ କରିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ବାଲିକୁଦା ଥାନାଧିକାରୀ କହିଛନ୍ତି।

**କୂଅ ସଫେଇ ବେଳେ ଅଘଟଣ**

## ଶ୍ୱାସରୁଦ୍ଧ ହୋଇ ଜଣେ ମୃତ, ୨ ଗୁରୁତର



ଆଳି,୯।୬(ସଂଚାର ବ୍ୟୁରୋ): କୂଅ ସଫା କରୁଥିବା ବେଳେ ଘଟିଛି ଅଘଟଣ। ଶ୍ୱାସରୁଦ୍ଧ ହୋଇ ଜଣେ ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାନପୁରପଟଣା ଗାଁରେ ଘଟିଛି ଏହି ଅଘଟଣ। ମୃତାହତମାନେ ସମସ୍ତେ ଶ୍ରମିକ ବୋଲି ଜଣାପଡ଼ିଛି। ଗାଁର ସୁକାନ୍ତ ପରିଡ଼ାଙ୍କ କୂଅ ସଫା କରିବାକୁ ଆଜି ସକାଳେ ୩ ଜଣ ଶ୍ରମିକ ଆସିଥିଲେ। ପ୍ରଥମେ ଜଣେ ଶ୍ରମିକ କୂଅ ସଫା କରିବା ସକାଶେ ଭିତରେ ପଶିଥିବା ବେଳେ କିଛି ସମୟ ପରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଏହା ଦେଖି ଅନ୍ୟ ଦୁଇ ଶ୍ରମିକ ତାଙ୍କୁ ଉଦ୍ଧାର କରିବା ସକାଶେ କୂଅ ଭିତରେ ପଶିଥିଲେ ହେଁ ସେମାନେ ମଧ୍ୟ ଅଚେତ ହୋଇପଡ଼ିଥିଲେ।

ଏହା ଦେଖି ସ୍ଥାନୀୟ ବାସିନ୍ଦା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ ୩ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ତୁରନ୍ତ ଆଳି ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଜଣେ ଶ୍ରମିକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଶ୍ରମିକମାନେ ସମ୍ପର୍କରେ ବାପ-ପୁଅ ବୋଲି ଜଣାପଡ଼ିଛି।




● ବାଂଶପାଣିରେ ଭୟଙ୍କର ଅଗ୍ନିକାଣ୍ଡ

## ଡିଜେଲ୍ ଟ୍ୟାଙ୍କର୍ ବିସ୍ଫୋରଣରେ ୪ ଗୁରୁତର

ଯୋଡ଼ା,୯।୬(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାଂଶପାଣିସ୍ଥିତ ଏକ ଗ୍ୟାରେଜରେ ଆଜି ଅପରାହ୍ନରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୱେଲ୍ଡିଂ କାମ ଚାଲିଥିବା ସମୟରେ ଡିଜେଲ୍ ବୋଝେଇ ଟ୍ୟାଙ୍କର୍‌ରେ ବିସ୍ଫୋରଣ ହେବା ଫଳରେ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଟ୍ୟାଙ୍କର୍‌ଟି ସମ୍ପୂର୍ଣ୍ଣ ଭାବେ ପୋଡ଼ି ଛାରଖାର ହୋଇଯାଇଛି।

ମିଳିଥିବା ସୂଚନାନୁସାରେ, ଅପରାହ୍ନ ପ୍ରାୟ ୪ଟା ସମୟରେ ଗ୍ୟାରେଜ ଭିତରେ ଏକ ଡିଜେଲ୍ ଟ୍ୟାଙ୍କର୍‌ର ମରାମତି ଓ ୱେଲ୍ଡିଂ କାମ ଚାଲିଥିଲା। ଏହି ସମୟରେ ଟ୍ୟାଙ୍କର୍ ଭିତରେ ଜମି ରହିଥିବା ଜ୍ୱଳନଶୀଳ ଗ୍ୟାସ୍‌ରେ ହଠାତ୍ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ଟ୍ୟାଙ୍କର୍‌ରେ ନିଆଁ ଲାଗିଯାଇ ମାତ୍ର କିଛି ମିନିଟ୍ ମଧ୍ୟରେ ଅଗ୍ନିକାଣ୍ଡ ଉଗ୍ର ରୂପ ଧାରଣ କରିଥିଲା। ଏହି ଘଟଣାରେ ଗ୍ୟାରେଜର ୩ ଜଣ କର୍ମଚାରୀ ବିନୟ ବାରିକ, ସଞ୍ଜୟ ପ୍ରଧାନ ଓ ସନ୍ତୋଷ ଲୋହାରଙ୍କ ସହ ଟ୍ୟାଙ୍କର୍ ଚାଳକ ଧରଣୀ ବେହେରା ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ମେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅଗ୍ନିଶମ ବାହିନୀ ଘଟଣାର ପ୍ରାୟ ଏକ ଘଣ୍ଟା ପରେ ପହଞ୍ଚିଥିଲେ। ସେତେବେଳକୁ ଟ୍ୟାଙ୍କର୍‌ଟି ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିଥିଲେ।

# ଛେଳି ଚରାଉଥିଲେ ମାନସ, ମୁଖ୍ୟମନ୍ତ୍ରୀ ଦେଲେ ସହାୟତା

**ମା'ଙ୍କୁ ମିଳିବ ଭତ୍ତା ଓ ଆବାସ ଘର**



କେନ୍ଦୁଝର,୯।୬ (ସଂଚାର ବ୍ୟୁରୋ): ମାନସ ଦେହୁରୀ ଏବେ ଉଚ୍ଚ କଲେଜରେ ପାଠ ପଢ଼ିବେ। ପଢ଼ିବା ପାଇଁ ସମସ୍ତ ଅଭାବକୁ ସରକାର ପୂରଣ କରିବେ। ମାନସ ଅନଲାଇନ୍ ପସନ୍ଦର କଲେଜରେ ପଢ଼ିବା ପାଇଁ କରିଥିବା ଆବେଦନକୁ ସରକାର ଗମ୍ଭୀରତାର ସହ ବିଚାର କରୁଛନ୍ତି। କେବଳ ମାନସ ନୁହଁନ୍ତି, ଗରିବ ତଥା ମେଧାବୀ ଛାତ୍ରଛାତ୍ରୀଙ୍କ ପଢ଼ିବା ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଯୋଗାଯୋଗ ଉଦ୍ୟମ କରାଯାଇଥିଲା। ମାତ୍ର ମାନସ ରହୁଥିବା ଉପାନ୍ତ ଅଞ୍ଚଳରେ ମୋବାଇଲ ନେଟୱାର୍କ ନ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପରିବାରକୁ ଆବାସ ଯୋଜନା ସହ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯିବ। ମାନସଙ୍କ ମା' ବିଧବା ଭତ୍ତା ପାଉ ନ ଥିଲେ ତାହା ତୁରନ୍ତ ମଞ୍ଜୁର କରାଯିବା ସହ ଜାତୀୟ ପରିବାର ସୁରକ୍ଷା ଯୋଜନାରେ ୨୦ ହଜାର ଟଙ୍କାର ସହାୟତା ପରିବାରକୁ ଯୋଗାଇ ଦେବା ସକାଶେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ଥାନୀୟ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାନସଙ୍କୁ ଏକ ଲ୍ୟାପଟପ୍ ମଧ୍ୟ ଦିଆଯିବ। ଏଥିସହ ହଷ୍ଟେଲରେ ରହି ପଢ଼ିବା ପାଇଁ ଆବଶ୍ୟକ ସମସ୍ତ ଅର୍ଥ ସରକାର ଯୋଗାଇ ଦେବେ ବୋଲି ସୂଚନା ମିଳିଛି। ସେହିପରି ରାଜ୍ୟପାଳ ମଧ୍ୟ ଉକ୍ତ ଖବର ଉପରେ ଗୁରୁତ୍ୱ ଦେଇଛନ୍ତି। ମେଧାବୀ ଛାତ୍ରଙ୍କ ପଢ଼ିବା ପାଇଁ ସମସ୍ତ ସହାୟତା ତୁରନ୍ତ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତକାଲି ଗଣମାଧ୍ୟମରେ ବାଂଶପାଳ ବ୍ଲକ୍ ନୟାକୋଟ ପଞ୍ଚାୟତ ସୁଡ଼ଙ୍ଗ ଗ୍ରାମର ମାନସ ଦେହୁରୀ ଯୁକ୍ତ ୨ରେ ୮୫ ପ୍ରତିଶତ ନମ୍ବର ରଖିବା ପରେ ଉଚ୍ଚ ମହାବିଦ୍ୟାଳୟରେ ପଢ଼ିବା ପାଇଁ ଛେଳି ଚରାଉଥିବା ଖବର ପ୍ରକାଶ ପାଇଥିଲା। ଏହା ଜାଣି ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମାନସ ଦେହୁରିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ସହ କେନ୍ଦୁଝର ଜିଲ୍ଲାପାଳଙ୍କୁ ଅବଗତ କରାଇ ତାଙ୍କ ଉଚ୍ଚଶିକ୍ଷା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବାଂଶପାଳ ବ୍ଲକ୍‌ର ବିଇଓ ଅନୁରାଗ ବରାଳ ଓ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ ନାଏକ ସୁଡ଼ଙ୍ଗ ଗ୍ରାମରେ ପହଞ୍ଚି ପ୍ରାଥମିକ ଅନୁସନ୍ଧାନ କରିଛନ୍ତି। ମାନସ ବାପ ଛେଉଣ୍ଡ ହୋଇଥିବାରୁ ପରିବାରରେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଆଡମିଶନ ପାଇଁ ଅର୍ଥର ଅଭାବ ରହିଥିବା ସେ କହିଛନ୍ତି। ପ୍ରଶାସନ ପକ୍ଷରୁ ମଧ୍ୟ ଆଡମିଶନ ସହ ଉଚ୍ଚଶିକ୍ଷା ପାଇଁ ସମସ୍ତ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦିଆଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ରାଜ୍ୟ ଅର୍ଥ ଆୟୋଗ

# ରିପୋର୍ଟ ଦାଖଲରେ ବିଳମ୍ବ ଚିନ୍ତା




ଭୁବନେଶ୍ୱର,୯।୬: ଆର୍ଥିକ ସମ୍ବଳକୁ ରାଜ୍ୟ ସରକାର ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ଓ ମ୍ୟୁନସିପାଲିଟିଗୁଡ଼ିକ ମଧ୍ୟରେ କିଭଳି ବଣ୍ଟାଯିବ ତାହାର ଫର୍ମୁଲା ରାଜ୍ୟ ଅର୍ଥ ଆୟୋଗ ଜଣାଇଥାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଆୟୋଗକୁ ରାଜ୍ୟଗୁଡ଼ିକ କିନ୍ତୁ ବିଶେଷ ଗୁରୁତ୍ୱ ଦେଉନଥିବା ପରିଲକ୍ଷିତ ହେଉଛି। ସେଥିପାଇଁ ଅନେକ ରାଜ୍ୟରେ ଆୟୋଗ ଗଠନ ହେଉଥିଲେ ହେଁ ରିପୋର୍ଟ ଦାଖଲରେ ହାରାହାରି ୧୬ ମାସର ବିଳମ୍ବ ହେଉଛି। କେତେକ ରାଜ୍ୟରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବିଳମ୍ବ ମଧ୍ୟ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ 'ରିପୋର୍ଟ ଅନ୍ ଡାଟାସେଟ୍ସ ଫର୍ ଷ୍ଟେଟ୍ ଫାଇନାନ୍ସ କମିସନ୍ସ' ଅନୁଯାୟୀ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଚତୁର୍ଥ ଅର୍ଥ ଆୟୋଗ ନିଜ ରିପୋର୍ଟ ଦାଖଲ କରିବାରେ ଯଥାକ୍ରମେ ୪ ବର୍ଷ ଓ ୫ ବର୍ଷ ବିଳମ୍ବ କରିଥିଲେ। ଓଡ଼ିଶାର ଚତୁର୍ଥ ଅର୍ଥ ଆୟୋଗ ନିଜ ରିପୋର୍ଟ ଦାଖଲ କରିବାରେ ୫ ମାସ ବିଳମ୍ବ କରିଥିଲେ। ୨୦୧୫-୧୬ରୁ ୨୦୧୯-୨୦ ପାଞ୍ଚ ବର୍ଷ ସମୟ ପାଇଁ ରାଜ୍ୟ ସରକାର ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ ଗଠନ କରିଥିଲେ। ଟର୍ମ ଅଫ୍ ରେଫରେନ୍ସ ଅନୁସାରେ ୨୦୧୩ ଅକ୍ଟୋବର ୩୧ରେ ଆୟୋଗଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୪ ଏପ୍ରିଲ୍ ୩୦ ସୁଦ୍ଧା ଆୟୋଗ ରିପୋର୍ଟ ଦାଖଲ କରିବାର ଥିଲା। କିନ୍ତୁ ରିପୋର୍ଟ ଦାଖଲ ୨୦୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା। ଅର୍ଥାତ ରିପୋର୍ଟ ପ୍ରସ୍ତୁତ କରିବାକୁ ଆୟୋଗ ୧୧ ମାସ ସମୟ ନେଇଥିଲେ। ରାଜ୍ୟ ଅର୍ଥ ଆୟୋଗଙ୍କ ରିପୋର୍ଟ ଦାଖଲରେ ବିଳମ୍ବ, ତଥ୍ୟର ଗୁଣାତ୍ମକ ମାନକୁ ନେଇ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ ତଥ୍ୟ ଏତେ ଦୁର୍ବଳ ରହୁଛି ଯେ ତାହାକୁ କେନ୍ଦ୍ରୀୟ ଅର୍ଥ ଆୟୋଗ ବିଚାରକୁ ନେବାକୁ ମଧ୍ୟ ଚାହୁନାହାନ୍ତି। ଅନେକ ସମୟରେ ତଥ୍ୟ ବ୍ୟବହାରଯୋଗ୍ୟ ରହୁନାହିଁ। ଆର୍ଥିକ ତଥ୍ୟ ଅସମ୍ପୂର୍ଣ୍ଣ ରହୁଛି। ବିଭିନ୍ନ ବିଭାଗ ପାଖରେ ତଥ୍ୟ ପଡ଼ିରହୁଛି। କେହି କାହାକୁ ନିଜ ତଥ୍ୟ ଦେଉନାହାନ୍ତି। ଗୋଟିଏ କିମ୍ବା ଦୁଇଟି ନୁହେଁ, ଅଧିକାଂଶ ରାଜ୍ୟରେ ଏହିଭଳି ସ୍ଥିତି। ଯେହେତୁ ରାଜ୍ୟଦ୍ୱାରା ନିର୍ଦ୍ଦିଷ୍ଟ ମାନକର ତଥ୍ୟ ଉପଲବ୍ଧ ନାହିଁ, ତେଣୁ ରାଜ୍ୟଗୁଡ଼ିକ ଭିତରେ ତୁଳନା କରିବା ସମ୍ଭବ ହେଉନାହିଁ ବୋଲି ସେ କହିଛନ୍ତି। ରାଜ୍ୟ ଅର୍ଥ ଆୟୋଗଙ୍କ ତଥ୍ୟ ସଂଗ୍ରହରେ ପାରଦର୍ଶିତା ଆଣିବା ପାଇଁ ରାଜ୍ୟର ଅର୍ଥ ବିଭାଗ କିମ୍ବା ଯୋଜନା ବିଭାଗରେ ଏକ ସ୍ଥାୟୀ ରାଜ୍ୟ ଅର୍ଥ ଆୟୋଗ ପ୍ରକୋଷ୍ଠ ଖୋଲିବାକୁ ପଞ୍ଚାୟତିରାଜ ବିଭାଗ ଗଠନ କରିଥିବା ଏକ କମିଟି ସୁପାରିସ କରିଛି। ନୂଆ ଓ ପୁରୁଣା ଅର୍ଥ ଆୟୋଗ ମଧ୍ୟରେ ଆଲୋଚନା ପାଇଁ ଏକ ସଂସ୍ଥାଗତ ବ୍ୟବସ୍ଥା ଗଠନ କରିବା, ପଞ୍ଚାୟତସ୍ତରରେ ଆର୍ଥିକ ସୂଚନା ଭିତ୍ତିଭୂମିକୁ ସୁଦୃଢ଼ କରିବା, ଆୟୋଗଙ୍କ ଦକ୍ଷତାରେ ଉନ୍ନତି ଆଣିବା ଓ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସିଏଜି ଅଡିଟ୍ କରିବା ପାଇଁ କମିଟି ସୁପାରିସ କରିଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାର ୨୦୨୫ ଜାନୁଆରି ୨୨ରେ ଡକ୍ଟର ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ 'ଓଡ଼ିଶା ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ' ଗଠନ କରିଥିଲେ। ୨୦୨୫ ଅଗଷ୍ଟ ୧୮ରେ ଆୟୋଗ ନିଜର ଅନ୍ତରୀଣ ରିପୋର୍ଟ ଦେଇଥିଲେ। ୨୦୨୬ ଜାନୁଆରି ୨୧ରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ଜାନୁଆରି ୨୮ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆୟୋଗ ଚୂଡ଼ାନ୍ତ ରିପୋର୍ଟ ଦେଇଥିଲେ। ୨୦୨୬ ଫେବୃଆରି ୨୧ରେ ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରାଯାଇଥିଲା। ୨୦୨୬-୨୦୩୧ ପାଞ୍ଚ ବର୍ଷ ପାଇଁ ସ୍ଥାନୀୟ ନିକାୟଗୁଡ଼ିକୁ ୫୦ ହଜାର କୋଟି ଟଙ୍କା ଦେବାକୁ ଆୟୋଗ ସୁପାରିସ କରିଛନ୍ତି।




# ଏୟାରଟେଲ୍, ଭୋଡା ଆଇଡିଆକୁ ୨୦ହଜାର କୋଟିର ଆଶ୍ୱସ୍ତି

ନୂଆଦିଲ୍ଲୀ,୯।୬: ଏୟାରଟେଲ୍ ଓ ଭୋଡାଫୋନ୍ ଆଇଡିଆ ଉପରେ କେନ୍ଦ୍ର ସରକାର ଲଗାଇଥିବା ସ୍ପେକ୍ଟ୍ରମ୍ ଶୁଳ୍କକୁ ବମ୍ବେ ହାଇକୋର୍ଟ ଖାରଜ କରିଛନ୍ତି। ଫଳରେ ଉଭୟ କମ୍ପାନିକୁ ୨୦ହଜାର କୋଟି ଟଙ୍କାର ଆଶ୍ୱସ୍ତି ମିଳିଛି। ଦୁଇ କମ୍ପାନି ଦାଖଲ କରିଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଫେରାଇ ଦେବାକୁ କୋର୍ଟ ସରକାରଙ୍କୁ କହିଛନ୍ତି। ଏଥି ସହିତ ୱାନ୍-ଟାଇମ୍ ସ୍ପେକ୍ଟ୍ରମ୍ ଚାର୍ଜକୁ ନେଇ ଯେତେ ସବୁ ଡିମାଣ୍ଡ୍ ନୋଟିସ୍ ଓ ନିର୍ଦ୍ଦେଶ ଜାରି କରାଯାଇଥିଲା ତାହାକୁ ମଧ୍ୟ ଖାରଜ କରିଦିଆଯାଇଛି। ଏହି ମାମଲା ଏବେବି ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଭୋଡାଫୋନ୍ ଆଇଡିଆକୁ ୧୧ ହଜାର କୋଟି ଟଙ୍କା ଓ ଭାରତୀ ଏୟାରଟେଲ୍‌କୁ ୯୦୦୦ କୋଟି ଟଙ୍କାର ଡିମାଣ୍ଡ୍ ନୋଟିସ୍ ମିଳିଥିଲା। କେନ୍ଦ୍ର ସରକାର ୨୦୧୨ରେ ସ୍ପେକ୍ଟ୍ରମ ଶୁଳ୍କ ଲଗାଇଥିଲେ। କମ୍ପାନିଗୁଡ଼ିକ ପାଖରେ ଥିବା ସ୍ପେକ୍ଟ୍ରମ ଅନୁସାରେ ବିଭିନ୍ନ ସ୍ଲାବ୍ ଆଧାରରେ ସେହି ଶୁଳ୍କ ଲଗାଯାଇଥିଲା। ୪.୪ ମେଗାହର୍ଜ ପର୍ଯ୍ୟନ୍ତ ସ୍ପେକ୍ଟ୍ରମ ରଖିଥିବା କମ୍ପାନିଗୁଡ଼ିକ ଉପରୁ ଶୁଳ୍କ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି।

# ସେନ୍‌ସେକ୍ସରେ ୭୧୯ ପଏଣ୍ଟ ହ୍ରାସ

ମୁମ୍ବାଇ,୮।୬: ଇରାନ ଯୁଦ୍ଧକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେବା ପରେ ଦେଶର ଦୁଇ ଷ୍ଟକ୍ ବଜାରରେ ଆଜି କାରବାର ପ୍ରଭାବିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୭୧୯ ପଏଣ୍ଟ୍ ହ୍ରାସ ପାଇ ୭୩,୫୨୪ ପଏଣ୍ଟ୍‌ରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୨୪୪ ପଏଣ୍ଟ୍ ହ୍ରାସ ପାଇ ୨୩,୧୨୩ ପଏଣ୍ଟରେ ବନ୍ଦ ହୋଇଛି। ଆଜି ନିବେଶକମାନେ ସୂଚନା ପ୍ରଯୁକ୍ତି, ରିଅଲ ଇଷ୍ଟେଟ୍ ଓ ଧାତବ କ୍ଷେତ୍ର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି କରିଥିଲେ। ମ୍ୟାକ୍ସ ହେଲ୍‌ଥକେୟାର, ପାୱାରଗ୍ରିଡ୍ ଓ ଏୟାରଟେଲ୍ ସେୟାର ମୂଲ୍ୟରେ ଆଜି ଅଧିକ ବୃଦ୍ଧି ହୋଇଥିଲା। ୱିପ୍ରୋ, ଜିଓ ଫିନ୍ ଓ ଜୋମାଟୋ ସେୟାର ମୂଲ୍ୟ ହ୍ରାସ ପାଇଥିଲା। ଗତ ଏପ୍ରିଲ୍‌ରେ ଯୁଦ୍ଧବିରତି ଘୋଷଣା ହେବା ପରଠାରୁ ପ୍ରଥମ ଥର ପାଇଁ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ହୋଇଛି। ଇସ୍ରାଏଲ୍ ପକ୍ଷରୁ ପଶ୍ଚିମ ଓ ମଧ୍ୟ ଇରାନ ଉପରେ ଆକ୍ରମଣ କରାଯାଇଥିଲା। ସେହି ଖବର ପ୍ରକାଶ ପାଇବା ପରେ ଅଶୋଧିତ ତୈଳ ଦରରେ ବୃଦ୍ଧି ହୋଇଥିଲା। ଏଥି ସହିତ ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଥିଲା।



## ଟ୍ରେଣ୍ଡ୍ସର ରଜ ଫ୍ୟାଶନ୍ ଆଇକନ୍ ପ୍ରତିଯୋଗିତା

# ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ

ଭୁବନେଶ୍ୱର,୯।୬: ପର୍ବପର୍ବାଣିରେ ଗ୍ରାହକଙ୍କ ପାଇଁ ଖୁସି ଓ ଆନନ୍ଦ ଆଣିବା ଲାଗି ଭାରତର ସର୍ବବୃହତ୍ ଓ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ରିଲାଏନ୍ସ ରିଟେଲର ପୋଷାକ ଓ ଆସେସୋରିଜ୍ ସ୍ପେସାଲିଟି ଚେନ୍ ଟ୍ରେଣ୍ଡ୍ସ ପକ୍ଷରୁ "ଟ୍ରେଣ୍ଡ୍ସ ରଜ ଫ୍ୟାଶନ୍ ଆଇକନ୍" ନାମରେ ଏକ ରଜ ଅଭିଯାନ ଘୋଷଣା କରାଯାଇଛି। ଗ୍ରାହକଙ୍କ ପାଇଁ ରଜକୁ ଅଧିକ ଆକର୍ଷଣୀୟ ଓ ଲାଭଦାୟକ କରିବା ନିମନ୍ତେ ଏହି ସ୍ୱତନ୍ତ୍ର ଅଭିଯାନ ଅଧୀନରେ ପଦକ୍ଷେପ ନିଆଯାଇଛି। ଏଥିରେ ଯେଉଁ ଗ୍ରାହକ ୩୪୯୯ ଟଙ୍କା ଓ ତାହା ଠାରୁ ଅଧିକ ମୂଲ୍ୟର ଶପିଂ କରିବେ ସେ ମାତ୍ର ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ।

ଏହି ସମୟ ମଧ୍ୟରେ ଗ୍ରାହକମାନେ ଟ୍ରେଣ୍ଡ୍ସ ରଜ ଫ୍ୟାଶନ୍ ଆଇକନ୍ ପ୍ରତିଯୋଗିତାରେ ଭାଗ ନେଇ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ପାଇବେ। ଟ୍ରେଣ୍ଡ୍ସ ଗ୍ରାହକଙ୍କୁ ଏଥିପାଇଁ ଆମନ୍ତ୍ରଣ କରୁଛି। ଏଥିରେ ଗ୍ରାହକମାନେ ସେମାନଙ୍କ ସେଲ୍ଫି ନେଇ ଷ୍ଟୋର୍ ପରିସରରେ ଥିବା କ୍ୟୁଆର୍ କୋଡ୍ରେ ଅପଲୋଡ୍ କରିପାରିବେ। ଫଳରେ ସେମାନେ ଟ୍ରେଣ୍ଡ୍ସର ରଜ ଫ୍ୟାଶନ୍ ଆଇକନ୍ ପ୍ରତିଯୋଗିତାରେ ଭାଗ ନେବା ସହ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ପୁରସ୍କାର ଜିତିବା ସୁଯୋଗ ରହିଛି। ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ୨ ସହର ଏବଂ ଏହା ବାହାରେ ଭାରତର ଉପଭୋକ୍ତାମାନଙ୍କ ନିକଟରେ ଏହାର ପହଞ୍ଚଏବଂ ସଂଯୋଗକୁ ସୁଦୃଢ଼ କରି ଟ୍ରେଣ୍ଡ୍ସ ପ୍ରକୃତରେ ଭାରତରେ ଫ୍ୟାଶନ୍‌କୁ ଗଣତାନ୍ତ୍ରିକ କରୁଛି। ଫଳରେ ଏହା ଭାରତର ପ୍ରିୟ ଫ୍ୟାଶନ୍ ସପିଂ ଗନ୍ତବ୍ୟସ୍ଥଳି ପାଲଟିଛି। ଟ୍ରେଣ୍ଡ୍ସ ଷ୍ଟୋରରେ ଆଧୁନିକ ଲୁକ୍ ଏବଂ ପରିବେଶ ରହିଛି। ଏଠାରେ ଉତ୍ତମ ଗୁଣବତ୍ତା ଏବଂ ଫ୍ୟାଶନ୍ ସାମଗ୍ରୀର ଏକ ଆକର୍ଷଣୀୟ ପରିସର ରହିଛି ଯାହା ସଂପୃକ୍ତ ଅଞ୍ଚଳର ଉପଭୋକ୍ତାମାନଙ୍କ ପାଇଁ ପ୍ରାସଙ୍ଗିକ ହୋଇଥାଏ। ଏଠାରେ ସୁଲଭ ମୂଲ୍ୟରେ ସାମଗ୍ରୀ ମିଳିବା ସହ ଖର୍ଚ୍ଚ କରୁଥିବା ଟଙ୍କାର ସର୍ବାଧିକ ମୂଲ୍ୟ ମିଳିଥାଏ। ସହରର ଗ୍ରାହକମାନେ ଟ୍ରେଣ୍ଡି ଓମେନ୍ସ ୱେୟାର, ପୁରୁଷ ପୋଷାକ, କିଡ୍ସ ୱେୟାର ଏବଂ ଫ୍ୟାସନ ଆକ୍ସେସରିଜ୍‌କୁ ଆନନ୍ଦଦାୟକ ମୂଲ୍ୟରେ କିଣିବାର ଏକ ଅନନ୍ୟ ଏବଂ ଉତ୍କୃଷ୍ଟ ଅନୁଭୂତି ପାଇପାରିବେ।




# ନିବେଶକ ହରାଇଲେ ୫ ଲକ୍ଷ କୋଟି

ନୂଆଦିଲ୍ଲୀ,୯।୬:ମଧ୍ୟପ୍ରାଚ୍ୟରେ ଚାଲୁଥିବା ଅଶାନ୍ତି ଦ୍ୱାରା ଏସୀୟ ବଜାରଗୁଡ଼ିକରେ ବଡ଼ ଧରଣର ପତନ ଦେଖିବାକୁ ମିଳିଛି । ଏହାର ପ୍ରଭାବ ଘରୋଇ ବଜାରରେ ବି ଅନୁଭୂତ ହୋଇଛି। ସପ୍ତାହର ପ୍ରଥମ କାରବାର ଦିବସରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସଇ) ସେନସେକ୍ସରେ ୭୧୯.୦୮ ପଏଣ୍ଟ ହ୍ରାସ ଘଟିଛି । ଫଳରେ ଏହା ୭୩,୫୨୪.୨୬ ପଏଣ୍ଟରେ ବନ୍ଦ ହୋଇଛି।

ଅନ୍ୟପକ୍ଷରେ, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ନିଫ୍ଟି ୨୪୩,୭୦ ପଏଣ୍ଟ ଖସି ୨୩,୧୨୩ ପଏଣ୍ଟରେ ବନ୍ଦ ହୋଇଛି। ଏହି ହ୍ରାସ ସହିତ ନିବେଶକଙ୍କୁ ମିଳିଛି ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ଝଟକା । ବିଏସଇରେ ତାଲିକାଭୁକ୍ତ କମ୍ପାନି ଗୁଡ଼ିକର ମୋଟ ବଜାର ମୂଲ୍ୟ ୪୫.୬ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି। ସେନସେକ୍ସର ୩୦ରୁ ୨୪ଟି ସେୟାର ନିମ୍ନମୁଖୀ ହୋଇଛି। ଇଟରନାଲର ସେୟାର ମୂଲ୍ୟରେ ସବୁଠୁ ଅଧିକ ୩.୨୪% ହ୍ରାସ ଘଟିଛି। ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ଟାଟା ଷ୍ଟିଲ, ବଜାଜ ଫାଇନାନ୍ସ,, ରିଲାଏନ୍ସ, ଇଣ୍ଡିଗୋ, ଏଲ୍ ଆଣ୍ଡ୍ ଟି ଏବଂ ଟିସିଏସର ସେୟାର ମୂଲ୍ୟରେ ବଡ଼ ହ୍ରାସ ଘଟିଛି । ଅନ୍ୟପକ୍ଷରେ, ପାଓ୍ୱାରଗ୍ରୀଡ୍, ଭାରତୀ ଏୟାରଟେଲ, ଟେକ୍ ମହିନ୍ଦ୍ରା, ଏସବିଆଇ ଏବଂ ସନ୍ ଫାର୍ମା ସେୟାର ମୁଲ୍ୟରେ ବୃଦ୍ଧି ଘଟିଛି। ଅନ୍ୟାନ୍ୟ ଏସୀୟ ବଜାର ଗୁଡ଼ିକରେ ବି ବଡ଼ ହ୍ରାସ ଘଟିଛି । ଦକ୍ଷିଣ କୋରିଆର ସେୟାର ବଜାରରେ ୯%ରୁ ଅଧିକ ହ୍ରାସ ଘଟିଥିଲା, ଯାହା ପରେ ୨୦ ମିନିଟ୍ ପର୍ଯ୍ୟନ୍ତ କାରବାର ବନ୍ଦ କରିବାକୁ ପଡ଼ିଥିଲା। ଜାପାନରେ ୫% ଏବଂ ହଂକଙ୍ଗରେ ୧%ରୁ ଅଧିକ ହ୍ରାସ ଘଟିଛି। ବଜାର ଖସିବାର ପ୍ରମୁଖ କାରଣ ହେଉଛି ମଧ୍ୟପ୍ରାଚ୍ୟ ଅଶାନ୍ତି । ମଧ୍ୟପ୍ରାଚ୍ୟରେ ଅଶାନ୍ତି ବୃଦ୍ଧି ପାଇଛି। ଇସ୍ରାଏଲ ଉପରେ ଇରାନ ମିସାଇଲ ମାଡ଼ କରିଛି, ଯାହାଦ୍ୱାରା ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଆଶା ମଉଳି ଯାଇଛି । ଫଳରେ ଅଶୋଧିତ ତୈଳ ଦର ଉପରମୁହାଁ ହୋଇଛି । ବ୍ୟାରେଲ ପିଛା ବ୍ରେଣ୍ଟ କ୍ରୁଡ୍ ଦର ୨%ରୁ ଅଧିକ ବଢ଼ି ପାଖାପାଖି ୯୫ ଡଲାର ହୋଇଯାଇଛି। ଏସବୁ ବଜାର ଖସିବାର ପ୍ରମୁଖ କାରଣ।




# ଜାପାନ ପରେ ନେପାଳ ବ୍ୟାନ କଲା ଭାରତୀୟ ଆମ୍ବ

ନୂଆଦିଲ୍ଲୀ,୯।୬: ଭାରତରେ ଖାଦ୍ୟ, ଫଳ ଓ ପନିପରିବା ଆଦି ଉପରେ ଅତ୍ୟଧିକ ପରିମାଣରେ କେମିକଲ୍ସ ସ୍ପ୍ରେ ଓ ମିଶ୍ରଣ ଯୋଗୁ ଏସବୁ ନେଇ ଲୋକଙ୍କ ଭରସା ଏକପ୍ରକାର ଉଠିଗଲାଣି। ପ୍ରତିଦିନ ଏଭଳି ଘଟଣା ସାମ୍ନାକୁ ଆସୁଛି। ଏଭଳି ପରିସ୍ଥିତି ଦେଶ ଭିତରେ ଛବି ଖରାପ କରୁଥିବା ବେଳେ ଏବେ ବିଦେଶରେ ମଧ୍ୟ ଏହା ପହଞ୍ଚିଗଲାଣି। ଭାରତରୁ ରପ୍ତାନୀ ହେଉଥିବା ଉତ୍ପାଦନ ଉପରେ ସନ୍ଦେହ ପ୍ରକାଶ କଲେଣି ଆମଦାନୀ କରୁଥିବା ରାଷ୍ଟ୍ର। ନିକଟରେ ଜାପାନ ଭାରତରୁ କିଣୁଥିବା ଆମ୍ବ ଉପରେ ବ୍ୟାନ୍ ଲଗାଇଥିବା ବେଳେ ଏବେ ପଡ଼ୋଶୀ ବାଂଲାଦେଶ ମଧ୍ୟ ଭାରତୀୟ ଆମ୍ବ ଉପରେ ବ୍ୟାନ ଲଗାଇଛି। ନେପାଳର ବର୍ଡର କ୍ୱାରେଣ୍ଟାଇନ ଅଫିସର ଭାରତରୁ ଆମଦାନୀ ହୋଇଥିବା ଆମ୍ବର ପ୍ରଥମେ ପରୀକ୍ଷା କରିଥିଲେ। ଏଥିରେ ଅତ୍ୟଧିକ ପରିମାଣରେ କେମିକଲ୍ସ ପେଷ୍ଟିସାଇଡ୍ ମିଳିଥିଲା। ଏହାପରେ ନେପାଳ ସରକାର ଆମ୍ବ ପରେ ତୁରନ୍ତ ବ୍ୟାନ ଲଗାଇଛନ୍ତି। କାଠମାଣ୍ଡୁର କୃଷି ଏବଂ ପଶୁସମ୍ପଦ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆମଦାନୀ କଟକଣା ଏପ୍ରିଲ-ମେ ମାସରୁ ଲାଗୁ ହୋଇଛି।ନେପାଳ ଚାଷୀଙ୍କ ପାଇଁ ସୁଯୋଗ




ନେପାଳୀ କର୍ତ୍ତୃପକ୍ଷ ଏହି ପଦକ୍ଷେପକୁ ଘରୋଇ ଫଳ କିସମ ପାଇଁ ଲାଭଦାୟକ ବୋଲି କହିଛନ୍ତି। ମାଧେସ୍ ପ୍ରଦେଶର ଭୂମି ପରିଚାଳନା, କୃଷି ଏବଂ ସମବାୟ ମନ୍ତ୍ରଣାଳୟର ମୁଖପାତ୍ର ମନୀଷ କୁମାର ପାଲ ନେପାଳ ମିଡିଆ 'ଦି ରାଇଜିଂ ନେପାଳ'କୁ କହିଛନ୍ତି ଯେ ଏହି ପ୍ରତିବନ୍ଧକ ସ୍ଥାନୀୟ ଭାବରେ ଉତ୍ପାଦିତ, "ସ୍ୱାସ୍ଥ୍ୟକର ଫଳ" ପାଇଁ ଅଧିକ ସୁଯୋଗ ସୃଷ୍ଟି କରିଛି। ସେ କହିଛନ୍ତି "ସଂଘୀୟ ସରକାରଙ୍କ ନିଷ୍ପତ୍ତି ସ୍ଥାନୀୟ ଉତ୍ପାଦନକୁ ଅତିରିକ୍ତ ପ୍ରୋତ୍ସାହନ ଯୋଗାଇବ, ନାଗରିକମାନେ ସୁସ୍ଥ ଏବଂ ସୁରକ୍ଷିତ ଉତ୍ପାଦନ ସୁବିଧା ପାଇପାରିବେ।" ତଥାପି, ନେପାଳର ଆମ୍ବ ବ୍ୟବସାୟୀମାନେ ସମ୍ଭାବ୍ୟ ଅଭାବ, ମୂଲ୍ୟ ବୃଦ୍ଧି ଏବଂ ବଡ଼ କ୍ଷତି ବିଷୟରେ ଚିନ୍ତିତ ଅଛନ୍ତି। ଯଦିଓ ନେପାଳ ଏକ ଆମ୍ବ ଉତ୍ପାଦନକାରୀ ଦେଶ ଏବଂ ଆମଦାନୀ ଅପେକ୍ଷା ଅଧିକ ଫଳ ରପ୍ତାନି କରେ, ତଥାପି ସ୍ଥାନୀୟ ଚାହିଦା ପୂରଣ କରିବା ପାଇଁ ଘରୋଇ ଉତ୍ପାଦନ ଯଥେଷ୍ଟ ନୁହେଁ। ଏହା ବ୍ୟତୀତ, ନେପାଳୀ ଆମ୍ବ ପାଇଁ ଋତୁ ମାତ୍ର ଦୁଇ ମାସ ପାଇଁ ରହିଥାଏ। ତେଣୁ ଫଳ ବିକ୍ରେତାମାନେ ଏବେ ଭାରତୀୟ ଫଳ ଉପରେ ସମ୍ପୂର୍ଣ୍ଣ ନିଷେଧ କରିବା ପରିବର୍ତ୍ତେ କଠୋର କ୍ୱାରେଣ୍ଟାଇନ୍ ବ୍ୟବସ୍ଥା କରାଯାଉ ବୋଲି ଦାବି କରୁଛନ୍ତି। ଭାରତ ଏକାଧିକ ଦେଶକୁ ଆମ୍ବ ରପ୍ତାନୀ କରିଥାଏ। ଭାରତର ପ୍ରମୁଖ ପାଞ୍ଚଟି ଆମ୍ବ ରପ୍ତାନିକାରୀ ଦେଶ ହେଉଛି ଆମେରିକା, ୟୁଏଇ, ୟୁକେ, ନେଦରଲ୍ୟାଣ୍ଡ ଏବଂ ସାଉଦି ଆରବ। ଯଦିଓ ନେପାଳ ଭାରତର ସର୍ବବୃହତ ଆମ୍ବ ବଜାର ତାଲିକାରେ ନାହିଁ, ତଥାପି ଭାରତୀୟ ଆମ୍ବ ଉପରେ ରାସାୟନିକ କୀଟନାଶକ ମିଳିବା ପରବର୍ତ୍ତୀ ଫଳ ଉତ୍ପାଦନ ଇକୋସିଷ୍ଟମ ପାଇଁ ପ୍ରଶ୍ନ ଉଠାଇଛି। ସେପଟେ ଅତ୍ୟଧିକ ଗର ଯୋଗୁ ଭାରତରେ ଆମ୍ବ ଚାଷ ପ୍ରଭାବିତ ହୋଇଛି। କୋଙ୍କଣ ବେଲ୍ଟରେ ଆଲଫୋନ୍ସୋ ଚାଷୀଙ୍କ ଅଧିକ କ୍ଷତି ଗ୍ରସ୍ତ ହୋଇଛନ୍ତି। ବିଳମ୍ବ ବର୍ଷା ଏବଂ ପ୍ରଚଣ୍ଡ ଗରମ ପ୍ରବାହ ୯୦ ପ୍ରତିଶତ ପର୍ଯ୍ୟନ୍ତ ବିନାଶକାରୀ କ୍ଷତି ଘଟାଇଛି। ଆଉ ଏଭଳି ସ୍ଥଳେ ବ୍ୟାନ୍ ନିର୍ଦ୍ଦେଶ ଆସିବା ଭାରତୀୟ ଚାଷୀଙ୍କ ପାଇଁ ନିରାଶଜନକ । ଗତ ମାସରେ, ଜାପାନ ଭାରତର କେସର, ଅଲଫୋନ୍ସୋ, ଲେଙ୍ଗଡ଼ା ଏବଂ ବାଇଗଣପଲେଇ ଆମ୍ବ ଉପରେ ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କଟକଣା ଲଗାଇଛି। ଭାରତୀୟ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଅନିୟମିତତା ଦେଖିବାକୁ ପାଇବା ପରେ ଏହି କଟକଣା ଜାରି କରାଯାଇଛି। ମାର୍ଚ୍ଚ ମାସରେ, ଜାପାନର କ୍ୱାରେଣ୍ଟାଇନ୍ ଅଧିକାରୀଙ୍କ ଏକ ଦଳ ଉତ୍ତରପ୍ରଦେଶର ରହମାନପୁରଠାରେ ପରିଦର୍ଶନ କରିଥିଲେ, ଯେଉଁଠାରେ ସେମାନେ ଟ୍ରିଟମେଣ୍ଟ (ପ୍ରକ୍ରିୟାକରଣ) ସୁବିଧା କେନ୍ଦ୍ରଗୁଡ଼ିକରେ ଫ୍ୟୁମିଗେସନ୍ ଏବଂ ସମ୍ବନ୍ଧିତ ବିଶୋଧନ ପଦକ୍ଷେପଗୁଡ଼ିକରେ ତ୍ରୁଟି ପାଇଥିଲେ।



# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

### ଆକ୍ସନ ମୋଡ୍‌ରେ ଇଓ

## ଏଣିକି ରାସ୍ତାକଡ଼ରେ ମାଛ, ମାଂସ ବଜାର ବନ୍ଦ



ହିଞ୍ଜିଳିକାଟୁ,୯।୬ (ସଂଚାର ବ୍ୟୁରୋ)ଃହିଞ୍ଜିଳିକାଟୁ ସହରର ବିଭିନ୍ନ ପ୍ରମୁଖ୍ୟ ରାସ୍ତା ପାଲଟିଥିଲା ଆମିଷ ବଜାର। ସକାଳୁ ରାତି ପର୍ଯ୍ୟନ୍ତ ବେପାରୀମାନେ ମାଛ ମାଂସ ଖୁଲମଖୁଲା ବାହାରେ ବ୍ୟବସାୟ କରୁଥିଲେ । ଆବର୍ଜନା ସାଙ୍ଗକୁ ପୁତି ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ସେହି ରାସ୍ତା ଦେଇ ଯାତାୟତ କରିବା କଷ୍ଟସାଧ୍ୟ ହୋଇପଡୁଥିଲା। ଏଥିସହ ରାସ୍ତାକଡ଼ରେ ଆମିଷ ବିକ୍ରୟ ହେଉଥିବାରୁ ଯାନବାହାନ ନେଇ ଗ୍ରାହାକମାନେ ଭିଡ ଜମାଉଥିବାରୁ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜୁଥିଲା । କିଛି ଦିନ ତଳେ ପ୍ରଶାସନ ବ୍ୟବସାୟୀଙ୍କୁ ତାଗିଦ କରିବା ସହ ଜବରଦଖଲ ଉଚ୍ଛେଦ କରିଥିଲା । ପୁଣି କିଛି ଦିନ ପରେ ପୂର୍ବ ଭଳି ରାସ୍ତାକଡରେ ବ୍ୟବସାୟୀ ମାନେ ମାଛ, ମାଂସ ବିକ୍ରି ଆରମ୍ଭ କରିଦେଇଥିଲେ। ବାରମ୍ବାର କହିବା ସର୍ତ୍ତେ ବ୍ୟବସାୟୀ ନବୁଝିବାରୁ ଆଜି ସକାଳୁ ସକାଳୁ ହିଞ୍ଜିଳିକାଟୁ ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ମାଛ ମାର୍କେଟରେ ପହଂଚି ମାର୍କେଟର ପାର୍କିଂ ସ୍ଥଳରେ ବିକ୍ରି କରୁଥିବା ଦୋକାନକୁ ପ୍ରଥମେ ବନ୍ଦ କରିଥିଲେ। ପରେ ସ୍ଥାନୀୟ ପୁଲିସ ପ୍ରଶାସନ ଓ ପୌରପରିଷଦର ଏନଫୋର୍ସମେଣ୍ଟ୍ ଟିମ୍ ରାସ୍ତାକଡ ଏବଂ ସର୍ବସାଧାରଣ ସ୍ଥାନରେ ଥିବା ମାଛ ବଜାର ଓ ବେଆଇନ୍ ମାଂସ କଟା ଦୋକାନ ଉପରେ ଚଢ଼ାଉ କରି ଦୋକାନ ବନ୍ଦ କରିଛନ୍ତି । ଏଣିକି ସଭିଙ୍କୁ ଗୋଟିଏ ସ୍ଥାନରେ ମାଛ ଓ ମାଂସ ବିକ୍ରୀ ପାଇଁ ଅନୁମତି ଦେବା ସହ ଯଦି ଆଗାମୀ ଦିନରେ ରାସ୍ତାକଡରେ କିମ୍ବା ପାର୍କିଂ ସ୍ଥଳରେ ବ୍ୟବସାୟ କରନ୍ତି ତେବେ ସେମାନଙ୍କ ବିରୋଧରେ ଜରିମାନା ସହ କଠୋର କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

### ଅସ୍ତରଙ୍ଗ ମଣ୍ଡଳ ୧ରେ ଇନ୍ଦ୍ରମଣୀ ଯୁଗ

# ବ୍ୟବହାରରେ ବନ୍ଧୁ, ନୀତିରେ ନିଷ୍ଠା

କାକଟପୁର/ଅସ୍ତରଙ୍ଗ,୯।୬ (ସଂଚାର ବ୍ୟୁରୋ)ଃ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସୁଦୀର୍ଘ ପାଠଶାଳାରୁ ରାଜନୀତିର ରଣାଙ୍ଗନକୁ ଓହ୍ଲାଇଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଂଚାୟତ ପୁଅ ଇନ୍ଦ୍ରମଣୀ ଜେନା ଅସ୍ତରଙ୍ଗ ମଣ୍ଡଳ-୧ ବିଜେପି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏଠାରେ ରାଜନୈତିକ ସମୀକରଣ ସମ୍ପୂର୍ଣ୍ଣ ବଦଳି ଯାଇଛି। ସଂଘ ସଂସ୍କାରରେ ଗଢ଼ା, ଶିକ୍ଷା ଓ ଶାଳୀନତାରେ ପୁଷ୍ଟ ଇନ୍ଦ୍ରମଣୀଙ୍କ ଦୃଢ଼ ନେତୃତ୍ୱ ଓ ଆତ୍ମୀୟ ବ୍ୟବହାର ଆଜି ମଣ୍ଡଳ-୧ରେ ପଦ୍ମ ଫୁଟାଉଛି।




ଇନ୍ଦ୍ରମଣୀଙ୍କ ନେତୃତ୍ୱ ପରେ ଅନ୍ୟ ଦଳର ବହୁ କର୍ମୀ, ଯୁବକ ଓ ବୁଦ୍ଧିଜୀବୀ ବିଜେପିରେ ସାମିଲ ହେଉଛନ୍ତି। ଲୋକେ କୁହନ୍ତି, "ଇନ୍ଦ୍ରମଣୀ ବାବୁଙ୍କ କଥାରେ ଓଜନ ଅଛି, ବ୍ୟବହାରରେ ଆପଣାର ଅଛି। ଜଣେ ଶିକ୍ଷିତ, ସଂସ୍କାରୀ ଓ ସ୍ୱଚ୍ଛ ନେତାଙ୍କୁ ପାଇ ଆମେ ମୋଦିଜୀଙ୍କ ବିକାଶ ଧାରାରେ ସାମିଲ ହେଉଛୁ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ମନ୍ତ୍ରକୁ ଅସ୍ତରଙ୍ଗ ମାଟିରେ ଜନ ଜନଙ୍କ ପାଖରେ ପହଞ୍ଚାଇବାରେ ଇନ୍ଦ୍ରମଣୀ ସଫଳ ହୋଇଛନ୍ତି। ବୁଥ ସ୍ତରରୁ ମଣ୍ଡଳ ସ୍ତର ଯାଏଁ ସଂଗଠନକୁ ସଶକ୍ତ କରିବା, ପ୍ରତି ଘରେ କେନ୍ଦ୍ର ସରକାରଙ୍କ ଯୋଜନା ପହଞ୍ଚାଇବା ଓ ଜନସମସ୍ୟାର ସମାଧାନ ପାଇଁ ସବୁବେଳେ ତତ୍ପର ରହିବା - ଏହା ହିଁ ଇନ୍ଦ୍ରମଣୀଙ୍କ କାର୍ଯ୍ୟଶୈଳୀ। ଜଣେ ବରିଷ୍ଠ କର୍ମୀ କୁହନ୍ତି, "ସେ କେବଳ ନେତା ନୁହଁନ୍ତି, ସଂଗଠନର କାରୀଗର। ତାଙ୍କ ପାଖରେ ସଂଘର ଅନୁଶାସନ ଅଛି, ମୋଦିଜୀଙ୍କ ଦୂରଦୃଷ୍ଟି ଅଛି।" ମଣ୍ଡଳ-୧ରେ ବିଜେପିର ଅଭୂତପୂର୍ବ ସଂଗଠନ ବୃଦ୍ଧି ଓ ଜନସମର୍ଥନ ଦେଖି ଏବେ ଅଞ୍ଚଳବାସୀ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଗୋଟିଏ ସ୍ୱର ଗୁଞ୍ଜରିତ ହେଉଛି - "ଇନ୍ଦ୍ରମଣୀଙ୍କୁ ଜିଲ୍ଲା କିମ୍ବା ରାଜ୍ୟ ସ୍ତରରେ ନୂତନ ଦାୟିତ୍ୱ ଦିଆଯାଉ"। ଲୋକଙ୍କ ବିଶ୍ୱାସ, ଯେଉଁ ନେତୃତ୍ୱ ଗୋଟିଏ ମଣ୍ଡଳକୁ ବଦଳାଇ ପାରୁଛି, ସେ ନେତୃତ୍ୱ ଜିଲ୍ଲା ଓ ରାଜ୍ୟକୁ ମଧ୍ୟ ନୂଆ ଦିଶା ଦେଇପାରିବ।

ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ'ର ସଂକଳ୍ପକୁ ତୃଣମୂଳ ସ୍ତରରେ ସାକାର କରିବାକୁ ହେଲେ ଇନ୍ଦ୍ରମଣୀଙ୍କ ଭଳି ତ୍ୟାଗୀ, ଶିକ୍ଷିତ ଓ ସଂଗଠନ-ନିବେଦିତ କାର୍ଯ୍ୟକର୍ତ୍ତାଙ୍କ ଆବଶ୍ୟକତା ରହିଛି। ଅସ୍ତରଙ୍ଗ ଆଜି ଯେଉଁ ରାଜନୈତିକ ଉତ୍ଥାନ ଦେଖୁଛି, ତା'ର ଶ୍ରେୟ ନିଃସନ୍ଦେହରେ ଇନ୍ଦ୍ରମଣୀ ଜେନାଙ୍କୁ ଯାଉଛି।

## ଟାଟା ଏସିରୁ ଗାଈ ଉଦ୍ଧାର, ଜଣେ ଗିରଫ



କାକଟପୁର/ଅସ୍ତରଙ୍ଗ,୯।୬ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ପୋଲିସ ମଙ୍ଗଳବାର ଭୋର ସମୟରେ ଏକ ବଡ ଗୋଚାଲାଣ ଉଦ୍ୟମକୁ ପଣ୍ଡ କରିଛି। ମଲାମାଛ ଛକ ନିକଟରେ ପାଟ୍ରୋଲିଂ ସମୟରେ ଏଏସଆଇ ଜୟନ୍ତୀ ସାହୁ ଓ ତାଙ୍କ ଟିମ୍ ଏକ ଟାଟାଏସି ଗାଡିକୁ ଜବତ କରିଛନ୍ତି। ଜବତ ଗାଡି ନମ୍ବର ହେଲା ଓଡି ୦୨ ଏକ୍ସ ୪୮୮୨ନମ୍ବର ବିଶିଷ୍ଟ ଟାଟାଏସି ଗାଡିରେ ଗୋଟିଏ ଗାଈ ଓ ଗୋଟିଏ ବଳଦକୁ ବେଆଇନ ଭାବେ ଚାଲାଣ କରାଯାଉଥିଲା। ପୋଲିସ ଗାଡି ସହ ୨ ଗୋମାତାଙ୍କୁ ଉଦ୍ଧାର କରିଛି।

ଏହି ଘଟଣାରେ ପୋଲିସ ଅସ୍ତରଙ୍ଗ ଥାନା ଅଧୀନ ନମାରୋ ଗାଁର ବିଷ୍ଣୁ ନାଥ (୩୨) କୁ ଗିରଫ କରିଛି। ଅଭିଯୁକ୍ତ ବିରୋଧରେ କାକଟପୁର ଥାନା କେସ୍ ନଂ ୨୦୯/୨୦୨୬ ରୁଜୁ ହୋଇଛି। ବିଏନଏସ ର ଧାରା ୩୦୩(୨), ୩୧୭(୨), ୩(୫) ଏବଂ ପଶୁ ନିର୍ଯ୍ୟାତନା ନିବାରଣ ଆଇନ, ୧୯୬୦ର ଧାରା ୨୩ ସହ ୧୧(ଏ)(ଡି )(ଇ ) ଲାଗିଛି। କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ଙ୍କ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ମାନ୍ୟବର କୋର୍ଟ ତାକୁ ଜେଲ ହାଜତକୁ ପଠାଇଛନ୍ତି। ଉଦ୍ଧାର ଗୋମାତାଙ୍କୁ ବାଲିଘାଇ ସ୍ଥିତ ଆଶ୍ରମ କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ପୁଲିସର ଏହି ତତ୍ପରତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ମଧୁବାବୁ ପେନସନ୍ ଯୋଜନାରେ ଗ୍ରାମଦ୍ୱାରୀ ଚିହ୍ନଟ ନିମନ୍ତେ କର୍ମଶାଳା



ବୋରିଗୁମ୍ମା,୯।୬ (ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଗ୍ରାମ ଦ୍ୱାରୀ ଚିହ୍ନଟ ସହ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ ଓ ପଞ୍ଜିକରଣ ନିମନ୍ତେ ବିଡ଼ିଓ ସୁକାନ୍ତ କୁମାର ପଟନାୟକଙ୍କ ତତ୍ତ୍ୱାବଧାନରେ ଏକ କର୍ମଶାଳା ବ୍ଲକ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି।ଏଥରେ ବୋରିଗୁମ୍ମା ବ୍ଲକର ୩୧ ଗୋଟି ପଞ୍ଚାୟତରେ ପ୍ରଶାସନର ଆଢୁଆଳରେ ରହିଯାଇଥିବା ଯୋଗ୍ୟ ହିତାଧ୍ୟାକାରୀଙ୍କୁ ଖୋଜି ବାହାରକରିବା ଏବଂ ସେମାନଙ୍କୁ ଚୟନ କରି ସିଧାସଳଖ ସରକାରଙ୍କ ଲୋକ କଲ୍ୟାଣ ମଧୁବାବୁ ପେନସନ ଯୋଜନାରେ ସାମିଲ କରେଇ କାର୍ଡ ସହ ମାସିକ ପେନସନ ବଣ୍ଟନ କରି ଗରିବ ଶ୍ରେଣୀ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ବୋରିଗୁମ୍ମାର କର୍ତ୍ତବ୍ୟନିଷ୍ଠ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ ବ୍ଲକ ସ୍ତରୀୟ ସମସ୍ତ ଜେଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ମାନଙ୍କୁ ନେଇ ଏହି କର୍ମଶାଳା ମାଧ୍ୟମରେ ଅବଗତ କରାଇଥିଲେ।ଏବଂ ପଞ୍ଚାୟତ ସ୍ତରରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଏବିଡ଼ିଓ ମାଧୁରୀ ଆଚାରୀ, ଏଇଇ ପ୍ରକାଶ କୁମାର ପ୍ରଧାନ, ଜେଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରିକା କେଣ୍ଡେଲକର, ଜିପିଡିଓ ସ୍ୱାଗତିକା ଗୋପାଳ ପଞ୍ଚାୟତ ନିର୍ବାହୀ ଅଧିକାରୀରଞ୍ଜନ କୁମାର ରାଉତ, ପ୍ରଳୟ ତ୍ରିପାଠୀ, ଶ୍ରୀନିବାସ ଚୌଧୁରୀ, ଓ ତୋଫାନ ସାହୁଙ୍କ ସମେତ ସମସ୍ତ ଜେଇ, ପିଇଓ, ସରପଞ୍ଚ ଉପସ୍ଥିତ ଥିଲେ ।

## ହିନ୍ଦୋଳରୁ ଆରମ୍ଭ ହେଲା ଏସ୍‌ଆଇଆର୍ ସଚେତନତା ରଥ



ଢେଙ୍କାନାଳ,୯।୬ (ସଂଚାର ବ୍ୟୁରୋ)ଃ ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବ୍ୟବସ୍ଥିତ ଭୋଟର ଶିକ୍ଷା ଓ ନିର୍ବାଚନୀ ଅଂଶଗ୍ରହଣ ରଥକୁ ଆଜି ସକାଳ ୧୦ଟା ସମୟରେ ହିନ୍ଦୋଳ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି।

ଆଜିଠାରୁ ଏହି ସଚେତନତା ରଥ ହିନ୍ଦୋଳ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଏସ୍‌ଆଇଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରିବା ସହିତ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ଏବଂ ଭୋଟର ତାଲିକାରେ ନିଜ ନାମ ଅନ୍ତର୍ଭୁକ୍ତ ଥିବା ସମ୍ପର୍କରେ ଯାଞ୍ଚ କରିବା ପାଇଁ ସୂଚନା ପ୍ରଦାନ କରିବ। ହିନ୍ଦୋଳ ବ୍ଲକରେ ସଚେତନତା କାର୍ଯ୍ୟକ୍ରମ ଶେଷ ହେବା ପରେ ଏହି ରଥ ଓଡ଼ାପଡ଼ା ବ୍ଲକ ପରିକ୍ରମା କରି ସେଠାରେ ଦୁଇ ଦିନ ଧରି ଭୋଟର ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବ।

ଏହି ପଦକ୍ଷେପ ମାଧ୍ୟମରେ ଯୋଗ୍ୟ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଯିବ।

ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଦିଲ୍ଲୀପ କୁମାର ସେଠୀ, ଡେପୁଟି କଲେକ୍ଟର ଦୁର୍ଯ୍ୟଧନ ସାହୁ, ଡେପୁଟି କଲେକ୍ଟର ସୁଶ୍ରୀ ବବିତା ମିଶ୍ର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜନ୍ମଜୟନ୍ତୀରେ ନନ୍ଦିନୀ ଦେବୀଙ୍କୁ ବିଜେପିର ଶ୍ରଦ୍ଧାଞ୍ଜଳି



ଢେଙ୍କାନାଳ,୯।୬ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ମାଟିର ଝିଅ ଆମ ପାଇଁ ଗର୍ବ ଓ ଗୌରବ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସୁଶାସିକା ଓ ସାହିତ୍ୟିକା ସର୍ଗତା ନନ୍ଦୀନ ଶତପଥୀଙ୍କର ୯୫ତମ ଜନ୍ମ ଜୟନ୍ତୀ ଅବସରରେ ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ନନ୍ଦିନୀ ଦେବୀଙ୍କ ପୂର୍ଣ୍ଣ ।ବୟବ ପ୍ରତିମୂର୍ତ୍ତିରେ ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି ଢେଙ୍କାନାଳ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ଭାରତୀୟ ଜନତା ପାର୍ଟି ଜିଲ୍ଲାର କାର୍ଯ୍ୟକର୍ତ୍ତାଙ୍କ ସହ ସାମିଲ୍ ହୋଇ ପୁଷ୍ପମାଲ୍ୟ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ନାରୀ ନେତୃତ୍ୱ, ସାହସ ଓ ସମର୍ପଣର ଏକ ଅନନ୍ୟ ପ୍ରତୀକ ସର୍ଗତା ନନ୍ଦିନୀ ଶତପଥୀ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ରାଜନୈତିକ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସଂରଚନା କରିଥିଲେ। ଢେଙ୍କାନାଳ ମାଟିର ଏହି କୃତୀ ସନ୍ତାନଙ୍କ ଅବଦାନ ଦୂରଦର୍ଶିତା ଓ ଜନସେବା ପ୍ରତି ନିଷ୍ଠା ଆଜି ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଜୟନ୍ତୀ ଅବସରରେ ମାନ୍ୟବର ସାଂସଦ ଶ୍ରୀ ପାଣି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ୍ ଶର୍ମା, ବିଜେପି ଜିଲ୍ଲା ସାଧାରଣ ସଂପାଦକ ମାତୃପ୍ରସାଦ ନନ୍ଦଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

### ବାଲିଶଙ୍କରା ବିଜେପିରେ ଅସନ୍ତୋଷ

# କେଶବ ରଣାଙ୍କ ଦଳୀୟ ଯୋଗଦାନକୁ ବିରୋଧ



ସୁନ୍ଦରଗଡ଼,୯।୬ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲା ତଳସରା ନିର୍ବାଚନ ମଣ୍ଡଳୀ ଅଧୀନ ବାଲିଶଙ୍କରା ମଣ୍ଡଳ ରାଜନୀତିରେ ନୂଆ ସମୀକରଣ ଦେଖିବାକୁ ମିଳିଛି। ପୂର୍ବତନ ବିଜେଡି ବ୍ଲକ ସଭାପତି କେଶବ ରଣା ବିଜେଡି ଛାଡ଼ି ବିଜେପିରେ ସାମିଲ ହେବା ପରେ ବାଲିଶଙ୍କରା ବିଜେପିର ପୁରୁଣା କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏହି ପ୍ରସଙ୍ଗକୁ ନେଇ ତଳସରା କଲ୍ୟାଣ ମଣ୍ଡପଠାରେ ବାଲିଶଙ୍କରା ବିଜେପି ମଣ୍ଡଳ ସଭାପତି ଜସନ୍ତି ଏକ୍କାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କର୍ମୀମାନେ ମତ ପ୍ରକାଶ କରିଥିଲେ ଯେ, ନିର୍ବାଚନ ସମୟରେ ଦଳ ବିରୋଧରେ ସକ୍ରିୟ ଭାବେ ପ୍ରଚାର କରିଥିବା ନେତାଙ୍କୁ ପରବର୍ତ୍ତୀ ସମୟରେ ଦଳରେ ସାମିଲ କରାଯିବାକୁ ସାଧାରଣ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

ବାଲିଶଙ୍କରା ମଣ୍ଡଳ ଓ ତଳସରା ଶକ୍ତିକେନ୍ଦ୍ରର ବିରୋଧ ସତ୍ତ୍ୱେ ଜିଲ୍ଲା ସ୍ତରରେ ଏହି ମିଶ୍ରଣ କରାଯାଇଥିବାରୁ କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ସମସ୍ତ ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଜିଲ୍ଲା ସାଧାରଣ ସମ୍ପାଦକଙ୍କ ଉପସ୍ଥିତିରେ ଆଉ ଏକ ବିସ୍ତୃତ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଏହି ବୈଠକରେ ଜିଲ୍ଲା ଏସ୍‌ସି ମୋର୍ଚ୍ଚା ସଭାପତି ତଥା ସାଂସଦ ପ୍ରତିନିଧି ଉଦ୍ଧବ ତନ୍ତି, ମଣ୍ଡଳ ପ୍ରତିନିଧି ବନମାଳି ବାରସତିଆ, ଉପସଭାପତି ବେଣୁଧର ପଣ୍ଡା ଓ ଦିଲୀପ ରାଉତ, ସାଧାରଣ ସମ୍ପାଦକ ବିନୟ ବେହେରା, ବୁଧରାମ ଓରାମ ଓ ଉଗ୍ରେଶନ ବେହେରା, ଯୁବନେତା ସୁରତ ବେହେରା, ଭୋଜରାଜ ବରିହା, ଭୁପେନ୍ଦ୍ର ପ୍ରଧାନ, ଦିନବନ୍ଧୁ ସାଏ, ଲବଣଧର ଦାନୀ, ପ୍ରଶାନ୍ତ ବାରିକ, ମୁକେଶ ସିଂ, ରାମଚନ୍ଦ୍ର ସିଂ, ତୁଷାର ସିଂ, ଦିଗାମ୍ବର ରଣା, ସୁରେନ୍ଦ୍ର ବାରସତିଆଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ମାନବାଧିକାର କର୍ମୀ ବୈଠକ



ମହାକାଳପଡ଼ା,୯।୬(ସଂଚାର ବ୍ୟୁରୋ)ଃ ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ସଂଗଠନ ପକ୍ଷରୁ ଜୁନ ୯ ତାରିଖ ମଙ୍ଗଳବାର ଦିନ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜୟଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ଜାତୀୟ ରାଜପଥ ପାଶ୍ୱର୍ଵ ବଉଦ ତାରିଣୀ ମନ୍ଦିର ପରିସରରେ ସଂଗଠନର ଜିଲ୍ଲାସ୍ତରୀୟ ମାନବାଧିକାର କର୍ମୀ ବୈଠକ ଏବଂ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି।

ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ସଂଗଠନର ଅଧ୍ୟକ୍ଷ ରମେଶ ଭାରତୀ,ରାଷ୍ଟ୍ରୀୟ ଉପସଭାପତି ତପନ କୁମାର ପତି, ରାଷ୍ଟ୍ରୀୟ ସଂଯୋଜକ ରମେଶ ମହାଳିକ, ରାଜ୍ୟ ସଂଯୋଜିକା ଝରଣା ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାନବ ଅଧିକାର ଉପରେ ବହୁ ସାରଗର୍ଭକ ତଥ୍ୟ ଏବଂ ସାଧାରଣ ଜୀବନରେ ଏହାର କାର୍ଯ୍ୟକାରିତା ଉପରେ ମତମନ୍ତବ୍ୟ ରଖିଥିଲେ। ପରେ ଉପସ୍ଥିତ କର୍ମୀମାନଙ୍କର ବିଭିନ୍ନ ସମସ୍ୟାକୁ ଶୁଣି ଯଥାଶିଘ୍ର ଏହାର ସମାଧାନ କରାଯିବାର ନିଷ୍ପତ୍ତି ନିଆଗଲା। ଉପସ୍ଥିତ କର୍ମୀମାନଙ୍କର ପ୍ରସ୍ତାବ କ୍ରମେ ଏକ ଜିଲ୍ଲା କାର୍ଯ୍ୟକାରୀ କମିଟି ଗଠନ କରାଗଲା। ଏହି କମିଟିରେ ଜିଲ୍ଲା ସଭାପତି-ପ୍ରଫୁଲ୍ଲ କୁମାର ପ୍ରଧାନ,ଉପସଭାପତି - ଶରତ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସମ୍ପାଦକ- ଭିକାରୀ ବେହେରା (ମଣ୍ଟୁ), ଜିଲ୍ଲା ସଂଯୋଜକ- ରଞ୍ଜନ କୁମାର ଦାସ,ମହାକାଳପଡ଼ା ବ୍ଲକ୍ ସଭାପତି ଅମୀୟ କୁମାର ସାମଲ, ମାର୍ଶାଘାଇ ବ୍ଲକ ସଭାପତି ରଶ୍ମିକାନ୍ତ ବସନ୍ତିଆ,ସଦସ୍ୟ ସତ୍ୟବାନ ବୈରୀବାଳ ପ୍ରମୁଖଙ୍କୁ ଦାୟୀତ୍ୱ ପ୍ରଦାନ କରାଗଲା। ପରବର୍ତ୍ତୀ ସମୟରେ ଜିଲ୍ଲା ଓ ବ୍ଲକସ୍ତରୀୟ ଅନ୍ୟ ପଦବୀ ଗୁଡିକ ପାଇଁ କର୍ମୀଙ୍କ ନାମ ଘୋଷଣା କରାଯିବ। ଶେଷରେ ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ସମାଜବିଜ୍ଞାନ ଅଧ୍ୟାପକଙ୍କ ଶ୍ରଦ୍ଧାଞ୍ଜଳି ସଭା

ମାର୍ଶାଘାଇ,୯।୬(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପଞ୍ଚାୟତ ରାମିଆଗଞ୍ଜ ଗ୍ରାମ ବାସିନ୍ଦା ତଥା ନୟାଗଡ଼ ଜିଲ୍ଲା ଇଟାମାଟି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମାଜବିଜ୍ଞାନ ଅଧ୍ୟାପକ ସ୍ୱର୍ଗତ ଅଭୟ କୁମାର ଲେଙ୍କାଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିଳ୍ପପତି ରନେନ୍ଦ୍ର କୁମାର ସ୍ୱାଇଁ,ମାର୍ଶାଘାଇ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା, ମା ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଉମାକାନ୍ତ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଙ୍ଘର ସମ୍ପାଦକ ନିହାର ରଞ୍ଜନ ମହାପାତ୍ର,ଆଇନଜୀବି ବିଚିତ୍ରାନନ୍ଦ ବେହେରା,ମଣିକୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋରଞ୍ଜନ ସାମଲ, କୁହୁଡି ସରପଞ୍ଚ ପ୍ରଭାତ ରଞ୍ଜନ ଦାସ,ସାଙ୍ଗ ଦିଲୀପ ପ୍ରଧାନ,ସୁଶାନ୍ତ କୁମାର ଜେନା, ଭଉଣୀ ଡଲି ଜେନା, ସାନଭାଇ ତଥା ଜଗତସିଂହପୁର ଗୁଇନ୍ଦା ବିଭାଗ ଉପଅଧିକ୍ଷକ ପ୍ରେମାନନ୍ଦ ଲେଙ୍କା, ପ୍ରତିଭା ବେହେରା, ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ,ଜ୍ୱାଇଁ ଗୁରୁପ୍ରସାଦ ମହାନ୍ତି, ପୁଅ ହରପ୍ରସାଦ ଲେଙ୍କା, ଝିଆରୀ ମନୀଷା ଲେଙ୍କା, ସମୃଦ୍ଧି ଲେଙ୍କା, ପୁତୁରା ଶ୍ରେୟାସ ଲେଙ୍କା,ଭଣଜା ପୁପୁନି ଲେଙ୍କା,ଶିକ୍ଷକ ପାର୍ଥସାରଥୀ ସାହୁ, ଅମରେନ୍ଦ୍ର ଲେଙ୍କା, ଭାବଗ୍ରାହୀ ମଲ୍ଲ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



# ପୁନରାବୃତ୍ତି ନା ନୂଆ ସମୀକରଣ ?

### ମିଳିତ ମେଣ୍ଟର ପଦ୍ମ ମିଶ୍ରଣ, ବିଜେଡିର ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ

### ସମସ୍ତଙ୍କ ନଜର ସମିତି ସିଂହାସନ ଉପରେ




କାକଟପୁର/ଅସ୍ତରଙ୍ଗ, ୯।୬ (ସଂଚାର ବ୍ୟୁରୋ)ଃ ପଞ୍ଚାୟତ ନିର୍ବାଚନ ପୂର୍ବରୁ ହିଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରାଜନୀତିର ତାପମାତ୍ରା ବଢିବାରେ ଲାଗିଛି। ଗାଁ ଚା' ଖଟିରୁ ପଞ୍ଚାୟତ ସବୁସ୍ଥାନ ଯାଏଁ ଗୋଟିଏ ହିଁ ଚର୍ଚ୍ଚା - "ଏଥର ସମିତି କିଏ ହାତେଇବ ?" ସମସ୍ତ ରାଜନୈତିକ ଦଳ ଓ ଦୃଢ଼ ନେତା ଏବେ ଠାରୁ ଗୋଟି ଚାଳନା ଆରମ୍ଭ କରିଦେଲେଣି।

୨୦୨୨ ପଞ୍ଚାୟତ ନିର୍ବାଚନରେ ବହୁ ସଂଘର୍ଷ ପରେ ମିଳିତ ମେଣ୍ଟ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ପରାସ୍ତ କରି ବ୍ଲକ ଅଧ୍ୟକ୍ଷା ପଦ ହାତେଇଥିଲା। ସେହି ବିଜୟର ସ୍ମୃତିକୁ ଆଧାର କରି ଏଥର ମିଳିତ ମେଣ୍ଟ ବିଜେପିରେ ସାମିଲ ହୋଇ ପୁଣି ଥରେ ପଞ୍ଚାୟତ ସମିତି ଦଖଲ ପାଇଁ ରଣନୀତି ପ୍ରସ୍ତୁତ କରୁଛି। ବୁଥ ସ୍ତରରେ କର୍ମୀ ସମ୍ମିଳନୀ, ଘର ଘର ସମ୍ପର୍କ ଅଭିଯାନ ଜୋରଦାର ହେଲାଣି।

ଅନ୍ୟପଟେ କାକଟପୁର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ତୁଷାରକାନ୍ତି ବେହେରା ନିଜେ ଅସ୍ତରଙ୍ଗ ବ୍ଲକ ଉପରେ ଫୋକସ୍ କରିଛନ୍ତି। ୨୦୨୨ର ପରାଜୟର ପ୍ରତିଶୋଧ ନେଇ ପୁନର୍ବାର ସମିତି ଅଧିକାର କରିବାକୁ ବିଜେଡି ଶିବିର ସକ୍ରିୟ। ବିଭିନ୍ନ ପଞ୍ଚାୟତରେ ନୂଆ ମୁହଁଙ୍କୁ ଆଗକୁ ଆଣିବା ସହ "ପୂର୍ବ ବିଜେଡି ସରକାର ଅମଳର ଯୋଜନା ଓ ନିଜ ବିଧାୟକ ପାଣ୍ଠିରେ ହୋଇଥିବା କାମକୁ ପ୍ରଚାରର ମୁଖ୍ୟ ଅସ୍ତ୍ର କରିଛି ଦଳ।

ବିଜେପି ଓ ବିଜେଡି ବ୍ୟତୀତ କଂଗ୍ରେସ ଓ ଆପ ମଧ୍ୟ ମଇଦାନରେ। ଉଭୟ ଦଳ ବିଭିନ୍ନ ପଞ୍ଚାୟତରେ ନିଜ ସଂଗଠନକୁ ସଜାଡି ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ସ୍ଥାନୀୟ ମୁଦ୍ଦା - ପାନୀୟ ଜଳ, ରାସ୍ତାଘାଟ, ଚାଷୀ ସମସ୍ୟା, ସ୍ୱାସ୍ଥ୍ୟ - ଉପରେ ସବୁ ଦଳର ନଜର।

ରାଜନୈତିକ କିଛି ବ୍ୟକ୍ତି ବିଶେଷ କହିଛନ୍ତି, ବିଧାନସଭା ନିର୍ବାଚନ ପରେ ହେଉଥିବା ଏହି ପଞ୍ଚାୟତ ନିର୍ବାଚନ ସମସ୍ତ ଦଳ ପାଇଁ ପ୍ରତିଷ୍ଠାର ପ୍ରଶ୍ନ। ବିଶେଷ କରି ବିଧାୟକ ତୁଷାରକାନ୍ତି ବେହେରାଙ୍କ ପାଇଁ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକ ହାତେଇବା ବଡ ଚ୍ୟାଲେଞ୍ଜ। ସେପଟେ ମିଳିତ ମେଣ୍ଟର ବିଜେପି ମିଶ୍ରଣ ବିଜେଡି ପାଇଁ ଚିନ୍ତାର କାରଣ ପାଲଟିଛି।

ଆଗାମୀ ଦିନରେ ପ୍ରାର୍ଥୀ ଘୋଷଣା ପରେ ଅସ୍ତରଙ୍ଗ ରାଜନୀତି ଆହୁରି ଉଷ୍ମ ହେବ ବୋଲି ଚର୍ଚ୍ଚା ହେଉଛି। ଜନତା ଜନାର୍ଦ୍ଦନ କାହା ଉପରେ ଭରସା କରିବେ, ତାହା ସମୟ ହିଁ କହିବ।

## ପଞ୍ଚାମୁଣ୍ଡାଇକୁ ଗୌରବାନ୍ୱିତ କଲେ ତ୍ରୀବିକ୍ରମ



ପଞ୍ଚାମୁଣ୍ଡାଇ, ୯।୬ (ସଂଚାର ବ୍ୟୁରୋ)ଃ ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା।(ଓଜେଇଇ) ଫଳ ସୋମବାର ପ୍ରକାଶ ପାଇବାପରେ ପଞ୍ଚାମୁଣ୍ଡାଇ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ମଣ୍ଡପଡା ଗ୍ରାମର ଯଯାତି କେଶରୀ ପ୍ରଧାନଙ୍କ ବଡପୁଅ ତ୍ରୀବିକ୍ରମ ପ୍ରଧାନ ଏମସିଏ ପାଠ୍ୟକ୍ରମରେ ସାମଗ୍ର ରାଜ୍ୟରେ ଟପର ହୋଇଛନ୍ତି।ଭଜନେଶ୍ୱର ହାଇସ୍କୁଲରୁ ମ୍ୟାଟ୍ରିକରେ ପ୍ରଥମ ଶ୍ରେଣୀ ଓ କେନ୍ଦ୍ରାପଡ଼ା କଲେଜରୁ ସ୍ନାତକରେ (ପଦାର୍ଥ ବିଜ୍ଞାନ) ପ୍ରଥମ ଶ୍ରେଣୀ ଡିଷ୍ଟିଙ୍ଗସନ ପାଇଥିବା ତ୍ରିବିକ୍ରମ ଙ୍କ ଏହି କୃତିତ୍ୱ ରେ ସବୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଜଙ୍ଗଲ ଭିତରୁ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଯୋଡ଼ା, ୯।୬ (ସଂଚାର ବ୍ୟୁରୋ)ଃ ଯୋଡ଼ା-ବଡ଼ବିଲ ଖଣି ଅଞ୍ଚଳରେ ପୁଣି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟଣା ସାମ୍ନାକୁ ଆସିଛି। ବଡ଼ବିଲ ଥାନା ଅନ୍ତର୍ଗତ ଭାଦ୍ରାସାହି ଛକ ନିକଟରେ ଥିବା ଇଣ୍ଡିଆନ୍ ଗ୍ୟାସ ପ୍ଲାଣ୍ଟ ପଛପଟ ଜଙ୍ଗଲରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ପ୍ରାଥମିକ ତଦନ୍ତରୁ ମୃତକଙ୍କୁ ପଥରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ଭାଦ୍ରାସାହି ଛକଠାରୁ ପ୍ରାୟ ୫୦୦ ମିଟର ଏବଂ ଜାତୀୟ ରାଜପଥ- ୨୨୦ ଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିବା ଜଙ୍ଗଲ ମଧ୍ୟରେ ଗତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସୋମବାର ସକାଳେ କିଛି ସ୍ଥାନୀୟ ଲୋକ ଜଙ୍ଗଲ ମଧ୍ୟରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ।

ଖବର ପାଇ ବଡ଼ବିଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ସୁରାଗ ପାଇବା ଓ ଅପରାଧୀଙ୍କ ଚିହ୍ନଟ ଉଦ୍ଦେଶ୍ୟରେ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। ତଦନ୍ତ ସମୟରେ ବଡ଼ବିଲ ଆଇଆଇସି ଅଶୋକ ନାୟକ, ଯୋଡ଼ା ଇନ୍‌ଚାର୍ଜ ଇନ୍ସପେକ୍ଟର ସୁଶାନ୍ତ ପ୍ରଧାନ, ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ପୋଲିସ ବଳ ଉପସ୍ଥିତ ରହିଥିଲେ।

ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବାବେଳେ ହତ୍ୟା ପଛର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ପୋଲିସ ବଡ଼ବିଲ ଥାନା କେସ୍ ନଂ- ୨୪୫/୨୦୨୬ ଅନୁଯାୟୀ ଧାରା ୧୦୩(୧) ଓ ୨୩୮ ବିଏନଏସ୍‌ରେ ମାମଲା ରୁଜୁ କରି ତଦନ୍ତକୁ ଆଗେଇ ନେଉଛି। ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି।

ଏହି ଘଟଣା ପରେ ଯୋଡ଼ା- ବଡ଼ବିଲ ଖଣି ଅଞ୍ଚଳରେ ଆଇନ-ଶୃଙ୍ଖଳା ପରିସ୍ଥିତିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ଦେଖାଦେଇଛି। ଅପରାଧୀଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ସହ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ଜନବସତି କଡ଼ରେ ଗଦା ହେଉଛି ସହର ଯାକର ଅଳିଆ

# ଦୁର୍ଗନ୍ଧରେ ଫାଟି ପଡୁଛି ସାପ୍ତାହିକ ହାଟ



**କାମାକ୍ଷାନଗର,୯।୬(ସଂଚାର ବ୍ୟୁରୋ):** ଚିତ୍ର ଦେଖିଲେ ଆପଣ ସହଜରେ ଅନୁମାନ କରିପାରୁଥିବେ ସ୍ଥିତି କେତେ ସାଙ୍ଘାତିକ। ଏ ନିଆଁ ଠାରୁ ଲୋକଙ୍କ ଘର ମାତ୍ର ୫୦ ମିଟର ଦୂରରେ। ସହରରୁ ଅଳିଆ ଆଣି ଏଠାରେ ଗଦା କରିବା ପରେ, ସେଥିରେ ନିଆଁ ଲଗାଇ ଦେଉଛି ଏନଏସି। ଗୋଟିଏ ପଟେ ପ୍ରତିଦିନ ଆବର୍ଜନାର ଦୁର୍ଗନ୍ଧ ଅନ୍ୟପଟେ ଧୂଆଁ, ଲୋକେ ଆକ୍ତାମାକ୍ତା ହୋଇଯାଉଛନ୍ତି। କାମାକ୍ଷାନଗର ଦାସୀ କଲ୍ୟାଣ ମଣ୍ଡପ ନିକଟକୁ ଅସ୍ଥାୟୀ ଡମ୍ପିଂୟାର୍ଡ କରିଛି ଏନ୍ଏସି! ଗତ କିଛି ଦିନ ହେବ ସହରରୁ ବାହାରୁଥିବା ଆବର୍ଜନାକୁ ମଣ୍ଡପ ନିକଟରେ ଗଦା କରୁଛି। ଫଳରେ ନିକଟରେ ଥିବା ଗୁପ୍ତିନଗର ସାହିର ୪୦ରୁ ଅଧିକ ପରିବାର ଦୁର୍ଗନ୍ଧରେ ବସି ଉଠିପାରୁନାହାନ୍ତି। ଅଳିଆ ଯେଉଁଠି ପକାଯାଉଛି ଏହା ନିକଟରେ ଦାସୀ ପୋଖରୀ, ପାର୍କ ଏବଂ ସାପ୍ତାହିକ ହାଟ ମଧ୍ୟ ରହିଛି। ହେଲେ ଏନ୍ଏସିର ବେପରୁଆ ନୀତି ଯୋଗୁଁ ବ୍ୟବସାୟୀ, ଗ୍ରାହକ ଏଠାକୁ ଆସିବାକୁ ନାକ ଟେକୁଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହୋଇଛି। ନିଜର ଦାୟିତ୍ୱକୁ ସହଜ କରିବାକୁ ଯାଇ ଏନ୍ଏସି ଯେଉଁଭଳି ଭାବେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛି, ତାକୁ ସ୍ଥାନୀୟ ଅଞ୍ଚଳରେ ନାପସନ୍ଦ କରାଯାଇଛି।

ଆକ୍ସନ ମୋଡ଼ରେ ଦାରିଙ୍ଗବାଡି ପୁଲିସ

# ୭ ଅଟୋ, ୫ ବାଇକ ଜବତ



**ଦାରିଙ୍ଗବାଡି,୯।୬(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣା ହ୍ରାସ କରିବା ସହ ଦୁର୍ଘଟଣାରେ ପୀଡ଼ିତ ପରିବାରମାନେ ଯଥୋଚିତ ନ୍ୟାୟ ଏବଂ ବୀମା ରାଶି ପାଇପାରନ୍ତୁ, ସେଥିପାଇଁ ଦାରିଙ୍ଗବାଡି ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ (ସ୍ପେଶାଲ ଡ୍ରାଇଭ୍) ଚାଲୁ ରହିଛି। ଏହି ଅଭିଯାନ ଅନ୍ତର୍ଗତ ପୁଲିସ ପକ୍ଷରୁ ପ୍ରତିଦିନ ବିଭିନ୍ନ ସ୍ଥାନରେ ବ୍ଲକିଂ କରାଯାଇ ଗାଡ଼ିମୋଟର ଯାଞ୍ଚ କରାଯାଉଛି। ବିଶେଷକରି ଗାଡ଼ିର ଇନ୍ସ୍ୟୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ, ଫିଟନେସ୍ ସାର୍ଟିଫିକେଟ୍, ହେଲମେଟ ବ୍ୟବହାର ଏବଂ ସିଟ୍‌ବେଲ୍ଟ ପିନ୍ଧିବା ଆଦି ନିୟମକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। ଦାରିଙ୍ଗବାଡି ଥାନା ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗୋପାଳପୁର-ରାୟପୁରକୁ ସଂଯୋଗ କରୁଥିବା ୫୯ ନମ୍ବର ଜାତୀୟ ରାଜପଥରେ, ଦାରିଙ୍ଗବାଡିରୁ ସିମନବାଡ଼ି ମଧ୍ୟରେ ଗାଡ଼ିମୋଟର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଆବଶ୍ୟକ କାଗଜପତ୍ର ନଥିବାରୁ ୭ଟି ଅଟୋରିକ୍ସା ଏବଂ ୫ଟି ମୋଟରସାଇକେଲକୁ ଜବତ କରାଯାଇ ଥାନାକୁ ଅଣାଯାଇଛି। ଆଇଆଇସି ଶ୍ରୀ ଜେନା ସୂଚନା ଦେଇଛନ୍ତି ଯେ, ଜବତ ହୋଇଥିବା ଗାଡ଼ିଗୁଡ଼ିକର ଇନ୍ସ୍ୟୁରାନ୍ସ ସମେତ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଅପଡେଟ୍ କରାଯିବା ପରେ ସମ୍ପୃକ୍ତ ଗାଡ଼ିମାଲିକଙ୍କୁ ଗାଡ଼ି ହସ୍ତାନ୍ତର କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ମଧ୍ୟ ଦାରିଙ୍ଗବାଡି ପୁଲିସ ଇନ୍ସ୍ୟୁରାନ୍ସ ନଥିବା ଅଭିଯୋଗରେ ୧୨ଟି ଅଟୋରିକ୍ସାକୁ ଜବତ କରିଥିଲା। ସଡ଼କ ସୁରକ୍ଷା ନିୟମ ପ୍ରତି ସଚେତନତା ବୃଦ୍ଧି ଏବଂ ଦୁର୍ଘଟଣା ରୋକିବା ଉଦ୍ଦେଶ୍ୟରେ ଏଭଳି ଯାଞ୍ଚ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ

**ମ.ରାମପୁର,୯।୬ (ସଂଚାର ବ୍ୟୁରୋ):** ସୋମବାର ପ୍ରତିଦିନ ଖବର କାଗଜ ମ.ରାମପୁର ବ୍ଲକ ପ୍ରତିନିଧି ବରିଷ୍ଠ ସାମ୍ବାଦିକ ପୟଧର ସାହୁଙ୍କ ମା ଅମୃତ ସାହୁ ଙ୍କର ୭୦ ବର୍ଷ ବୟସରେ ବମକ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଏହି ଖବର ରେ ବିଭିନ୍ନ ମହଲର ଲୋକେ ଶୋକ ପ୍ରକାଶ କରିଥିବା ବେଳେ ମ. ରାମପୁର ପ୍ରେସ୍ କ୍ଲବ୍ ସଭାପତି ପ୍ରଶାନ୍ତ ସାମନ୍ତରା ଙ୍କ ସହ ସମସ୍ତ କର୍ମକର୍ତ୍ତା ଗଭୀର ଦୁଃଖ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାର କୁ ସମବେଦନା ଜଣାଇଛନ୍ତି। ସେ ଜଣେ ଆମାୟିକ ଓ ଧର୍ମପରାୟଣ ମହିଳା ଭାବରେ ଅଞ୍ଚଳରେ ବେଶ ଜଣାଶୁଣା ଥିବାବେଳେ ମଧୁମେୟ ଜନିତ ଅସୁସ୍ଥତା ଯୋଗୁଁ ସେ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ହିନ୍ଦୁ ରୀତିନୀତି ଅନୁଯାୟୀ ନିଜସ୍ୱ ଗାଁ ଶ୍ମଶାନ ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ବାଲ୍ୟ ବିବାହ ରୋକିବା ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୯।୬ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗର ସମନ୍ୱୟରେ ସୁବର୍ଣ୍ଣପୁର ଜିଲ୍ଲାରେ କିପରି ଭାବରେ ବାଲ୍ୟ ବିବାହ ରୋକାଯାଇପାରିବ, ସେ ବିଷୟରେ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। କିଶୋରୀ ଗର୍ଭଧାରଣ ଭଳି ଗୁରୁତର ସମସ୍ୟାର ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୟୁନିସେଫ ଭୁବନେଶ୍ୱରର ସହଯୋଗରେ ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନଙ୍କ ସହ ୟୁନିସେଫର ସମ୍ବଳ ବ୍ୟକ୍ତି ଘାସିରାମ ପଣ୍ଡା ଶିକ୍ଷା ପ୍ରଦାନ କରିଥିଲେ। ଜିଲ୍ଲାପାଳ ଡ଼. ସାହୁ କହିଥିଲେ ଯେ, ବାଲ୍ୟ ବିବାହ ସମ୍ବନ୍ଧୀୟ ଘଟଣାରେ ଆଇନ ପ୍ରୟୋଗ ସହିତ ମାନବିକ ଦୃଷ୍ଟିକୋଣକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ଯଦିଓ ଯୁବକ-ଯୁବତୀଙ୍କ ବୟସ ବିବାହ ପାଇଁ ଅନୁମତିପ୍ରାପ୍ତ ବୟସରେ ପହଞ୍ଚି ନଥାଏ, ସେମାନଙ୍କ ଭାବନା, ପରିବାରର ପରିସ୍ଥିତି ଏବଂ ସେମାନଙ୍କ ଭବିଷ୍ୟତକୁ ବିଚାର କରି ନିଷ୍ପତ୍ତି ନେବା ଉଚିତ। କେବଳ ଆଇନଗତ ପଦକ୍ଷେପ ନୁହେଁ, ବରଂ ସଚେତନତା, ପରାମର୍ଶ ଓ ସମନ୍ୱୟ ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ଚାରି ବର୍ଷ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ୧୦୧ଟି ବାଲ୍ୟ ବିବାହକୁ ରୋକାଯାଇଛି ଏବଂ ୧, ୪୫୫ଟି ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି। ଜିଲ୍ଲାରେ ଶିଶୁମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଥିବା ବେଳେ, ପ୍ରତ୍ୟେକ ଜିଲ୍ଲା ପରି ସୁବର୍ଣ୍ଣପୁରରେ ମଧ୍ୟ ମହିଳା ସଶକ୍ତିକରଣ କେନ୍ଦ୍ରଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଉଛି।

## ଏସଆଇଆର ପ୍ରକ୍ରିୟା ନେଇ ବ୍ଲକସ୍ତରୀୟ ସମୀକ୍ଷା ଓ ଭୋଟର ସଚେତନତା ଶିବିର

**ମାଲକାନଗିରି,୯।୬ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ବ୍ଲକରେ ପ୍ରଶାସନିକ ସମୀକ୍ଷା ବୈଠକ ଏବଂ ସ୍ୱିପ୍ ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ୧୪୭ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ମାଥିଲି ବ୍ଲକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ଇଆରଓ ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମାଥିଲି ବିଡିଓ ତଥା ଏଇଆରଓ ଏବଂ ସହକାରୀ କଲେକ୍ଟର ନିର୍ବାଚନ ଉପସ୍ଥିତ ରହି କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିଥିଲେ। ଅନୁରୂପ ଭାବେ ଚିତ୍ରକୋଣ୍ଡା ବ୍ଲକରେ ମଧ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ବିଏଲଓ ଏବଂ ସୁପରଭାଇଜରମାନଙ୍କୁ ନେଇ ଏକ ବୈଠକ କରାଯାଇ ଏନୁମେରେସନ ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଏହାର ଡିଜିଟାଇଜେସନ ପ୍ରକ୍ରିୟାର ସମୀକ୍ଷା କରାଯାଇଛି, ଯେଉଁଥିରେ ଚିତ୍ରକୋଣ୍ଡା ବିଡିଓ-ତଥା-ଏଇଆରଓ ଏବଂ ସମସ୍ତ ନିର୍ବାଚନ କର୍ମଚାରୀ ସାମିଲ ଥିଲେ। ଅପରପକ୍ଷେ, ୧୪୬ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ମାଲକାନଗିରି ବ୍ଲକର ଏସଆଇଆର ୨୬ ପ୍ରକ୍ରିୟାର ଅଗ୍ରଗତି ନେଇ ଉପଜିଲ୍ଲାପାଳ ତଥା ଇଆରଓ ଏକ ସ୍ୱତନ୍ତ୍ର ସମୀକ୍ଷା କରିଛନ୍ତି। ଏହି ବୈଠକରେ ସମସ୍ତ ବିଏଲଓ, ସୁପରଭାଇଜର, କାର୍ଯ୍ୟରେ ପଛୁଆ ଥିବା ବିଏଲଓ ଏବଂ ସଂଶ୍ଳିଷ୍ଟ ଟ୍ୟାଗ୍ଡ ଅଧିକାରୀମାନଙ୍କୁ କାର୍ଯ୍ୟରେ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଭୋଟରମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭୋଟର ସଚେତନତା ଫୋରମ ଆୟୋଜନ କରାଯାଇଥିଲା।

## ଏସଆଇଏଚଏମ୍‌ରେ ନାମ ଲେଖାଇଲେ ୩ ଛାତ୍ରଛାତ୍ରୀ

**ବଲାଙ୍ଗିର,୯।୬ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ (ଏସ ଆଇ ଏଚ ଏମ୍) ଠାରେ ୬ ମାସ ସାର୍ଟିଫିକେଟ କୋର୍ସ ପାଠ ପଢ଼ି ଶିଘ୍ର ନିଯୁକ୍ତି ମିଳିବା ପାଇଁ ପିତୃ ଓ ମାତୃହିନ ଛାତ୍ର ଛାତ୍ରୀ ମାନଙ୍କୁ ସରକାରଙ୍କ ଦ୍ୱାରା ଯଶୋଦା ଯୋଜନା ମାଧ୍ୟମରେ ନାମ ଲେଖାଇବାକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି।ଏହି ଅବସରରେ ଆଜି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବର୍ଗତିଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ସାହୁ, ସ୍ନେହା ଜେନା ଓ ରୋହନ ସେଲମାଙ୍କର ନାମ ଲେଖାଯାଇଛି। ଏହି ଛାତ୍ର ଛାତ୍ରୀ ମାନଙ୍କୁ ଏସ ଆଇ ଏଚ ଏମ୍ ର ଅଧ୍ୟକ୍ଷ ଡଃ. ଏକନାଥ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ ୬ ମାସ କୋର୍ସ ଶେଷ ହେବା ପୂର୍ବରୁ କ୍ୟାମ୍ପସ ନିଯୁକ୍ତି ନିଶ୍ଚିତ ବୋଲି କହିଛନ୍ତି।

## ହାର୍ଟ ଅପରେସନ ପାଇଁ ୧୪ ପିଲାଙ୍କ କଲ୍‌କାତା ଯାତ୍ରା



**ବୈଶିଙ୍ଗା,୯।୬ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ମଙ୍ଗଳବାର ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଜୟଦେବ ପଣ୍ଡା ଙ୍କ ନେତୃତ୍ୱରେ ୧୪ ଜଣ ଛୋଟ ପିଲାଙ୍କ ହାର୍ଟ ଅପରେସନ୍ ପାଇଁ କଲିକତା ସ୍ଥିତ ରବୀନ୍ଦ୍ରନାଥ ଟାଗୋର କାର୍ଡିଓ ହସପିଟାଲ କୁ ବସ ଯୋଗେ ଯାତ୍ରା କରିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ର ମୁଖ୍ୟ ଡାକ୍ତର ପି କେ ମହାପାତ୍ର ଙ୍କ ସହିତ ଅନ୍ୟ ଡାକ୍ତର ଏବଂ ଛୋଟ ଛୋଟ ପିଲାଙ୍କ ବାପା ମାଆ ମଧ୍ୟ ଉପସ୍ଥିତ ରହିଥିଲେ। ସରକାରଙ୍କ ତରଫରୁ ବାଲ୍ ସ୍ୱାସ୍ଥ୍ୟ ସେବା ଜରିଆରେ ଏଭଳି ଗରିବ ଲୋକଙ୍କ ପାଇଁ ସହଯୋଗ କରାଯାଉଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି। ଗତ ମେ ମାସ ୧୫ ତାରିଖ ରେ ମଧ୍ୟ ୧୩ ଜଣ ପିଲାଙ୍କ ହାର୍ଟ ଅପରେସନ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଡାକ୍ତର ଜୟଦେବ ପଣ୍ଡା କଲିକତା ଯାତ୍ରା କରିଥିଲେ।

ଧୂଳି ପ୍ରଦୂଷଣ ବିରୋଧରେ ନଗର କଂଗ୍ରେସର ପ୍ରତିବାଦ

## ମାସ୍କ ବଣ୍ଟନ, ଦୁର୍ଘଟଣାରେ ଏଫ୍ଆଇଆର ଦାଖଲ



**ବଲାଙ୍ଗିର,୯।୬ (ସଂଚାର ବ୍ୟୁରୋ):** ବଲାଙ୍ଗିର ସହରରେ ବଢୁଥିବା ଧୂଳି ପ୍ରଦୂଷଣ ଏବଂ ରାସ୍ତାର ଅବ୍ୟବସ୍ଥା ବିରୋଧରେ ଆଜି ବିକ୍ରମ ଛକ ଠାରେ ନଗର କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ ଯେ ବଲାଙ୍ଗିର ସହରରେ ବିଭିନ୍ନ ବନ୍ଧର ପୁନଃରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାରେ ବହୁ ପରିମାଣର ମାଟି ଓ ଧୂଳି ପଡ଼ି ରହିଥିବାରୁ ସାଧାରଣ ଜନତା ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବର୍ଷା ପାଣି ପଡ଼ିବା ପରେ ଏହି ଧୂଳି ଓ ମାଟି କାଦୁଅ ରେ ପରିଣତ ହୋଇ ରାସ୍ତାକୁ ପିଚ୍ଛିଳା କରିଦେଉଛି। ଆଜି ସ୍ଥାନୀୟ ଗାନ୍ଧୀନଗର ପଡ଼ାରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନଗର କଂଗ୍ରେସ ପକ୍ଷରୁ ଏହି ଘଟଣା ପାଇଁ ଦାୟୀ ଥିବା ଅଭିଯୋଗରେ ବଲାଙ୍ଗିର ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଧ୍ୟକ୍ଷାଙ୍କ ବିରୋଧରେ ଏଫ୍ଆଇଆର ରୁଜୁ କରି ତଦନ୍ତ କରିବାକୁ ଦାବି କରାଯାଇଛି। ନଗର କଂଗ୍ରେସ ସଭାପତି ବୁଲୁ ଦାନୀ କହିଛନ୍ତି ଯେ ଜନସାଧାରଣଙ୍କ ଜୀବନ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଏହି ଅବ୍ୟବସ୍ଥା ବିରୋଧରେ ଆନ୍ଦୋଳନ ଜାରି ରହିବ ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପର୍ଯ୍ୟନ୍ତ ସଂଗଠନ ଚୁପ ରହିବ ନାହିଁ। ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ଆଜିର ବିକ୍ଷୋଭ ସଭାରେ ହିମାଂଶୁ ନାୟକ, କୈଳାସ ମିଶ୍ର, ସମିର କୁମ୍ଭାର, ବ୍ରଜ ସେଠି, ଅଙ୍କିତ ସାହୁ, କିଶୋର ଦଣ୍ଡସେନା, ନୀତିଶ ପଧାନ, କିରଣ ସେଠ, ଚିନ୍ମୟ ବେହେରା, ସୋହନ ନାଏକ ପ୍ରଭୃତି ଉପସ୍ଥିତ ଥିଲେ।

## ନଳକୂପରେ ମୋଟର ଲଗାଇ ଚତୁଃପାର୍ଶ୍ୱ ଘେରିଲେ ୱାର୍ଡ ମେମ୍ବର

**ସମ୍ବଲପୁର,୯।୬ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ସାଲେଭାଡ଼ି ଗ୍ରାମର ୬ ନମ୍ବର ୱାର୍ଡରେ ଥିବା ଏକମାତ୍ର ନଳକୂପର ପାନୀୟ ଜଳ ଏହି ୱାର୍ଡର ପ୍ରାୟ ୧୦ ଟି ପରିବାର ବ୍ୟବହାର କରୁଥିଲେ। ମାତ୍ର ଏବେ ସେହି ୱାର୍ଡର ୱାର୍ଡ ମେମ୍ବର ଗଜମତୀ କିସାନ ଓ ତାଙ୍କ ସ୍ୱାମୀ ନଳକୂପର ହ୍ୟାଣ୍ଡେଲକୁ ଖୋଲି ଏକ ବିଦ୍ୟୁତ ଚାଳିତ ପାଣି ପମ୍ପ ସ୍ଥାପନ କରିବା ସହ ଏହାର ଚତୁର୍ପାର୍ଶ୍ୱକୁ ସବୁଜ ନେଟ୍ ରେ ଘେରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଫଳରେ ଗ୍ରାମର ଅନ୍ୟ ୯ଟି ପରିବାର ଦୈନନ୍ଦିନ ପାଣି ସଂଗ୍ରହରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଆଜି ୱାର୍ଡବାସୀ ମାନେ ଜମନକିରା ବିଡିଓ ରବୀନ୍ଦ୍ର ସେଠୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଏନେଇ ବିଡିଓ ରବୀନ୍ଦ୍ର ସେଠୀ କହିଛନ୍ତି ଯେ, ଘଟଣାର ସ୍ଥଳ ପରିଦର୍ଶନ କରାଯିବ ଏବଂ ତଦନ୍ତ ପରେ ଯାହା ଆବଶ୍ୟକ ଓ ଉଚିତ ପଦକ୍ଷେପ ତାହା ନିଶ୍ଚିତ ଗ୍ରହଣ କରାଯିବ। ସରକାରୀ ନଳକୂପର ଏପରି ଅପବ୍ୟବହାରକୁ ନେଇ ଉଠିଥିବା ଏହି ବିବାଦ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷର କାରଣ ପାଲଟିଛି। ବ୍ଲକ ପ୍ରଶାସନ କେବେ ଏବଂ କିପରି ଏହି ସମସ୍ୟାର ନ୍ୟାୟୋଚିତ ପଦକ୍ଷେପ ନେଇ ନିରପେକ୍ଷ ସମାଧାନ କରିବ ଏବେ ତାକୁହିଁ ଦେଖିବାକୁ ଅପେକ୍ଷା।

## ଛେଳି ମାଲିକ ଘରକୁ ଛେଳିପଲ ସହ ଗାଁକୁ ଚାଲିଆସିଥିଲା କୁଟୁରା



**ବଣାଇଁ,୯।୬ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ଅନ୍ତର୍ଗତ ଜାମୁଡ଼ିହି ସେକ୍ସନର ଝିରପାଣି ଗ୍ରାମରୁ ସୋମବାର ଏକ କୁଟୁରା ଛୁଆକୁ ବନ ବିଭାଗ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା କୁଟୁରା ଛୁଆଟି ପ୍ରାୟ ଦୁଇ ମାସ ପୂର୍ବରୁ ଜଙ୍ଗଲରେ ଚରୁଥିବା ଛେଳିପଲ ସହ ଗାଁକୁ ଚାଲିଆସିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଝିରପାଣି ଗ୍ରାମର ଜଣେ ଛେଳିପାଳକ ଜଙ୍ଗଲରେ ଛେଳି ଚରାଉଥିବା ବେଳେ କୁଟୁରା ଛୁଆଟି ଛେଳି ଏ ସମ୍ପର୍କରେ ଖବର ପାଇବା ପରେ ବଣାଇଁ ବନଖଣ୍ଡର ଡିଏଫଓ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଝିରପାଣି ଗ୍ରାମରେ ପହଞ୍ଚି ଚଢ଼ାଉ କରି କୁଟୁରା ଛୁଆଟିକୁ ଉଦ୍ଧାର କରିଥିଲେ। ଡିଏଫଓ ସେଠୀଙ୍କ କହିବା ଅନୁସାରେ, ଉଦ୍ଧାର ହୋଇଥିବା କୁଟୁରା ଛୁଆଟି ସମ୍ପୂର୍ଣ୍ଣ ସୁସ୍ଥ ରହିଛି। ଏହାର ସୁରକ୍ଷା ଓ ଯତ୍ନ ନିମନ୍ତେ ଅସ୍ଥାୟୀ ଭାବେ ରାଉରକେଲାସ୍ଥିତ ଆଇଜି ପାର୍କରେ ରଖିବା ପାଇଁ ବ୍ୟବସ୍ଥା କରାଯାଉଛି। ପରବର୍ତ୍ତୀ ସମୟରେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଏହାର ଦେଖାଶୁଣା ଓ ପୁନର୍ବାସ ବ୍ୟବସ୍ଥା କରାଯିବ। ବନ ବିଭାଗର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଇଥିବା ବେଳେ ବନ୍ୟପ୍ରାଣୀ ସୁରକ୍ଷା ପ୍ରତି ସଚେତନତା ବୃଦ୍ଧି କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

## ହାଇୱାରେ ଅଗ୍ନିକାଣ୍ଡ, ସମ୍ପୂର୍ଣ୍ଣ ଜଳି ପାଉଁଶ

**ଝାରସୁଗୁଡା,୯।୬ (ସଂଚାର ବ୍ୟୁରୋ):** ବଡ଼ମାଲ ବିଜୁ ପଟ୍ଟନାୟକ ଛକ ନିକଟରେ ଗତକାଲି ରାତି ପ୍ରାୟ ୧୦ ଟା ରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ହାଇୱାରେ ହଠାତ୍ ନିଆଁ ଲାଗିଯିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ହାଇୱାଟି ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ହଠାତ୍ ଏଥିରୁ ଧୂଆଁ ବାହାରିବା ସହ ନିଆଁ ବ୍ୟାପି ଯାଇଥିଲା। ଦେଖୁଦେଖୁ ଅଗ୍ନିଶିଖା ସମଗ୍ର ଗାଡ଼ିକୁ କବଳିତ କରିଥିଲା। ସ୍ଥାନୀୟ ଲୋକେ ଘଟଣା ଦେଖି ତୁରନ୍ତ ବଡ଼ମାଲ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବଡ଼ମାଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିବା ସହ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ କର୍ମଚାରୀମାନେ ପହଞ୍ଚି ଦୀର୍ଘ ସମୟ ଧରି ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ହାଇୱାଟି ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଥିଲା। ଅଗ୍ନିକାଣ୍ଡର ସଠିକ୍ କାରଣ ତୁରନ୍ତ ଜଣାପଡ଼ିନଥିବା ବେଳେ ବୈଷୟିକ ତ୍ରୁଟି କିମ୍ବା ସର୍ଟ ସର୍କିଟ୍ ଯୋଗୁଁ ଏହି ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି।

ଗ୍ୟାସ ଗୋଦାମରୁ ଚୋରି ଘଟଣା

## ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୯।୬(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ମହତାବନଗର ସ୍ଥିତ ଇଣ୍ଡେନ୍ ଗ୍ୟାସ ଗୋଦାମରେ ଘଟିଥିବା ଚୋରି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ବୁର୍ଲା ଥାନା ଅନ୍ତର୍ଗତ ମହତାବନଗର ଅଞ୍ଚଳର ୨୮ ବର୍ଷିୟ କରଣ ସେଠ ଓରଫ ବିକି ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୯ ତାରିଖ ରାତି ୧୧ଟାରୁ ସକାଳ ୭ଟା ପଯ୍ୟନ୍ତ ଅଭିଯୁକ୍ତ କରଣ ଓ ନିଜର ଦୁଇ ସହଯୋଗୀ ଉକ୍ତ ଇଣ୍ଡେନ୍ ଗ୍ୟାସ ଗୋଦାମରେ ପଶି ବୋହି ନେବାର ସକ୍ଷମ ଅନୁଯାୟୀ ସର୍ବସ୍ୱ ଚୋରି କରି ଫେରାର ହୋଇ ଯାଇଥିଲେ। ଥାନାରେ ଅଭିଯୋଗ ହେବାପରେ ପୋଲିସ ଏହି ଘଟଣାର ଅନୁସନ୍ଧାନ କରୁଥିବା ବେଳେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ ସୋମବାର ରାତି ୧୧ ଠାରୁ ସାଢ଼େ ୧୧ଟା ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ପୋଲିସ କରଣକୁ ଗିରଫ କରିବା ସହ ତା' ନିକଟରୁ ଏକ ସୁଜୁକି ବର୍ଗମ୍ୟାନ ସ୍କୁଟର, ଏକ ଲୁହା ଛୁରୀ, ଏକ ଫ୍ରଣ୍ଟେକ୍ ସିପିୟୁ, କି ବୋର୍ଡ, ମାଉସ, ମନିଟର, ୧୪ କେଜି ବିଶିଷ୍ଟ ଦୁଇଟି ଖାଲି ଗ୍ୟାସ ସିଲିଣ୍ଡର, ଗ୍ୟାସ ରିଫିଲିଂ କେବୁଲ ଓ ଏକ ଏଲଇଡି ଲାଇଟ୍ ସମେତ ବିଭିନ୍ନ ଚୋରି ସାମଗ୍ରୀ ଜବତ କରିଥିଲା। ଏବେ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା କରଣର ଦୁଇ ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ ଜୋରଦାର ତନାଘନା ଜାରି ରଖିଥିବା ଜଣାପଡ଼ିଛି।

## ପ୍ରବାସୀ ଶ୍ରମିକମାନଙ୍କର ସାମାଜିକ, ଆର୍ଥିକ, ଆଇନଗତ ସଚେତନତା କାର୍ଯ୍ୟକ୍ରମ



**ଭଞ୍ଜନଗର,୯।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ, ବ୍ରହ୍ମପୁରର ଆନୁକୂଲ୍ୟରେ ମଙ୍ଗଳବାର ଭଞ୍ଜନଗରସ୍ଥିତ ଆର୍.ଏମ୍.ସି. ସମ୍ମିଳନୀ କକ୍ଷରେ "ପ୍ରବାସୀ ଶ୍ରମିକମାନଙ୍କ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଏବଂ ମୌଳିକ କର୍ତ୍ତବ୍ୟ" ଶୀର୍ଷକ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଞ୍ଜନଗରର ସିନିୟର ସିଭିଲ ଜଜ ଦେବାଶିଷ ବିଶୋଇ ଏବଂ ଏସ୍.ଡି.ଜେ.ଏମ୍. ସୌମ୍ୟରଞ୍ଜନ ପୃଷ୍ଟି ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରବାସୀ ଶ୍ରମିକମାନଙ୍କର ସାମାଜିକ, ଆର୍ଥିକ ଓ ଆଇନଗତ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମାନେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା, ନିଶୁଳ୍କ ଆଇନ ସହାୟତାର ସୁବିଧା ଏବଂ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ।

## ପ୍ରତି ଗାଁ ପ୍ରତି ଘରକୁ ଯୋଗର ବାର୍ତ୍ତା ପହଞ୍ଚାଇବାକୁ ପରାମର୍ଶ ଦେଲେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ



**ସୁବର୍ଣ୍ଣପୁର,୯।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମାର ସ୍ମାର୍ଟ ପାର୍କ ଠାରେ ପତଞ୍ଜଳି ଜିଲ୍ଲା ଯୋଗ ପରିବାର, ଆୟୁଷ ମନ୍ତ୍ରଣାଳୟ ଭାରତ ଓ ଦିବ୍ୟ ଉର୍ଜ୍ଜ୍ୟା ଯୋଗ ସେବା ସମିତି ର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଆଗାମୀ ବିଶ୍ୱ ଯୋଗ ଦିବସ କୁ ସବୁ ବର୍ଗ ର ଲୋକ ଙ୍କୁ ରେକର୍ଡ ସଂଖ୍ୟା ରେ ଯୋଡ଼ି ମହା ସମାରୋହ ରେ ପାଳନ କରିବାକୁ ଓ ଏହାକୁ ବ୍ୟାପକ କରିବାକୁ ଏହି ଉତ୍ସବ ରେ ଯୋଜନା ପ୍ରସ୍ତୁତି କରାଯାଇଛି। ଏହି ପ୍ରଶିକ୍ଷଣ ଶିବିର ଜୁନ୍ ୨୧ ରେ ପାଳନ ହେବାକୁ ଥିବା ବିଶ୍ୱ ଯୋଗ ଦିବସ ପାଇଁ ଏଇ ପ୍ରସ୍ତୁତି ବୈଠକ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀର ମହାରାଜ ବିଧାୟକ ଇଂ ରଘୁନାଥ ଜଗଦଲା ଉପସ୍ଥିତ ରହି ନିଜର ଜୀବନକୁ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ହେବାକୁ ପ୍ରତି ବ୍ୟକ୍ତି ପ୍ରତି ଦିନ ଯୋଗ ପ୍ରାଣାୟମ ଆପଣେଇବାକୁ ପଡ଼ିବ ବୋଲି କହିଥିଲେ କ୍ଷ ଜୁନ ୨୧ ଆଗାମୀ ବିଶ୍ୱ ଯୋଗ ଦିବସ କୁ ଭବ୍ୟ ଓ ଯୋଗମୟ ଜିଲ୍ଲା କରିବାକୁ ସମସ୍ତ ଙ୍କୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ପ୍ରତି ଯୁବ ବର୍ଗ ଙ୍କୁ ଯୋଗରେ ଯୋଡିବାକୁ ପରାମର୍ଶ କରିଥିଲେ। ସଭା ଶେଷରେ ଶ୍ରୀ ଗୋପାଳ ଜି ଯୋଗାଳୟର ବରିଷ୍ଠ ଯୋଗୀ ନିରଞ୍ଜନ ତ୍ରିପାଠୀ ଯୋଗର ପ୍ରଚାର ପ୍ରସାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ଅବ୍ୟବସ୍ଥା ଘେରରେ ଥିବା ଅସ୍ଥାୟୀ ବସଷ୍ଟାଣ୍ଡକୁ ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

# ସ୍ଥାୟୀ ବିଶ୍ରାମ ଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ



**ସୁବର୍ଣ୍ଣପୁର,୯।୬(ସଂଚାର ବ୍ୟୁରୋ):** ସୋନପୁର ସହରର ଅସ୍ଥାୟୀ ବସଷ୍ଟାଣ୍ଡକୁ ସୁବର୍ଣ୍ଣପୁର ଜିଲ୍ଲପାଳ ଡ଼ ନୃପରାଜ ସାହୁ ଅଚାନକ ପରିଦର୍ଶନ କରିଥିଲେ। ବସଷ୍ଟାଣ୍ଡ ଠାରେ ଥିବା ଯାତ୍ରୀ ଙ୍କ ପାଇଁ ସ୍ଥାୟୀ ବିଶ୍ରାମ ଗାର, ଓ ବିଭିନ୍ନ ମୌଳିକ ସୁବିଧା ତୁରନ୍ତ ଯୋଗାଇ ଦେବା ପାଇଁ ପୌର ପରିଷଦ ଅଧିକାରୀ ଋଷି ମାଝୀ ଓ ବିଭାଗୀୟ ଯନ୍ତ୍ରୀ ଙ୍କୁ ନିର୍ଦ୍ଦେଶ କରିଥିଲେ। ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ର ସ୍ୱଚ୍ଛତା, ବିଦ୍ୟୁତ୍ କରଣ, ରାତ୍ରୀ କାଳୀନ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା, ବସଷ୍ଟାଣ୍ଡ୍ ରେ ଥିବା ଅସ୍ଥାୟୀ ଦୋକାନୀ ମାନେ ଆଗକୁ ମାଡ଼ି ଆସିଥିବାରୁ ସଙ୍କୁଚିତ ହେଉଥିବା ବସଷ୍ଟାଣ୍ଡ କୁ ପ୍ରସାରିତ କରିବା ପାଇଁ ଓ ଅଘଟଣ କୁ ରୋକିବାକୁ ଦୋକାନ ସବୁ ଉଚ୍ଛେଦ କରାଯିବା ସହ ଦୋକାନୀ ଙ୍କୁ ପଛକୁ ସ୍ଥାନାନ୍ତର କରି ସୀମିତ ବା ନିର୍ଦ୍ଦିଷ୍ଟ ଜାଗା ବ୍ୟବସ୍ଥା କରାଯିବା କୁ ପୌର ପରିଷଦ ଅଧିକାରୀ ଙ୍କୁ ନିର୍ଦ୍ଦେଶ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, କନିଷ୍ଠ ଯନ୍ତ୍ରୀ କାହ୍ନୁ ଚରଣ ସ୍ୱାଇଁ, ଯୁବ ନେତା ପ୍ରଭାତ କିଶୋର ଦାନୀ, ପୌର ପରିଷଦ ଅମିନ ଓ ଅନେକ କର୍ମଚାରୀ ଉପସ୍ଥିତ ଥିଲେ।